- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ◆VOLUME- 44 ◆ISSUE-06 ◆TUESDAY ◆30 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୬ ◆ମଙ୍ଗଳବାର ◆୩୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ହାତୀ ବେଶରେ ଶ୍ରୀଜିଉ



# ସ୍ନାନବେଦୀରେ ମହାବାହୁ: ଆଜିଠୁ ଅଣସର ସେବା

■ପୁରୀ,୨୯।୬(ସମିସ): ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ନିଜ ଜନ୍ମ ତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ଦୁର୍ଲଭ ହାତୀବେଶ ଧାରଣ କରିଛନ୍ତି ଶ୍ରୀଜୀଉ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ▶ପୃଷ୍ଠା-୭

**ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି, ଆରମ୍ଭ ହେବ ଗୁପ୍ତ ସେବା**

**ଭକ୍ତଙ୍କ ଗହଳିରେ ଉଛୁଳିଲା ବଡ଼ଦାଣ୍ଡ**

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ୧୦୮ ସୁବାସିତ ଜଳରେ ସ୍ନାନ ହେଲେ ଚତୁର୍ଦ୍ଧାମୂର୍ତ୍ତି

■ ବାରିପଦା, ୨୯।୬ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ସୋମବାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଛି। ସକାଳ ୫:୩୦ରୁ ସ୍ନାନ ମଣ୍ଡପକୁ ଗୋଟି ପହଣ୍ଡିରେ ତିନି ଦିଅଁ ବିଜେ କରିବା ପରେ ଗଙ୍ଗାଙ୍କ ଆବାହନ କରାଯାଇ ଅମୃତ ସ୍ନାନ, ପଇଡ ▶ପୃଷ୍ଠା-୭



## ନିଅଣ୍ଟିଆ ବର୍ଷା; ଶୁଖିଗଲାଣି ଦେଶର ପ୍ରମୁଖ ଜଳଭଣ୍ଡାର

# ଓଡ଼ିଶା ଭଣ୍ଡାରରେ ୧୫% ପାଣି

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଏଥର ଏଲ୍-ନିନୋ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇପଡ଼ିଛି। କିଛି ଅଞ୍ଚଳକୁ ଛାଡ଼ିଦେଲେ ଦେଶର ପ୍ରାୟ ଅଧିକାଂଶ ସ୍ଥାନରୁ ବର୍ଷା ଗାଏବ ହୋଇଯାଇଛି। ଜୁନ ମାସରେ ଯେତେ ବର୍ଷା ହେବା କଥା, ତାହାର ମାତ୍ର ୪୨ ପ୍ରତିଶତ ହୋଇଛି। ୧୪୬ ବର୍ଷ ଇତିହାସରେ ଏଥର ଜୁନ୍ ମାସ ହେଉଛି ସବୁଠାରୁ ନୈରାଶ୍ୟଜନକ। ବର୍ଷା ନାହିଁ। ଚାଷୀ ଆକାଶକୁ ଚାହିଁ ବସିଛନ୍ତି। ଜଳସେଚନ ତ ଦୂରର କଥା ପିଇବା ପାଣି ପାଇଁ ମଧ ସଙ୍କଟ ଦେଖାଦେଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ଦେଶର ବଡ଼ ବଡ଼ ଜଳ ଭଣ୍ଡାର ଶୁଖିଗଲାଣି। ପରିସ୍ଥିତି ଏମିତି ହୋଇଛି ଯେ ଓଡ଼ିଶା ସମେତ ଦେଶର ୧୬୬ ବଡ଼ ବଡ଼ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି। ଉତ୍ତର ପ୍ରଦେଶ ଏବଂ ଉତ୍ତରଖାଣ୍ଡର ଦୁଇଟି ଜଳ ଭଣ୍ଡାରରେ ଆଦୌ ପାଣି ନାହିଁ। କେନ୍ଦ୍ରୀୟ ଜଳ କମିସନ ସୂତ୍ରରୁ ପ୍ରକାଶ ଯେ ଏହି ବଡ଼ ବଡ଼ ୧୬୬ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୮୩.୩୬ ବିଏମ୍‌ସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଏଥିରେ ମାତ୍ର ୪୮.୪୦ ବିଏମ୍‌ସି ଜଳ ଗଚ୍ଛିତ ରହିଛି। ଗତ ବର୍ଷ ଏହି ୧୬୬ଟି ▶ପୃଷ୍ଠା-୭

**୯୦ ଭାଗ ଜଳଭଣ୍ଡାରରେ ମାତ୍ର ୨୬% ପାଣି**

**୧୪୬ ବର୍ଷରେ ସବୁଠାରୁ ଖରାପ ସ୍ଥିତି**



## ମୌସୁମୀର ବଦମିଜାଜ୍

**୫ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା, ୭ ରାଜ୍ୟକୁ ଗ୍ରୀଷ୍ମ ଲହରୀ ଚେତାବନୀ**

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ବାୟୁ ଗତ ଜୁନ୍ ୨୪ ତାରିଖ ସୁଦ୍ଧା ଦେଶର ୨୨ଟି ରାଜ୍ୟକୁ ଛୁଇଁ ସାରିଥିବା ବେଳେ ଗତ ୫ ଦିନ ହେବ ଏହାର ଗତି ମନ୍ଥର ହୋଇଯାଇଛି। ଏହି କାରଣରୁ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଉତ୍ତର ପ୍ରଦେଶର ଅନେକ ଅଞ୍ଚଳରେ ମୌସୁମୀ ଆଗକୁ ବଢ଼ିପାରି ନାହିଁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ, ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ମୌସୁମୀ ▶ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି: ଓକିଲ ସଂଘର ଧମକ

# ଅଯୋଧ୍ୟା ଛାଡ଼ିବାକୁ ଚମ୍ପତଙ୍କୁ ଚେତାବନୀ

■ ଅଯୋଧ୍ୟା, ୨୯।୬(ଏଜେନ୍ସି): ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେମାନଙ୍କ ଛତ୍ରଛାୟାରେ ଅଭିଯୁକ୍ତମାନେ ମନ୍ଦିର ଟଙ୍କା ଓ ଅଳଙ୍କାର ଲୁଟି ଚାଲିଥିବା ବେଳେ ସେମାନଙ୍କ ପ୍ରତି ପ୍ରଶାସନର କୋହଳ ଆଭିମୁଖ୍ୟ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। ବିଶେଷ କରି ଟ୍ରଷ୍ଟ ସଂପାଦକ ଚଂପତ ରାୟଙ୍କ ଭୂମିକା ନେଇ ଏସ୍ଆଇଟି ସନ୍ଦେହ ପ୍ରକଟ କରିଛି। ଚଂପତ ରାୟ ଓ ଅନ୍ୟ ଦୁଇ କର୍ମକର୍ତ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଇନଜୀବୀମାନେ ବିରକ୍ତି ପ୍ରକାଶ କରିଛନ୍ତି। ତୁରନ୍ତ ଅଯୋଧ୍ୟା ଛାଡ଼ିବା ଲାଗି ସେମାନେ ଚଂପତ ରାୟ, ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ଚେତାବନୀ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ତିନି ଦିନର ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ଯଦି ସହର ନ ଛାଡ଼ନ୍ତି, ତେବେ ସମ୍ପୂର୍ଣ୍ଣ ଅଯୋଧ୍ୟାକୁ ଅବରୋଧ କରାଯିବ ଏବଂ ସହର ଭିତରକୁ କାହାକୁ ବି ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସଙ୍ଘ ଚେତାବନୀ ଦେଇଛି।

ଅଯୋଧ୍ୟାର ଫୈଜାବାଦ ବାର୍ ଆସୋସିଏସନ (ଓକିଲ ସଙ୍ଘ) ବୈଠକରେ ଆଜି ଏହି ଚେତାବନୀ ଦିଆଯାଇଛି। ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ପାଇଁ କୋର୍ଟରେ କୌଣସି ଓକିଲ ମାମଲା ଲଢ଼ିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନିୟମ ଭାଙ୍ଗିଲେ ସମ୍ପୃକ୍ତ ଓକିଲଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି। ମନ୍ଦିରର ଦାନ ଅର୍ଥ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୮ ଜଣ କର୍ମଚାରୀଙ୍କୁ ଟଙ୍କା ଚୋରି ଅଭିଯୋଗରେ ଗିରଫ କରାଯାଇ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ଓକିଲ ସଙ୍ଘର ସମ୍ପାଦକ ଶୈଳେନ୍ଦ୍ର ଜୈସୱାଲ କହିଛନ୍ତି ଯେ ଭକ୍ତମାନଙ୍କ ଦାନ ଅର୍ଥ ଚୋରି ହେବା ଦ୍ୱାରା ସମସ୍ତଙ୍କ ଆବେଗ ଆହତ ହୋଇଛି, ସେଥିପାଇଁ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଇତିମଧ୍ୟରେ ମନ୍ଦିର ଦାନ ବାକ୍ସରୁ ଅର୍ଥ ହେରଫେର୍ ମାମଲାରେ ଏକ ବଡ଼ ତଥା ଚାଞ୍ଚଲ୍ୟକର ଖୁଲାସା ▶ପୃଷ୍ଠା-୭

**ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିବେନି ଆଇନଜୀବୀ**

**ଚୋରି କଥା ଜାଣି ଚୁପ୍ ଥିଲେ ଚମ୍ପତ**



## ପଢ଼ା ବହିରେ ଭୁଲ୍‌ଭଟକା
# ସରକାରରେ ଗଣିତ ଗୋଳମାଳ

**ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କଥାରେ ନାହିଁ ତାଳମେଳ**

■ ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟ ଶାସନରେ କିଏ ବଡ଼ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ? ଏ କଥା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସ୍କୁଲ ବହିରେ ମାଳମାଳ ଭୁଲ ବାହାରିବା ପରେ ଚଳେଇବା ନ୍ୟାୟରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଅତି ହାଲୁକା ଭାବରେ ନେଇଥିଲେ। ଶିକ୍ଷକମାନେ ସଂଶୋଧନ କରି ପଢ଼ାଇଦେବେ ବୋଲି କହିଥିଲେ। ମାତ୍ର ଅଭିଯୋଗ ପରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ତ୍ରୁଟି ପାଇଁ ୪ ଜଣଙ୍କୁ ନିଲମ୍ବନ କରିବା ସହ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପିଲାଙ୍କଠାରୁ ଫେରସ୍ତ ଅଣାଯାଇ ସେମାନଙ୍କୁ ନୂଆ ବହି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୪ ଦିନ ପରେ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ପିଲାଙ୍କଠାରୁ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ ଅଣାଯିବ ନାହିଁ ବୋଲି କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ପିଲାଙ୍କୁ ନୂଆ ବହି ମିଳିବ ନା ଗଣଶିକ୍ଷାମନ୍ତ୍ରୀଙ୍କ କଥା ଅନୁସାରେ ତ୍ରୁଟି ଥିବା ବହିରେ ପ୍ୟାଚ ପକାଇ ପିଲାମାନେ ପଢ଼ିବେ ତାହାକୁ ନେଇ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି।

ଗତ ୨୫ ତାରିଖରେ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଠ୍ୟ ପୁସ୍ତକରେ ତ୍ରୁଟି ଏକ ଷଡ଼ଯନ୍ତ୍ର ବୋଲି କହିଥିଲେ। ଏହାର ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରାଯିବ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ଠାରୁ ବହି ଛପା ବାବଦ ଅର୍ଥ ମଧ୍ୟ ଭରଣା କରାଯିବ। ପିଲାଙ୍କୁ ନିର୍ଭୁଲ ଶିକ୍ଷାଦାନ ପାଇଁ ତ୍ରୁଟି ଥିବା ପୁସ୍ତକକୁ ଫେରସ୍ତ କରାଯିବ ଏବଂ ନୂତନ ପୁସ୍ତକ ମୁଦ୍ରଣ କରି ପିଲାଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ▶ପୃଷ୍ଠା-୭

**ଫେରାଇ ଅଣାଯିବ ତ୍ରୁଟିପୂର୍ଣ୍ଣ ବହି, ପିଲାଙ୍କୁ ଦିଆଯିବ ନୂଆ: ମୁଖ୍ୟମନ୍ତ୍ରୀ**

**ଶିକ୍ଷକଙ୍କୁ ଯୋଗାଇ ଦିଆଯିବ ସଂଶୋଧିତ ପାଠ୍ୟପୁସ୍ତକ: ଶିକ୍ଷାମନ୍ତ୍ରୀ**

## ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବହେଳା
# ଟ୍ରଲିରେ ଗଲା ମୃତଦେହ



■ ରାସଗୋବିନ୍ଦପୁର, ୨୯।୬ (ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ତକଡିଦା ଗ୍ରାମର ସୁରୁବାବୁ ନାଏକଙ୍କ ପୁଅ ସ୍ୱପ୍ନା ନାଏକ ଗତ ଏକମାସ ଧରି ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରାସଗୋବିନ୍ଦପୁର ▶ପୃଷ୍ଠା-୭

## କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ
# ୯ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): କେନ୍ଦ୍ର ସରକାରର ସମ୍ଭାବ୍ୟ କ୍ୟାବିନେଟ୍ ପୁନର୍ଗଠନକୁ ନେଇ ଦିଲ୍ଲୀର ରାଜନୈତିକ ମହଲ ସରଗରମ ହୋଇଛି। ବର୍ତ୍ତମାନର କେତେକ ମନ୍ତ୍ରୀଙ୍କ ବିଭାଗରେ ପରିବର୍ତ୍ତନ ହେବା ସହ ଅନେକ ନୂଆ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଏ ସମ୍ପର୍କରେ ଯଦିଓ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ, ତଥାପି ବିଜେପି ଓ ପ୍ରଶାସନିକ ମହଲରେ କିଛି ନାମ ଚର୍ଚ୍ଚାର ପରିଧିରେ ରହିଛି।

ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ (ଦ୍ୱିତୀୟ) ଶକ୍ତିକାନ୍ତ ଦାସଙ୍କ ନାମ ସବୁଠୁ ଚର୍ଚ୍ଚାରେ ରହିଛି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେଶର ଅର୍ଥନୀତି ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି। ବିମୁଦ୍ରାୟନ, ଜିଏସ୍‌ଟି ଲାଗୁ ସହ ଆର୍‌ବିଆଇ ଗଭର୍ଣ୍ଣର ଭାବରେ ତାଙ୍କର ଭୂମିକାକୁ ନେଇ ସେ ଚର୍ଚ୍ଚିତ ରହିଛନ୍ତି। ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ଅର୍ଥମନ୍ତ୍ରଣାଳୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଆସନ୍ତା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଅନୁରାଗଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି ଆଲୋଚନା ଚାଲିଛି।

ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ସାଂସଦ ଭି.ଡି. ଶର୍ମା ମଧ୍ୟ ସମ୍ଭାବ୍ୟ ମନ୍ତ୍ରୀ ଭାବରେ ଚର୍ଚ୍ଚାରେ ଅଛନ୍ତି। ଶ୍ରୀ ଶର୍ମା ମଧ୍ୟପ୍ରଦେଶ ବିଜେପି ସଭାପତି ଥିବାବେଳେ ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ସମସ୍ତ ୨୯ଟି ଆସନ ବିଜେପି ଜିତିଥିଲା। ତାଙ୍କ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସରେ ବିଭାଜନର ନେତୃତ୍ୱ ▶ପୃଷ୍ଠା-୭

**ଅରୁଣ ଗୋଭିଲ, ତରୁଣ ଚୁଘ, କାକୋଲି ଘୋଷଙ୍କୁ ମିଳିବ ମନ୍ତ୍ରୀ ପଦ!**

**ପ୍ରହ୍ଲାଦ ଯୋଶୀ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିପାରେ ଅଧିକ ଗୁରୁତ୍ୱ**

## ଦୁର୍ନୀତି ମାମଲାରେ ପୂର୍ବତନ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ
# ପେନ୍‌ସନ୍ ବନ୍ଦ ସହ ଦୁଇ ବର୍ଷ ଜେଲ୍ ଦଣ୍ଡାଦେଶ

■ବାରିପଦା, ୨୯।୬ (ସମିସ): ଆୟବହିର୍ଭୂତ ସମ୍ପତ୍ତି ଠାବ ମାମଲାରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସୋମବାର ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ମୟୂରଭଞ୍ଜ ଉଠା ଜଳସେଚନ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଗଙ୍ଗାଧର ମହାନ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନା ମୁତାବକ, ଭ୍ରଷ୍ଟାଚାର ନିବାରଣ ଆଇନ (ପିସି ଆକ୍ଟ ୧୯୮୮) ର ଧାରା ୧୩(୨) ଓ ୧୩(୧)(ଇ) ସହ ଆଇପିସି ଧାରା ୧୦୯ ଅଧୀନରେ ଓଡ଼ିଶା ଭିଜିଲାନ୍ସ ଗଙ୍ଗାଧରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ସୋମବାର ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ୍ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୧ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ରାୟ ପ୍ରକାଶ ପାଇବା ପରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବାରୁ ଅବସରପ୍ରାପ୍ତ ଯନ୍ତ୍ରୀ ଗଙ୍ଗାଧର ମହାନ୍ତଙ୍କ ପେନସନ୍ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ସୁପାରିଶ କରିବ ବୋଲି ଜଣାପଡ଼ିଛି। ସରକାରୀ ସ୍ତରରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସର ଏହି କାର୍ଯ୍ୟାନୁଷ୍ଠାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ରମାଦେବୀ ଛାତ୍ରୀ ଝରାଫୁଲ ହତ୍ୟା ମାମଲା
# ଅଭିଯୁକ୍ତକୁ ଆଜୀବନ ଜେଲ୍, ୧ ଲକ୍ଷ ଜରିମାନା

■ ଯାଜପୁର/ଯାଜପୁରଟାଉନ, ୨୯।୬ (ସମିସ): ବହୁ ଚର୍ଚ୍ଚିତ ଝରାଫୁଲ ହତ୍ୟା ଘଟଣାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ରାକେଶ ସ୍ୱାଇଁକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଜେଲ୍ ଏବଂ ସହଯୋଗୀ ଅମରେଶ ରାଉତକୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ୩ମାସ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବୁଦ୍ଧେଇପୋଷୀ ଗ୍ରାମର ଝରାଫୁଲ ନାଏକ (ଝିଲ୍ଲି) ନାମ୍ନୀ ଜଣେ ଯୁବତୀ ଭୁବନେଶ୍ୱର ରମାଦେବୀ କଲେଜରେ ଯୁକ୍ତ ୨ ପଢୁଥିଲେ। କରୋନା ସମୟରେ ସେ ଗାଁକୁ ଆସିଥିବା ବେଳେ ଭୁବନେଶ୍ୱରର ରାକେଶ ସ୍ୱାଇଁ (୨୬) ଝରାଫୁଲଙ୍କ ଗାଁରେ ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୨୦୨୧ ମସିହା ଜାନୁଆରୀ ୨୬ ତାରିଖରେ ଝରାଫୁଲଙ୍କ କେୟାରଟେକର ଚକ୍ରଧର ନାୟକଙ୍କ ଝିଅ ଜନ୍ମଦିନରେ ଝରାଫୁଲ ଭୁବନେଶ୍ୱର ଯାଇଥିଲେ। ଜନ୍ମଦିନ ସାରିବା ପରେ ଚକ୍ରଧର ଝରାଫୁଲଙ୍କୁ ଘରକୁ ଯିବା ପାଇଁ ଜୟଦେବ ବିହାରରେ ବସ୍‌ରେ ବସାଇ ଦେଇଥିଲେ। କିନ୍ତୁ ଝରାଫୁଲ ବାଣୀବିହାର ଛକରେ ଓହ୍ଲାଇ ରାକେଶ ସହିତ ଦେଖା କରିଥିଲେ। ଉଭୟ ମିଶି ଏକ ହୋଟେଲରେ ଖାଇବା ପରେ ଖଣ୍ଡଗିରି ସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ରାତିରେ ହୋଟେଲରେ ଝରାଫୁଲର ମୃତ୍ୟୁ ଘଟିଥିଲା। ସକାଳୁ ରାକେଶ ତା' ସହଯୋଗୀ ଅମରେଶ ରାଉତ ସହିତ ଏକ ସ୍କୁଟିରେ ଝରାଫୁଲର ମୃତଦେହକୁ ସ୍କୁଟିରେ ଭୁବନେଶ୍ୱରରୁ ଆଣି ଯାଜପୁର କୁଆଖିଆ ରାସ୍ତାର ମୂଳାପାଳ-ରାଜେନ୍ଦ୍ରପୁର ମଝିରେ ଫୋପାଡ଼ି ପଳାଇ ଯାଇଥିଲେ। ଝିଅ ଘରେ ନ ଫେରିବାରୁ ପରିବାର ଲୋକେ ଝିଅର ଫୋନକୁ କଲ୍ କରିଥିଲେ; କିନ୍ତୁ ଝିଅର ଫୋନ୍ ବନ୍ଦ ଥିଲା। ବହୁତ ଖୋଜାଖୋଜି ପରେ ଝରାଫୁଲର ମୃତଦେହ ଠାବ ହୋଇଥିଲା। ଏ ନେଇ ଝରାଫୁଲର ବାପା ରମାକାନ୍ତ ନାୟକ କୁଆଖିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି କୁଆଖିଆ ପୁଲିସ କେଶ ନଂ.୩୨/୨୧ରେ ଏକ ମାମଲା ରୁଜୁ କରି ତତ୍କାଳୀନ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ତଦନ୍ତ କରିବା ସହ ଡିଏସ୍‌ପି ଚିନ୍ମୟ ନାୟକ ତଦନ୍ତରେ ସାମିଲ ହୋଇଥିଲେ। ମାମଲାର ଶେଷ ପର୍ଯ୍ୟାୟରେ ଯାଜପୁର ରୋଡ୍ ▶ପୃଷ୍ଠା-୭

**ସହଯୋଗୀକୁ ୫ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଜରିମାନା**





# ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲା : ୬୫ ବର୍ଷୀୟ ବୃଦ୍ଧଙ୍କୁ ମୃତ୍ୟୁଦଣ୍ଡ



ପୁଣେ, ୨୯ ।୬(ଏଜେନ୍ସି): ଏକ ୩ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ଅତି ବର୍ବର ଭାବେ ଦୁଷ୍କର୍ମ ଓ ହତ୍ୟା କରିବା ମାମଲାରେ ସୋମବାର ପୁଣେର ଏକ ଅଦାଲତ ଅଭିଯୁକ୍ତ ୬୫ ବର୍ଷୀୟ ଭୀମରାଓ କାମ୍ବଲେଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହି ଘଟଣାକୁ ସମାଜର ବିବେକକୁ ଦୋହଲାଇ ଦେଇଥିବା ଏକ ବିରଳରୁ ଅତି ବିରଳ ମାମଲା ବୋଲି ଦର୍ଶାଇ କୋର୍ଟ ଅଭିଯୁକ୍ତ ପ୍ରତି କୌଣସି କୋହଳ ମନୋଭାବ ଦେଖାଇବାକୁ ମନା କରିଦେଇଛନ୍ତି । ପୁଣେ ଜିଲ୍ଲା ଓ ଦୌରା ଜଜ୍ ଏସଆର ସାଲୁଙ୍କେ ଏହି ଐତିହାସିକ ରାୟ ଶୁଣାଇଛନ୍ତି । ଗତ ମେ ୧ ତାରିଖରେ ପୁଣେ ଜିଲ୍ଲାର ନାସରାପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଥିଲା । ପୁଲିସ୍ ତଦନ୍ତ ଅନୁସାରେ, ଅଭିଯୁକ୍ତ ଭୀମରାଓ ଶିଶୁଟିକୁ ଖାଇବା ଜିନିଷ ଦେବା ଏବଂ ଗାଈର ନବଜାତ ବାଛୁରୀ ଦେଖାଇବା ବାହାନାରେ ପ୍ରଲୋଭିତ କରି ଏକ ଗୁହାଳ ଘରକୁ ନେଇଯାଇଥିଲେ । ସେଠାରେ ସେ ଶିଶୁଟିକୁ ଦୁଷ୍କର୍ମ କରିବା ସହ ତାର ପାଟି ବନ୍ଦ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଶିଶୁଟି ନିଖୋଜ ହେବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ସ୍ଥାନୀୟ ସିସିଟିଭି ଚିତ୍ର ସାହାଯ୍ୟରେ ପୁଲିସ୍ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଥିଲା । ପୂର୍ବରୁ ମଧ୍ୟ ଅଭିଯୁକ୍ତ ଜଣକ ଏକ ଯୌନ ନିର୍ଯାତନା ମାମଲାରେ ସମ୍ପୃକ୍ତ ଥିଲେ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ପୁଲିସ୍ ମାତ୍ର ୧୫ ଦିନ ମଧ୍ୟରେ ସମସ୍ତ ପ୍ରମାଣ ସଂଗ୍ରହ କରି ୧୨୦୦ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଥିଲା ଏବଂ କୋର୍ଟରେ ୫୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ପ୍ରତିଦିନ ଏହି ମାମଲାର ବନ୍ଦ କୋଠରୀରେ ଶୁଣାଣି ଚାଲିଥିଲା । ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏଭଳି ଅପରାଧୀଙ୍କ ପାଇଁ ସମାଜରେ କୌଣସି ସ୍ଥାନ ନାହିଁ ଏବଂ ସେ ତ୍ୱରିତ ତଦନ୍ତ ପାଇଁ ପୁଣେ ପୁଲିସ୍‌କୁ ପ୍ରଶଂସା କରିଛନ୍ତି ।

# ରାତ୍ରି ଭୋଜନ ପାଇଁ ଡାକି ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୨୯ ।୬ (ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁରେ ବିବାହ ପ୍ରସ୍ତାବକୁ ନେଇ ବିବାଦ ଉଗ୍ର ରୂପ ନେଇଛି । ଏହାପରେ ଜଣେ ଯୁବକ ତାଙ୍କର ୨୩ ବର୍ଷୀୟା ପ୍ରେମିକାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ଅତି ନିର୍ମମ ଭାବେ ଛୁରି ଭୁସି ହତ୍ୟା କରିଛନ୍ତି । ମୃତ ଯୁବତୀଙ୍କ ନାମ ଅଞ୍ଜଳି ବୋଲି ଜଣାପଡ଼ିଛି । ଗତ ରବିବାର ରାତି ପ୍ରାୟ ୯:୩୦ ସମୟରେ ଏହି ହତ୍ୟାକାଣ୍ଡ ଘଟିଛି । ପୁଲିସ ସୂଚନା ଅନୁଯାୟୀ, ଅଞ୍ଜଳି ଏବଂ ଅଭିଯୁକ୍ତ ରାଜୀବ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ ଏବଂ ବିଗତ ୩ ରୁ ୪ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ହେଲେ ରାଜୀବଙ୍କ ପରିବାର ଓ ଆର୍ଥିକ ପୃଷ୍ଠଭୂମିକୁ ନେଇ ଅଞ୍ଜଳିଙ୍କ ପରିବାର ଲୋକେ ଏହି ବିବାହକୁ ବିରୋଧ କରୁଥିଲେ । ପରିବାର ଲୋକଙ୍କ ଚାପରେ ଆସି ଅଞ୍ଜଳି କିଛି ଦିନ ହେବ ରାଜୀବଙ୍କୁ ଦେଖା ନ କରି ଏଡ଼ାଇ ଚାଲିଥିଲେ । ରବିବାର ସନ୍ଧ୍ୟାରେ ରାଜୀବ ତାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ପୁଣି ଥରେ ବିବାହ ପ୍ରସଙ୍ଗ ଉଠାଇଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅଞ୍ଜଳି ସେଠାରୁ ଚାଲିଯିବାକୁ ଚେଷ୍ଟା କରିବା ବେଳେ ରାଜୀବ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ନିଜ ପାଖରେ ରଖିଥିବା ଛୁରିରେ ବେକକୁ ଆଘାତ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଅଞ୍ଜଳିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମାତ୍ର କିଛି ମିନିଟ୍ ମଧ୍ୟରେ ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରିଛି । ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମଏସ ରାମାୟା ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ଏହି ଘଟଣାର ଅଧିକ ତଦନ୍ତ କରୁଛି ।

# ଜର୍ମାନୀରେ ଆତତାୟୀର ଗୁଳିବର୍ଷଣ; ୫ ନିହତ



ବର୍ଲିନ୍, ୨୯ ।୬(ଏଜେନ୍ସି): ଉତ୍ତର ଜର୍ମାନୀର ଷ୍ଟାଡେ ସହରରେ ଏକ ସାଙ୍ଘାତିକ ଗୁଳିକାଣ୍ଡ ଘଟିଛି । ଏହି ସଶସ୍ତ୍ର ଆକ୍ରମଣରେ ଅତିକମରେ ପାଞ୍ଚ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ସ୍ଥାନୀୟ ପୁଲିସ ପ୍ରବକ୍ତା ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ରଏଟର୍ସକୁ ସୂଚନା ଦେଇଛନ୍ତି । ଆତତାୟୀ କେଉଁ ଉଦ୍ଦେଶ୍ୟରେ ଏଭଳି ବର୍ବରକାଣ୍ଡ ଭିଆଇଛି, ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସୂଚନା ଅନୁଯାୟୀ, ଗୁଳିକାଣ୍ଡ ସମ୍ପର୍କରେ ଖବର ପାଇବା ମାତ୍ରେ ହିଁ ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବାହିନୀ ଘଟଣାସ୍ଥଳକୁ ସିଲ୍ କରି ସଶସ୍ତ୍ର ଚଢ଼ାଉ ଆରମ୍ଭ କରିଛନ୍ତି । ଆକ୍ରମଣକାରୀ ସେଠାରୁ ଫେରାର୍ ହୋଇଛି କିମ୍ବା ପୁଲିସ ପକ୍ଷରୁ ତାକୁ ଆୟତ୍ତ କରାଯାଇଛି, ସେ ନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି । ଘଟଣାଟି ସମ୍ପୂର୍ଣ୍ଣ ଭାବେ ନୂତନ ହୋଇଥିବାରୁ ଏବଂ ଅନୁସନ୍ଧାନ ଜାରି ରହିଥିବାରୁ ମୃତକମାନଙ୍କର ପରିଚୟ ଏବଂ ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ପୁଲିସ ପକ୍ଷରୁ ମାମଲାର ପରବର୍ତ୍ତୀ ବିବରଣୀ ଏବଂ ସରକାରୀ ସୂଚନାକୁ ଅପେକ୍ଷା କରାଯାଇଛି ।

# ୭ଟି ରାଜ୍ୟରେ ଗ୍ରୀଷ୍ମପ୍ରବାହ: ୪୦ ଡିଗ୍ରୀ ଟପିଲା ପାରଦ

ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଦେଶର ୭ଟି ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର ଏବଂ ଗୁଜରାଟର ଅନେକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଛି । ରାଜସ୍ଥାନର ଫଲୋଦୀଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ପୂର୍ବ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ସେହିପରି ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ସିକିମ୍, ଗୋଆ, ତେଲେଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଲଗାତାର ୫ମ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରାଯାଇଛି । ଇତିମଧ୍ୟରେ ବର୍ଷା ବିପର୍ଯ୍ୟୟ ଜନିତ ଦୁର୍ଘଟଣାରେ ମଧ୍ୟପ୍ରଦେଶର ବଡ଼ୱାନୀ ଜିଲ୍ଲାରେ ବନ୍ୟା ପାଣିରେ ଜଣେ ଟ୍ରାକ୍ଟର ଚାଳକ ଭାସିଯାଇ ନିଖୋଜ ଅଛନ୍ତି । ସେହିପରି ଛତିଶଗଡ଼ର ବେମେତରା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଏକ ମାଟିଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଛି ଏବଂ ସୁକମା ଜିଲ୍ଲାରେ ବଜ୍ରପାତ ଯୋଗୁଁ ଜଣଙ୍କର ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଛନ୍ତି ।

# ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା ତମାସା



## ଯୁଦ୍ଧ... ବିରତି-ଯୁଦ୍ଧ... ବିରତି

■ ଯୁଦ୍ଧବିରତି ପାଇଁ ସହମତି
■ କାତାରରେ ହେବ ଆଲୋଚନା

ୱାସିଂଟନ୍, ୨୯ ।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଗତ କିଛି ଦିନ ହେବ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ଏବଂ ଇରାନ ସାମୟିକ ଭାବେ ଯୁଦ୍ଧ ବନ୍ଦ କରିବାକୁ ସହମତି ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଆସନ୍ତା ମଙ୍ଗଳବାର ଦିନ କାତାରର ଦୋହାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ । ଆମେରିକା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ବେଳେ ଇରାନ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବକ୍ତବ୍ୟ ଜାରି କରିନାହିଁ । ମାତ୍ର ୧୧ ଦିନ ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ୬୦ ଦିନିଆ ଯୁଦ୍ଧବିରତି ଓ ଶାନ୍ତି ଆଲୋଚନା ପାଇଁ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ସାମରିକ ଚୁକ୍ତି ଅନୁଯାୟୀ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଅନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ଯାତାୟାତର ସୁଯୋଗ ଦେବ ଏବଂ ଏହାର ବଦଳରେ ଆମେରିକା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବ । ମାତ୍ର ଚୁକ୍ତିର ସର୍ତ୍ତାବଳୀକୁ ଭିନ୍ନ ଭାବେ ବ୍ୟାଖ୍ୟା କରି ଗତ କିଛି ଦିନ ହେବ ଦୁଇ ଦେଶର ସେନା ମଧ୍ୟରେ ଗୁଳିବିନିମୟ ହୋଇଥିଲା, ଯାହା ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଥିଲା । ଗତ ସପ୍ତାହରେ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ଆଲୋଚନା ସମୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇରାନ ସେନା ସହ ଯୋଗାଯୋଗ ରକ୍ଷା ପାଇଁ ଏକ ଜରୁରୀକାଳୀନ ସିଧାସଳଖ ଫୋନ୍ ସେବା ବା ‘ହଟଲାଇନ୍’ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଶନିବାର ସୁଦ୍ଧା ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏହି ସମୟ ମଧ୍ୟରେ ଇରାନ ପକ୍ଷରୁ ଓମାନ ସୀମା ନିକଟରେ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଦୁଇ ଦୁଇ ଥର ଆକ୍ରମଣ କରାଯାଇଥିଲା, ଯାହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ସାମରିକ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ । ଆମେରିକା ନୌସେନା ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନର ସୂଚନା ଅନୁଯାୟୀ, ଉତ୍ତେଜନା ସତ୍ତ୍ୱେ ଗତ ୭୨ ଘଣ୍ଟା ମଧ୍ୟରେ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଜାରି ରହିଛି । ଆମେରିକା ସେନାର ସହାୟତାରେ ପ୍ରାୟ ୮୯ଟି ବାଣିଜ୍ୟିକ ଜାହାଜ ସୁରକ୍ଷିତ ଭାବେ ଗତି କରିଛନ୍ତି, ଯଦିଓ ଏହା ଦୈନିକ ହାରାହାରି ୧୩୮ ଜାହାଜ ଚଳାଚଳ ତୁଳନାରେ ଯଥେଷ୍ଟ କମ୍ ଅଟେ । ବର୍ତ୍ତମାନ ଆଲୋଚନା ପାଇଁ ଦୁଇ ପକ୍ଷ ସାମରିକ କାର୍ଯ୍ୟକଳାପ ବନ୍ଦ ରଖିବାକୁ ରାଜି ହୋଇଛନ୍ତି । ଜାଗତିକ ଶକ୍ତି ଯୋଗାଣ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ଯୁଦ୍ଧ ସ୍ଥିତି ସମଗ୍ର ବିଶ୍ୱର ଚିନ୍ତା ବଢ଼ାଇ ଦେଇଥିଲା । କାତାରର ଦୋହାଠାରେ ହେବାକୁ ଥିବା ବୈଠକରେ ଯଦି ଦୁଇ ଦେଶ କୌଣସି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବାରେ ସଫଳ ହୁଅନ୍ତି, ତେବେ ବିଶ୍ୱ ବଜାର ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇପାରିବ ।

# ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ, ବିହାର ରାଜ୍ୟପାଳ



ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତ ପକ୍ଷରୁ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟଦ ଅତା ହସନେନ ଯୋଗଦେବେ । ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ସମୟ ଅଭାବରୁ ଭାରତୀୟ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । ଆସନ୍ତା ଜୁଲାଇ ୪ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ସହରରେ ଏହି ଅନ୍ତ୍ୟେଷ୍ଟି ପ୍ରକ୍ରିୟା ଚାଲିବ ଏବଂ ଶେଷରେ ମସହାଦ ସହରରେ ତାଙ୍କୁ ସମାଧି ଦିଆଯିବ । ଗତ ଫେବୃଆରୀ ୨୮ ତାରିଖରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବିମାନ ଆକ୍ରମଣରେ ୮୬ ବର୍ଷୀୟ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା । ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ଅନ୍ତ୍ୟେଷ୍ଟିକ୍ରିୟା ବିଳମ୍ବରେ କରାଯାଉଛି, ଯେଉଁଥିରେ ପ୍ରାୟ ଦୁଇ କୋଟି ଶୋକାକୁଳ ଜନସାଧାରଣ ଏବଂ ବିଶ୍ୱର ଅନେକ ନେତା ସାମିଲ ହେବାର ସମ୍ଭାବନା ରହିଛି । ସେହିପରି ଏହି ଆକ୍ରମଣରେ ଆହତ ହୋଇଥିବା ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ବଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି ।

# ଯେକୌଣସି ସମୟରେ ନିର୍ବାଚନ: ଷ୍ଟାଲିନ୍



ଚେନ୍ନାଇ, ୨୯ ।୬(ଏଜେନ୍ସି): ତାମିଲନାଡୁରେ ଏକ ବଡ଼ ରାଜନୈତିକ ହଲଚଲ ମଧ୍ୟରେ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ ନିଜ ଦଳୀୟ କର୍ମୀମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି । ଚେନ୍ନାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ରାଜ୍ୟରେ ଆସନ୍ତା ତିନି କିମ୍ବା ଛଅ ମାସ ମଧ୍ୟରେ ଯେକୌଣସି ସମୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇପାରେ । ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ସରକାରକୁ ଏକ ଦୁର୍ବଳ ‘ସଂଖ୍ୟାଲଘୁ’ ସରକାର ବୋଲି ଦର୍ଶାଇ ଷ୍ଟାଲିନ କହିଛନ୍ତି ଯେ, ଏହି ସରକାର ନିଜ ବଳରେ ସଂଖ୍ୟାଗରିଷ୍ଠତା ହାସଲ କରିନାହିଁ । ଟିଭିକେ ପାଖରେ ମାତ୍ର ୧୦୮ଟି ଆସନ ରହିଛି, ଯାହା ବହୁମତ ସଂଖ୍ୟା ୧୧୮ଠାରୁ କମ୍ । ଅନ୍ୟ ଦଳଗୁଡ଼ିକର ସହଯୋଗରେ ଚାଲିଥିବା ଏହି ଶାସନ ଗାଡ଼ି ଯେକୌଣସି ମୋଡ଼ରେ ଅଟକି ଯାଇପାରେ । ସେହିପରି ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ମଧ୍ୟ ବର୍ତ୍ତମାନର ସରକାରକୁ ସମାଲୋଚନା କରି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି । ଷ୍ଟାଲିନ ଦଳୀୟ କର୍ମୀମାନଙ୍କୁ ଏବେଠାରୁ ହିଁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ନଦୀରୁ ସ୍ୱାମୀ, ସ୍ତ୍ରୀ ଓ ଦୁଇ ଶିଶୁଙ୍କ ମୃତଦେହ ଉଦ୍ଧାର

ଏର୍ନାକୁଲମ, ୨୯ ।୬(ଏଜେନ୍ସି): କେରଳର କୋଠାମଙ୍ଗଲମ ଅଞ୍ଚଳରେ ଥିବା ମୁଭାଟ୍ଟୁପୁଝା ନଦୀରୁ ଜଣେ ଦମ୍ପତି ଏବଂ ସେମାନଙ୍କର ଦୁଇ ନାବାଳକ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ସମ୍ପୂର୍ଣ୍ଣ ପରିବାର ଗତ ଜୁନ୍ ୨୫ ତାରିଖରୁ ନିଖୋଜ ଥିଲେ । ପୁଲିସ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ନଦୀର ଭିନ୍ନ ଭିନ୍ନ ସ୍ଥାନରୁ ଏହି ଚାରୋଟି ମୃତଦେହ ମିଳିଛି । ମୃତକମାନେ ହେଲେ ନାରାୟଣନ, ତାଙ୍କର ଦୃଷ୍ଟିହୀନ ପତ୍ନୀ ବିଜୀ ଏବଂ ଦୁଇ ସନ୍ତାନ । ଏହି ପରିବାର କୋଠାମଙ୍ଗଲମରେ ଏକ ଭଡ଼ା ଘରେ ରହୁଥିଲେ ଏବଂ ଦୀର୍ଘ ଦିନ ଧରି ପ୍ରବଳ ଆର୍ଥିକ ଅନାଟନ ଓ ମାନସିକ ଚିନ୍ତା ଦେଇ ଗତି କରୁଥିଲେ । ୪୫ ଦିନ ପୂର୍ବରୁ ଘରମାଲିକ ସେମାନଙ୍କୁ ଘର ଖାଲି କରିବାକୁ ନୋଟିସ ଦେଇଥିଲେ । ପୁଲିସ ସେମାନଙ୍କୁ ଖାଦ୍ୟ ଓ ସାମଗ୍ରୀ ଯୋଗାଇବା ସହ ଏକ ନୂଆ ଭଡ଼ା ଘରର ବ୍ୟବସ୍ଥା ମଧ୍ୟ କରିଥିଲା । ଯେଉଁଦିନ ପରିବାରଟି ନୂଆ ଘରକୁ ଯିବାର ଥିଲା, ସେହିଦିନ ହିଁ ସେମାନେ ନିଖୋଜ ହୋଇଯାଇଥିଲେ । ସେମାନଙ୍କୁ ଶେଷ ଥର ପାଇଁ ଏକ ରେଷ୍ଟୋରାଁ ନିକଟରେ ଚାଲି ଚାଲି ଯାଉଥିବାର ସିସିଟିଭି ଚିତ୍ର ମିଳିଛି । ଆର୍ଥିକ ସଙ୍କଟ ସହ୍ୟ ନକରିପାରି ପୂର୍ବ ଯୋଜନା ଅନୁଯାୟୀ ପରିବାର ସହ ନଦୀକୁ ଡେଇଁ ସେମାନେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି ।

# ସ୍ତ୍ରୀ, ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା; ବ୍ୟବସାୟୀଙ୍କ ଆତ୍ମହତ୍ୟା



ଫରିଦାବାଦ, ୨୯ ।୬(ଏଜେନ୍ସି): ହରିଆଣାର ଫରିଦାବାଦ ଅନ୍ତର୍ଗତ ବଲ୍ଲଭଗଡ଼ ଅଞ୍ଚଳରେ ଜଣେ ୨୮ ବର୍ଷୀୟ ପୋଷାକ ବ୍ୟବସାୟୀ ନିଜ ଦୋକାନ ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ୍ୟୁ ପୂର୍ବରୁ ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଅପଲୋଡ୍ କରି ନିଜ ପତ୍ନୀ ଏବଂ ଶ୍ୱଶୁର ଘର ଲୋକଙ୍କ ଉପରେ ଗୁରୁତର ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ମୃତ ବ୍ୟବସାୟୀଙ୍କ ନାମ ରାହୁଲ ବୋଲି ଜଣାପଡ଼ିଛି । ଭିଡିଓରେ ରାହୁଲ କହିଛନ୍ତି ଯେ ଦୁଇ ବର୍ଷ ପୂର୍ବେ ସେ ପ୍ରେମ ବିବାହ କରିଥିଲେ ମଧ୍ୟ ସ୍ତ୍ରୀ, ଶ୍ୱଶୁର, ଶାଶୁ ଓ ଶାଳୀ ତାଙ୍କୁ କ୍ରମାଗତ ଭାବେ ନିର୍ଯାତନା ଦେଇ ଆସୁଥିଲେ । ସେ ଘରର ସମସ୍ତ କାମ ଯଥା- ଝାଡୁ, ପୋଛା ଓ ବାସନ ମାଜିବା କରୁଥିଲେ ମଧ୍ୟ ସ୍ତ୍ରୀ ତାଙ୍କୁ ମାଡ଼ ମାରୁଥିଲେ ଏବଂ ଅଲଗା ରହିବାକୁ ବାଧ୍ୟ କରୁଥିଲେ । ଦୁଇ ଦିନ ପୂର୍ବରୁ ସ୍ତ୍ରୀ ତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ମଧ୍ୟ ରୁଜୁ କରିଥିଲେ, ଯାହା ଯୋଗୁଁ ସେ ପ୍ରବଳ ମାନସିକ ଚିନ୍ତାରେ ଥିଲେ ।

# ପାକିସ୍ତାନ ଆକ୍ରମଣରେ ୩୫ ଆଫଗାନ ନାଗରିକ ମୃତ



ଇସଲାମାବାଦ, ୨୯ ।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ପାକିସ୍ତାନୀ ବାୟୁସେନା ପକ୍ଷରୁ ହୋଇଥିବା ଏକ ଜଘନ୍ୟ ‘ଡବଲ୍-ଟାପ୍’ ବିମାନ ଆକ୍ରମଣରେ ଶିଶୁ ଓ ମହିଳାଙ୍କ ସମେତ ଅତିକମ୍‌ରେ ୩୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନର ତାଲିବାନ ସରକାର ଏହି ଆକ୍ରମଣକୁ ଅତି ବର୍ବର ଏବଂ କାପୁରୁଷୋଚିତ ବୋଲି କହି ପ୍ରତିବାଦ କରିଛନ୍ତି । ସୂଚନା ଅନୁଯାୟୀ, ଗତ ମଧ୍ୟରାତ୍ରିରେ ପାକିସ୍ତାନୀ ଯୁଦ୍ଧବିମାନଗୁଡ଼ିକ ଆଫଗାନିସ୍ତାନର ପାକ୍ତିକା, ପାକ୍ତିଆ ଏବଂ କୁନାର ପ୍ରଦେଶର ଆବାସିକ ଅଞ୍ଚଳ ଉପରେ ପ୍ରଥମେ ବୋମା ବର୍ଷଣ କରିଥିଲେ । ଏହାର ପ୍ରାୟ ୨୫ ମିନିଟ୍ ପରେ, ଯେତେବେଳେ ସ୍ଥାନୀୟ ଗ୍ରାମବାସୀ ଧ୍ୱଂସାବଶେଷ ତଳୁ ଆହତ ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରୁଥିଲେ, ସେହି ସମୟରେ ପାକିସ୍ତାନୀ ସେନା ପୁନର୍ବାର ସେହି ସ୍ଥାନ ଉପରେ ଦ୍ୱିତୀୟ ବୋମାମାଡ଼ କରିଥିଲା । ସାମରିକ ଭାଷାରେ ଏହାକୁ ‘ଡବଲ୍-ଟାପ୍’ କୁହାଯାଏ, ଯାହା ଉଦ୍ଧାରକାରୀ ଦଳକୁ ଲକ୍ଷ୍ୟ କରି କରାଯାଇଥିବାରୁ ମୃତ୍ୟୁସଂଖ୍ୟା ବହୁତ ବଢ଼ିଯାଇଛି । ଅନ୍ୟପକ୍ଷରେ, ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାର୍ ଏହି ଆକ୍ରମଣକୁ ସ୍ୱୀକାର କରି ଦାବି କରିଛନ୍ତି ଯେ ଏହା ଆଫଗାନିସ୍ତାନ ସୀମାରେ ଲୁଚି ରହିଥିବା ଜମାତ-ଉଲ୍-ଅହରାର୍ ଏବଂ ଟିଟିପି ଆତଙ୍କବାଦୀ ସଙ୍ଗଠନ ବିରୋଧରେ ଏକ ସଠିକ୍ ସାମରିକ କାର୍ଯ୍ୟାନୁଷ୍ଠାନ ଥିଲା ।

# ଭେନେଜୁଏଲା ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୫୦ ଟପିଲା

କାରାକାସ୍, ୨୯ ।୬(ଏଜେନ୍ସି): ଶକ୍ତିଶାଳୀ ଦୁଇଟି ଭୂକମ୍ପ ଝଟକା ପରେ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ସ୍ଥିତି ଅତି ସଙ୍ଗିନ ହୋଇପଡ଼ିଛି । ବିପର୍ଯ୍ୟୟର ୭୨ ଘଣ୍ଟା ବିତିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାରିକୁ ଜୀବିତ ଉଦ୍ଧାର କରିବା ଆଶା ଏବେ ମଉଳିବାରେ ଲାଗିଛି । ସରକାରୀ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୧, ୪୫୦ ଟପିଥିବା ବେଳେ ୩, ୧୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଦେଶର ପ୍ରାୟ ୨୦୦ରୁ ଅଧିକ ବହୁତଳ ପ୍ରାସାଦ ଓ କୋଠାବାଡ଼ି ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି । ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ୭.୨ ଏବଂ ୭.୫ ତୀବ୍ରତାର ଏହି ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ଏବଂ ଉପକୂଳବର୍ତ୍ତୀ ସହର ଲା ଗୁଆଇରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ପ୍ରଶାସନର ମନ୍ଥର ଉଦ୍ଧାର କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକେ ନିଜ ହାତରେ ମାଟି ଓ କଂକ୍ରିଟ୍ ଖୋଳି ନିଜ ସମ୍ପର୍କୀୟମାନଙ୍କୁ ଖୋଜୁଛନ୍ତି ।

# ସପିଙ୍ଗ୍ ବାହାନାରେ କେତନଠାରୁ କୋଟିଏ ଆଣି ପ୍ରେମିକକୁ ଦେଇଥିଲା ସିୟା



ପୁଣେ, ୨୯ ।୬(ଏଜେନ୍ସି): ପୁଣେର ପ୍ରସିଦ୍ଧ ଲୋହଗଡ଼ ଦୁର୍ଗରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟା ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ବିବାହ ପାଇଁ କିଣାକିଣି କରିବା ବାହାନାରେ ତାଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ନେଇଥିଲେ ଏବଂ ସେହି ଅର୍ଥକୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଦେଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ପରେ ଦୁହେଁ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲେ । ଗତକାଲି ପୁଲିସଙ୍କ ଗହଣରେ ଅଭିଯୁକ୍ତଙ୍କ ଦ୍ୱାରା ଲୋହଗଡ଼ ଠାରେ କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଥିଲା । ଏବେ ଉଭୟ ଅଭିଯୁକ୍ତ ସିୟା ଗୋୟଲ ଓ ଚେତନ ଚୌଧୁରୀଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି ।

ପୁଲିସ୍‌ର ସୂଚନା ଅନୁସାରେ, ୨୦ ବର୍ଷୀୟା ସିୟା ଏବଂ ୨୨ ବର୍ଷୀୟ ଚେତନ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହତ୍ୟାକାଣ୍ଡର ପୂରା ଯୋଜନା ପ୍ରସ୍ତୁତ କରିଥିଲେ । ଚେତନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିଲା । ତାଙ୍କ ବ୍ୟବସାୟକୁ ସ୍ଥିର କରିବା ପାଇଁ ସିୟା କେତନଙ୍କଠାରୁ ଠକି ଆଣିଥିବା ୧ କୋଟି ଟଙ୍କା ଚେତନଙ୍କୁ ଦେଇଥିଲେ । ସନ୍ଦେହରୁ ବଞ୍ଚିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ ଯେ ହତ୍ୟାକାଣ୍ଡର ୩ ବର୍ଷ ପର୍ଯ୍ୟନ୍ତ ସିୟା ବିବାହ କରିବେ ନାହିଁ । ମାମଲା ଶାନ୍ତ ହେବା ପରେ ଦୁହେଁ ବିବାହ କରିବେ । ତଦନ୍ତ ବେଳେ, ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ସିୟା ଓ ଚେତନ ଏକ କାଫେରେ ବସି ଯୋଜନା କରିଥିବା ଜଣାପଡ଼ିଛି । ଏପରିକି ସେମାନେ ଦୁର୍ଗ ପରିଦର୍ଶନ କରି ହତ୍ୟାକାଣ୍ଡର ସ୍ଥାନ ନିରୂପଣ କରିଥିଲେ । ପରେ ଜୁନ୍ ୧୮ ରେ ପ୍ରି-ୱେଡିଂ ଫଟୋସୁଟ୍ ବାହାନାରେ ସିୟା କେତନଙ୍କୁ ଲୋହଗଡ଼ ଦୁର୍ଗକୁ ନେଇଥିଲେ । ହତ୍ୟାକାଣ୍ଡ ଦିନ ଗିରଫ ଏଡାଇବା ପାଇଁ ଚେତନ ଏକ ସ୍କୁଟରରେ ୯୦ କିଲୋମିଟର ଯାତ୍ରା କରି ଦୁର୍ଗରେ ପହଞ୍ଚିଥିଲେ । ଦୁର୍ଗ ଉପରେ ସିୟା ପାଣି ପିଇବା କିମ୍ବା ଜୋତା ଫିତା ବାନ୍ଧିବା ବାହାନାରେ ବସି ଚେତନଙ୍କୁ ସଙ୍କେତ ଦେଇଥିଲେ, ଯାହା ପରେ ଚେତନ କେତନଙ୍କୁ ପାହାଡ଼ ତଳକୁ ଠେଲି ଦେଇଥିଲେ । ଏହାପୂର୍ବରୁ ଜୁନ୍ ୧୪ରେ ମଧ୍ୟ ହତ୍ୟା ପାଇଁ ପ୍ରଥମ ଚେଷ୍ଟା କରାଯାଇଥିଲା, କିନ୍ତୁ ସେତେବେଳେ କେତନ ଗୋଟିଏ ବୁଦାକୁ ଧରି ବଞ୍ଚି ଯାଇଥିଲେ । ତାଙ୍କୁ ଏପରି ବିପଜ୍ଜନକ ଭାବେ ଠେଲିବାର କାରଣ କେତନ ପଚାରିବାରୁ ସିୟା ମିଛରେ କେତନଙ୍କୁ ସାପ କବଳରୁ ରକ୍ଷା କରିବାକୁ ଠେଲି ଦେଇଥିବା କହିଥିଲେ । ହତ୍ୟାକାଣ୍ଡର ମାତ୍ର ୩୪ ମିନିଟ୍ ପୂର୍ବରୁ ସିୟା ଓ ଚେତନଙ୍କ ମଧ୍ୟରେ ହୋଇଥିବା ଗୋପନୀୟ ଫୋନ୍ କଲ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ୍ ଉଭୟଙ୍କୁ ଗିରଫ କରିଛି । ପୁଲିସ୍ ଏହି ଘଟଣାରେ ବ୍ୟବହୃତ ଦୁଇଚକିଆ ଗାଡ଼ି ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ପ୍ରତିଯୋଗିତାମୂଳକ ପରୀକ୍ଷାରେ କମିବ ଓଡ଼ିଆ ପିଲାଙ୍କ ପ୍ରଦର୍ଶନ

**■ ବାଧ୍ୟତାମୂଳକରୁ ବାଦ ଦେଇ ଇଂରାଜୀ ହେଲା ଇଚ୍ଛାଧୀନ ବିଷୟ**
**■ ଇଂରାଜୀ ପରିବର୍ତ୍ତେ ହିନ୍ଦୀ ଓ ସଂସ୍କୃତ ପଢ଼ିବାକୁ ମିଳିବ ସୁଯୋଗ**
**■ ଓଡ଼ିଆ ପିଲାଙ୍କୁ ମୂର୍ଖ କରିବାକୁ ଚାଲିଛି ଷଡ଼ଯନ୍ତ୍ର: ଏଆଇଡିଏସ୍‌ଓ**

ଭୁବନେଶ୍ୱର,୨୯ ।୬(ସମିସ): ଓଡ଼ିଆ ପିଲାଙ୍କ ପାଇଁ ଆଉ ଇଂରାଜୀ ପଢ଼ିବା ବାଧ୍ୟତାମୂଳକ ନୁହେଁ। ଯାହାର ଇଚ୍ଛା ସେ ପଢ଼ିପାରିବେ, ଅନ୍ୟଥା ସଂସ୍କୃତ ଓ ହିନ୍ଦୀ ଭାଷାରେ ପିଲା ପାଠ ପଢ଼ିବେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ତିନୋଟି ଭାଷାରେ ଶିକ୍ଷାଦାନ ନେଇ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଯାହାକୁ ନେଇ ପୁଣି ବିବାଦ ଦେଖାଦେଇଛି। ବହି ବିବାଦ ସରକାରଙ୍କ ପିଛା ଛାଡ଼ି ନ ଥିବାବେଳେ ଇଂରାଜୀ ଠାରୁ ପିଲାଙ୍କୁ ଦୂରେଇବା ଷଡ଼ଯନ୍ତ୍ର ଆଉଏକ ନୂତନ ବିବାଦ ସୃଷ୍ଟି କରିଛି।

ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଭାଷା ବିଷୟ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଛାତ୍ରଛାତ୍ରୀମାନେ ପ୍ରଥମ ଭାଷା (ଆର୍-୧) ଭାବେ ମାତୃଭାଷା ବା ହୋମ୍ ଲାଙ୍ଗୁଏଜ୍‌କୁ ଚୟନ କରିବେ। ସେହିପରି ଦ୍ୱିତୀୟ ଭାଷା (ଆର୍-୨) ଭାବେ ସଂସ୍କୃତ ବା ହିନ୍ଦୀ ବା ଇଂରାଜୀ ମଧ୍ୟରୁ ଯେ କୌଣସି ଗୋଟିଏ ଭାଷା ଚୟନ କରିବେ। ଅନୁରୂପ ଭାବେ ଆର୍-୧ ଓ ଆର୍-୨ରେ ନେଇ ନ ଥିବା ବିଷୟକୁ ତୃତୀୟ ଭାଷା (ଆର୍-୩) ଭାବେ ଛାତ୍ରଛାତ୍ରୀମାନେ ଚୟନ କରିପାରିବେ। ଶିକ୍ଷାବିତଙ୍କ କହିବା କଥା ଯଦି ଗୋଟିଏ ପିଲା ଆର୍-୧ ରେ ଓଡ଼ିଆ ଏବଂ ଆର୍-୨ ରେ ସଂସ୍କୃତ ରଖିଲା, ସେହି ପିଲା ଆର୍-୩ ଭାବେ ହିନ୍ଦୀ ଭାଷାରେ ପଢ଼ିପାରିବ। ଅର୍ଥାତ୍ ସେହି ପିଲା ଇଂରାଜୀ ଭାଷା ଆଦୌ ପଢ଼ିବ ନାହିଁ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ଭାଷାରେ ଯଥାକ୍ରମେ ଓଡ଼ିଆ ଓ ଇଂରାଜୀ ବାଧ୍ୟତାମୂଳକ ଥିଲା। ଏବେ ଇଂରାଜୀ ଭାଷାକୁ ଇଚ୍ଛାଧୀନ କରାଯାଇଛି। ପୂର୍ବରୁ ପିଲାମାନେ ଇଂରାଜୀ ପଢ଼ିବା ସହ ନିଜକୁ ଜାତୀୟ ଓ ବିଶ୍ୱସ୍ତରର ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରୁଥିଲେ। ଏବେ ପିଲାମାନେ ଇଂରାଜୀ ନ ପଢ଼ିଲେ ଆଗକୁ ଯାଇ କଣ କରିବେ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି। ଇଂରାଜୀ ଭାଷା ଦେଶ ସମେତ ବିଶ୍ୱର ଅନେକ ସ୍ଥାନରେ ବ୍ୟବହୃତ ହେଉଛି। ଏପରି ସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏପରି ନିର୍ଦ୍ଦେଶନାମା ପିଲାଙ୍କୁ କୂପମଣ୍ଡୁକ କରି ରଖିବ ବୋଲି ଏଆଇଡିଏସ୍‌ଓର ନସୀମ ସରକାର ଅଭିଯୋଗ କରିଛନ୍ତି। ଓଡ଼ିଆ ପିଲାଙ୍କୁ ମୂର୍ଖ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ସରକାରୀ ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି।

## ଶୋଇଥିବାବେଳେ ଜଗୁଆଳିଙ୍କୁ ହାଣି ହତ୍ୟା

କୋକସରା,୨୯ ।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଡାଲଗୁମା ଗ୍ରାମରେ ଧାନମଣ୍ଡି ନିକଟସ୍ଥ ଏକ ବଗିଚାଘର ଦୁଆରେ ଶୋଇଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଡାଲଗୁମା ଗାଁର ଶୁକଦେବ ଧରୁଆ (୫୫)। ସେ ଗାଁ ମୁଣ୍ଡରେ ଥିବା ଏକ ବଗିଚାରେ ଜଗୁଆଳି ଭାବେ କାମ କରୁଥିଲେ।

ସୂଚନା ଅନୁଯାୟୀ, ଶୁକଦେବ ସବୁଦିନ ସକାଳୁ ବଗିଚାରୁ ଘରକୁ ଫେରିଥାନ୍ତି। ସୋମବାର ସକାଳୁ ସେ ଘରକୁ ନ ଫେରିବାରୁ ତାଙ୍କ ଝିଅ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ଏହାପରେ ଝିଅ ନିଜେ ବଗିଚା ନିକଟରେ ପହଞ୍ଚି ଘର ଦୁଆର ସାମ୍ନା ଖଟିଆ ଉପରେ ବାପାଙ୍କ ରକ୍ତଭିଜା ଶବ ଦେଖିବାକୁ ପାଇଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ କୋକସରା ପୁଲିସକୁ ଖବର ଦେଇଥିଲେ। ବାପାଙ୍କୁ କେହି ଅନ୍ୟତ୍ର ଟେକିନେଇ ହତ୍ୟା କରିବା ପରେ, ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପୁଣି ଆଣି ଖଟିଆରେ ଶୁଆଇ ଦେଇଛନ୍ତି, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଝିଅ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଖବରପାଇ କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସଦଳବଳେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ, ପରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଭର୍ଷିତା ଆଡେପୁ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଛାନ୍‌ଭିନ କରିଛନ୍ତି। ଘଟଣାର ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି।

# ଓଡ଼ିଶା କ'ଣ ସାବତ ଛୁଆ?

## କେନ୍ଦ୍ର ମଧ୍ୟସ୍ଥତାରେ ହରିୟାଣା-ରାଜସ୍ଥାନ ଜଳ ବିବାଦ ସମାଧାନ

ଭୁବନେଶ୍ୱର,୨୯।୬(ସମିସ): ହରିୟାଣା ଓ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଯମୁନା ଜଳ ବିବାଦର ଐତିହାସିକ ସମାଧାନ ହୋଇଛି। ସୋମବାର କେନ୍ଦ୍ର ଗୃହମନ୍ତ୍ରୀ, ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଳ ବିବାଦର ସମାଧାନ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କେନ୍ଦ୍ର ସରକାର ହରିୟାଣା, ରାଜସ୍ଥାନ ମଧ୍ୟରେ ମଧ୍ୟସ୍ଥତା କରି ଜଳ ବିବାଦ ସମାଧାନ କରିଥିବା ସମୟରେ ଓଡ଼ିଶା ପ୍ରତି କାହିଁକି ପାତରଅନ୍ତର କରୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ଉଭୟ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଅଛି। କେନ୍ଦ୍ର ସରକାର ଚାହିଁଲେ ଓଡ଼ିଶାର ସ୍ୱାର୍ଥ ରକ୍ଷା ହୋଇପାରନ୍ତା ଓ ଯମୁନା ଜଳ ବିବାଦ ପରି ମହାନଦୀ ଜଳ ବିବାଦ ସମାଧାନ ହୋଇପାରନ୍ତା। ମାତ୍ର ଦୀର୍ଘଦିନ ଧରି ଏହି ବିବାଦକୁ ସମାଧାନ ପାଇଁ କେନ୍ଦ୍ର ସରକାର କାହିଁକି ଚାହୁଁ ନାହାନ୍ତି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ଟ୍ରିବ୍ୟୁନାଲରେ ଜଳ ବିବାଦର ସମାଧାନ ସମୟ ସାପେକ୍ଷ ଓ ସମାଧାନ ଆଶା କ୍ଷୀଣ। ରାଜ୍ୟରେ କ୍ଷମତାକୁ ଆସିଲେ ମହାନଦୀ ସମସ୍ୟାର ସମାଧାନ କରିଦେବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ବିଜେପିର ପ୍ରତିଶ୍ରୁତି ଉପରେ ଭରଷି ରାଜ୍ୟବାସୀ ଦଳକୁ କ୍ଷମତାକୁ ମଧ୍ୟ ଆଣିଲେ। ମାତ୍ର ସରକାରଙ୍କୁ ଦୁଇ ବର୍ଷ ପୂରି ୩ ବର୍ଷ ଚାଲିଥିଲେ ହେଁ ବିବାଦର ସମାଧାନ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ ଅଭିବୃଦ୍ଧି ଘଟିପାରି ନାହିଁ। ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନେଇ ଗୁରୁତ୍ୱାରୋପ କରୁଛନ୍ତି। ଇତିମଧ୍ୟରେ ଉଭୟ ରାଜ୍ୟ ଦ୍ୱାରା ଗଠିତ ଯୁଗ୍ମ ବୈଷୟିକ କମିଟି ୩୦ରୁ ଅଧିକ ବୈଠକ କଲାଣି। ମାତ୍ର ଆପୋଷ ସମାଧାନର ସତ୍ୟ ତଥା ସର୍ତ୍ତଟି କଣ ସେ ନେଇ ରାଜ୍ୟ ସରକାର ସାଧାରଣରେ ମୁହଁ ଖୋଲୁନାହାନ୍ତି। ଯାହାଫଳରେ ସରକାରଙ୍କ ଆଭିମୁଖ୍ୟକୁ

**■ କେନ୍ଦ୍ର ହସ୍ତକ୍ଷେପ ନ କଲେ ମହାନଦୀ ଭୋଗିବ କାବେରୀ ଦଶା**
**■ ଓଡ଼ିଶା, ଛତିଶଗଡ଼, କେନ୍ଦ୍ରରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର**

ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପଟେ ଉଭୟ ରାଜ୍ୟର ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟକୁ ନେଇ ମଧ୍ୟ ଜଳ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ଛତିଶଗଡ଼ରେ ମହାନଦୀରେ ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ରହିଛି। ତେଣୁ ଛତିଶଗଡ଼ ଦାବି କରୁଥିବା ୨୭ ମିଲିୟନ ଏକର ଫୁଟ ପାଣିକୁ ଓଡ଼ିଶା ସରକାର ମାନି ନେଇଛନ୍ତି କି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରଶ୍ନ କରାଯାଉଛି। ଯଦି ଓଡ଼ିଶା ସରକାର ଏହି ଦାବିକୁ ଗ୍ରହଣ କରିଥାଆନ୍ତି, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ତଥା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ସେହିପରି ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ରାଜ୍ୟ ସରକାର ସବୁ ସନ୍ଦେହ, ଘଟଣା ଏବଂ ଅଭିଯୋଗ ଉପରେ ମୁହଁ ଖୋଲୁନଥିବା ବେଳେ ସମାନ ସମୟରେ କେନ୍ଦ୍ର ସରକାର ମଧ୍ୟ ଏନେଇ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ଓଡ଼ିଶା, ଛତିଶଗଡ଼ ଜଳ ବିବାଦ ମଧ୍ୟରେ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟସ୍ଥତା କରିବା ଉଚିତ୍। ଅନ୍ତରାଜ୍ୟ ଜଳ ବିବାଦରେ କେନ୍ଦ୍ର ସରକାର ଉଭୟ ରାଜ୍ୟକୁ ଆଲୋଚନା ବୈଠକକୁ ଆଣି ସମାଧାନ କରିପାରନ୍ତେ। ଏନେଇ ଆମ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଛି। ମାତ୍ର କେନ୍ଦ୍ର ସରକାର ତାହା କରୁନାହାନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଲଢ଼େଇ କାବେରୀ ଜଳ ବିବାଦ ରାସ୍ତାରେ ଯାଇପାରେ। ତେଣୁ କେନ୍ଦ୍ର ସରକାର ତୁରନ୍ତ ବିବାଦରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### ମୌସୁମୀ ଲୁଚିଛି, ବର୍ଷା ଉଭାନ

## ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି

ଭୁବନେଶ୍ୱର,୨୯।୬(ସମିସ): ମୌସୁମୀ ଓଡ଼ିଶା ଏରୁଣ୍ଡି ଛୁଇଁ କେଉଁଠି ଲୁଚିଗଲା, କେହି ଜାଣି ପାରିଲେ ନାହିଁ । ମୌସୁମୀ ପଛେପଛେ ବର୍ଷା ବି ଉଭାନ। ଏପରି ସମୟରେ ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି ଚଳାଇଛି। ମଧ୍ୟାହ୍ନ ପରେ କିଛିକାଂଶରେ ପାଗ ମେଘୁଆ ରହୁଥିଲେ ମଧ୍ୟ ବର୍ଷା ନ ହେବା ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏହି କ୍ରମରେ ସୋମବାର ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ କଲବଲ କରିଛି। ସୋମବାର ଆଂଶିକ ମେଘୁଆ ଆକାଶ ଥିବା ସତ୍ତ୍ୱେ, ହାଲୁକା ପବନ, ଅତ୍ୟଧିକ ଆର୍ଦ୍ରତା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗରମ ଓ ଅସହଜ ଅନୁଭୂତି ହୋଇଛି। ଦୁର୍ବଳ ପବନ ଯୋଗୁଁ ବାୟୁଚଳାଚଳ କମ୍ ରହିଥିବାରୁ ପରିବେଶ ଉଷ୍ମ, ଆର୍ଦ୍ର ଓ ଗୁଳୁଗୁଳି ରହିବା ଯୋଗୁଁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି।

କୁହାଯାଉଛି ଯେ ରାଜ୍ୟରେ ମୌସୁମୀ ବର୍ଷାର ସ୍ଥିତି ଧୀରେ ଧୀରେ ସୁଧୁରିବ। ପଶ୍ଚିମ ଓଡ଼ିଶାକୁ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବର୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ରାଜ୍ୟରେ ମୌସୁମୀ ବର୍ଷା ପାଇଁ ପରିସ୍ଥିତି ଏପର୍ଯ୍ୟନ୍ତ ଅନୁକୂଳ ହୋଇନାହିଁ। ମାତ୍ର ଜୁଲାଇ ପ୍ରଥମ ସପ୍ତାହରୁ ବର୍ଷା ନେଇ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ବି ଦୁର୍ବଳ ଓ ଅସମାନ ଅବସ୍ଥାରେ ରହିଛି। ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଅନୁସାରେ ୩୦ ଜୁନରୁ ୧ ଜୁଲାଇରୁ ଧୀରେ ଧୀରେ ସୁଧାର ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହରେ ପରିସ୍ଥିତି ଅଧିକ ଅନୁକୂଳ ହୋଇପାରେ। ପ୍ରଥମେ ଉପକୂଳ ଓ ଦକ୍ଷିଣ ଓଡ଼ିଶା, ପରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ଚାଷ ଉପଯୋଗୀ ବର୍ଷା ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ। ବର୍ତ୍ତମାନର ସଙ୍କେତ ଅନୁସାରେ ବର୍ଷାର ସୁଧାର ଶକ୍ତିଶାଳୀ ଲଘୁଚାପ ଯୋଗୁଁ ନୁହେଁ, ବରଂ ମୌସୁମୀ ଅକ୍ଷରେଖା ଧୀରେ ଧୀରେ ଦକ୍ଷିଣକୁ ଆସି ସକ୍ରିୟ ହେବା ଦ୍ୱାରା ହେବ। ବଙ୍ଗୋପସାଗରର ପଶ୍ଚିମ-ମଧ୍ୟରୁ ଉତ୍ତର-ପଶ୍ଚିମ ଅଞ୍ଚଳରେ ସମ୍ଭାବ୍ୟ ଉପରିସ୍ତରୀୟ ଘୂର୍ଣ୍ଣିବଳୟ ଏବଂ ଆରବ ସାଗରରୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଶକ୍ତିଶାଳୀ ହେବା ମଧ୍ୟ ବର୍ଷା ପାଇଁ ପାଗ ଅନୁକୂଳ କରାଇବ। ତେଣୁ ସମଗ୍ର ରାଜ୍ୟରେ ହଠାତ୍ ବର୍ଷା ବଢ଼ିବା ପରିବର୍ତ୍ତେ ଧୀରେ ଧୀରେ ମୌସୁମୀ ବର୍ଷାର ସୁଧାର ହେବାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ କଲେ ମୋହନ-ଧର୍ମେନ୍ଦ୍ର





ପୁରୀ,୨୯।୬(ସମିସ): ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ରଥଯାତ୍ରାର ଏହି ଆଦ୍ୟ ପର୍ବରେ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତ୍ୟକ୍ଷ ସ୍ନାନ ସହ ହାତୀବେଶ ଦେଖିଥା'ନ୍ତି ଶ୍ରଦ୍ଧାଳୁ। ସୋମବାର ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ନିଜକୁ କୃତାର୍ଥ ମଣିଛନ୍ତି। ଏମାନଙ୍କ ଭିତରେ ବହୁ ନେତାମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସାମିଲ୍ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମହାପ୍ରଭୁଙ୍କ ଦର୍ଶନକୁ ନେଇ ଏବେ ପୁରୀରେ ବେଶ୍ ଚର୍ଚ୍ଚା। ଦୁହେଁ ଅଲଗା ଭାବେ ନିଜ ସମର୍ଥକଙ୍କ ସହ ମହାପ୍ରଭୁଙ୍କ ଦର୍ଶନକୁ ନେଇ ବିଜେପି ରାଜନୀତି ସରଗରମ ହୋଇଛି। ସକାଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପହଞ୍ଚି ସ୍ନାନମଣ୍ଡପରେ ଠାକୁରଙ୍କ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ତାଙ୍କ ସହିତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହିତ କିଛି ଦଳୀୟ ନେତା ଉପସ୍ଥିତ ଥିଲେ। ଶ୍ରୀମନ୍ଦିରର କିଛି ସେବାୟତ ମଧ୍ୟ ଦର୍ଶନ ସମୟରେ ତାଙ୍କ ସହିତ ରହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ରହିଥିଲେ। ଯେହେତୁ ଉଭୟେ ଗୋଟିଏ ଦଳର; ଜଣେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ଉଭୟ ଏକାଠି ମହାପ୍ରଭୁଙ୍କ ଦର୍ଶନ କରିପାରିଥାଆନ୍ତେ। ସେପରି ହୋଇଥିଲେ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହୋଇ ନ ଥାନ୍ତା । ମାତ୍ର ପୁରୀର ଏହି ଘଟଣା ଏବେ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । ଅନ୍ୟପକ୍ଷରେ ନିକଟରେ ଘଟିଥିବା ଅନ୍ୟଏକ ପ୍ରସଙ୍ଗକୁ ଲୋକମାନେ ଆଜିର ଘଟଣା ସହ ଯୋଡ଼ିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ପୁରୀ ସାଂସଦ ଡ. ପାତ୍ର ଉଦ୍‌ଘାଟନ କରିଥିଲେ ବି ପଦୁଟିଏ କେନ୍ଦ୍ରମନ୍ତ୍ରୀଙ୍କ ନାଁ ନେଇ ନ ଥିଲେ।

## ରାଗିଛନ୍ତି କି କାଳିଆ ଠାକୁର?

### ସ୍ନାନବେଦୀରେ ଲିଭିଗଲା ଦୀପ

ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତି ଓ ବନ୍ଦାପନା କରୁଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଆଳତି ଦୀପ ହଠାତ୍ ଲିଭିଯାଇଥିଲା। ବିଶ୍ୱନିୟନ୍ତାଙ୍କ ସମ୍ମୁଖରେ ଆଳତି ଦୀପ ଲିଭିବା ଘଟଣା ଭକ୍ତଙ୍କୁ ବ୍ୟଥିତ କରିଛି। ନିକଟ ଅତୀତରେ ସ୍ନାନମଣ୍ଡପରେ ଏଭଳି ଦୃଶ୍ୟ କେବେ ଦେଖିବାକୁ ମିଳି ନ ଥିଲା। ଭକ୍ତମାନେ ଏହି ବ୍ୟତିକ୍ରମକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେହି କେହି ଏହାକୁ ଆଗାମୀ ବଡ଼ ବିପଦର ସଂକେତ ବୋଲି କହୁଥିବାବେଳେ, ଆଉ କେହି ରାଜ୍ୟ ଉପରେ ବିପଦ ଏପରିକି ପ୍ରାକୃତିକ ପ୍ରଳୟ ଆସିବାର ଆଶଙ୍କା ପ୍ରକାଶ କରୁଛନ୍ତି। ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି- କ'ଣ ଆମ କାଳିଆ ସାଆନ୍ତ ରାଗିଛନ୍ତି କି? ମହାପ୍ରଭୁଙ୍କ ପାଖରେ ଦୀପ ଲିଭିବା ଘଟଣାକୁ ଭକ୍ତମାନେ ସାଧାରଣ ବୋଲି ଭାବି ପାରୁନାହାନ୍ତି।

ସ୍ନାନଯାତ୍ରା ଦର୍ଶନ ପାଇଁ ପୁରୀ ଆସିଥିବା ବାଲେଶ୍ୱରର ସୁଦର୍ଶନ ଦାସ କହିଛନ୍ତି, "ମହାପ୍ରଭୁଙ୍କ ଆଗରେ ଦୀପ ଲିଭିବା ଶୁଭ ସଂକେତ ନୁହେଁ। ଆଗକୁ ରାଜ୍ୟ ପାଇଁ କିଛି ଖରାପ ସମୟର ସଂକେତ ହୋଇଥାଇପାରେ। ନିଶ୍ଚୟ ଆମଠାରୁ କିଛି ଭୁଲ ହୋଇଛି। ସମସ୍ତେ ମିଶି କାଳିଆଙ୍କୁ କ୍ଷମା ମାଗିବା ଉଚିତ୍। ସେହିପରି ମାମିନା ପଣ୍ଡା କହିଛନ୍ତି "କାଳିଆ କେବେ ଭକ୍ତଙ୍କ ଉପରେ ରାଗନ୍ତି ନାହିଁ। ଏହା ହୁଏତ ଆମକୁ ସଚେତନ କରାଇବା ପାଇଁ ତାଙ୍କର ଲୀଳା। ଅଧିକ ଭକ୍ତି ଓ ଶୁଦ୍ଧ ମନରେ ତାଙ୍କୁ ପ୍ରାର୍ଥନା କରିବା। ଅନ୍ୟଜଣେ ଶ୍ରଦ୍ଧାଳୁ ସରୋଜ ପ୍ରଧାନ "ପବନ ଯୋଗୁଁ ଦୀପ ଲିଭି ଯାଇଥାଇପାରେ। ଏହାକୁ ଅନ୍ୟ ଅର୍ଥରେ ନ ନେଇ ଆମେ ସମସ୍ତେ ମହାପ୍ରଭୁଙ୍କ ଉପରେ ବିଶ୍ୱାସ ରଖିବା ଦରକାର। ସେ ସବୁ ମଙ୍ଗଳ କରିବେ' ବୋଲି କହିଛନ୍ତି।

### ମୟୂରଭଞ୍ଜରେ ବିଜେଡିର ୨ଟି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ମାଆ-ଝିଅଙ୍କୁ ହତ୍ୟା ଓ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ତୀବ୍ର ଉଦବେଗ

**■ ପୀଡ଼ିତାଙ୍କ ପରିବାରକୁ ଭେଟିଲେ ପ୍ରତିନିଧି ଦଳ**
**■ ଏସ୍‌ପିଙ୍କୁ ସାକ୍ଷାତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ବାରିପଦା/ବେତନଟୀ/ଠାକୁରମୁଣ୍ଡା/ମହୁଲଡିହା, ୨୯ ।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୃଥକ ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ନିର୍ମମ ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜିଲ୍ଲାର ସୁରକ୍ଷା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ



ଏହି ଦୁଇଟି ଘଟଣାକୁ ନେଇ ବିରୋଧୀ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଦୁଇଟି ପୃଥକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ (ତଥ୍ୟ ଅନୁସନ୍ଧାନକାରୀ ଦଳ) ସୋମବାର ପୃଥକ ଭାବେ ମୟୂରଭଞ୍ଜ ଗସ୍ତ କରି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ତତ୍‌ସହିତ ଗସ୍ତର ରିପୋର୍ଟ ଦଳର ସଭାପତିଙ୍କ ପାଖକୁ ପଠାଇଛନ୍ତି।

ଜିଲ୍ଲାର ମହୁଲଡିହା ଥାନା ଅନ୍ତର୍ଗତ ଡୋକେଇପାଳ ଗ୍ରାମର ମୁକ୍ତାଝରି ସାହିରେ ଘଟିଥିବା ମାଆ ଓ ନାବାଳିକା ଝିଅଙ୍କ ନିର୍ମମ ହତ୍ୟାକାଣ୍ଡ (ଡବଲ ମର୍ଡର) ସ୍ଥଳ ଗସ୍ତ କରିଛି ପ୍ରଥମ ଟିମ୍। ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ସଭାପତି ଡା. ଦେବାଶିଷ ମାରାଣ୍ଡିଙ୍କ ସଂଯୋଜନାରେ ଗଠିତ ଟିମରେ ପୂର୍ବତନ ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ ଓ କାଶୀନାଥ ହେମ୍ବ୍ରମଙ୍କ ସହିତ ଅନ୍ୟମାନେ ସାମିଲ ହୋଇ ପ୍ରଭାବିତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ମହୁଲଡିହା ଥାନା ଅଧିକାରୀ ଓ ରାଇରଙ୍ଗପୁର ଏସ୍‌ପିଙ୍କୁ ଭେଟି ଦ୍ୱରିତ ପଦକ୍ଷେପ ସାଙ୍ଗକୁ ହତ୍ୟାକାରୀକୁ ଗିରଫ ଦାବି କରିଛନ୍ତି।

ସେହିପରି ବେତନଟୀ ଅଞ୍ଚଳର ୩୯ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଅନୁସନ୍ଧାନ ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ସଂଯୋଜନାରେ ଦ୍ୱିତୀୟ ଟିମରେ ପ୍ରୀତିନନ୍ଦା କାନୁନଗୋ, ଦୀପ୍ତିଲତା ମିଶ୍ର, ସୁବାସିନୀ ନାଏକ, ସବିତା ଦାସ, ସବିତା ବେହେରା, ବୀଣାପାଣି ସାହୁ, ଶ୍ରାବଣୀ ଦାସ, ବିଶ୍ୱନାଥ ହେମ୍ବ୍ରମ, ରାଜୀବ ରଞ୍ଜନ ସେନାପତି, ଦୁବାୟ ବେହେରା, ଚୈତନ୍ୟ ଟୁଡୁ, କିଶୋର ନାୟକ, ରାଜେନ ଦାସ, ଦୀପକ ସାହୁ ଓ ଚିତେଶ୍ୱର ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ପରିବାରକୁ ଭେଟିଛନ୍ତି। ଉଭୟ ଟିମ୍ ଘଟଣାର ସରଜମିନ ତଦନ୍ତ କରିଥିଲେ। ମୃତା ମହିଳାଙ୍କ ସ୍ୱାମୀ ପରିବାର ପ୍ରତି ବିପଦ ଆଶଙ୍କା କରି ସୁରକ୍ଷା ଲୋଡିଛନ୍ତି। ଏ ନେଇ ଟିମ ବେତନଟୀ ଆଇଆଇସି ଓ ବାରିପଦାରେ ଏସ୍‌ପିଙ୍କୁ ଭେଟି ଦାବି ରଖିଛନ୍ତି। ତତସହିତ ଉଭୟ ଟିମ୍ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଦଳର ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ଏକ ପ୍ରେସ ବିବୃତିରେ ରାଜ୍ୟରେ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ସହ ଦ୍ରୁତ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ଦାବି କରିଛନ୍ତି।

### ରାଜ୍ୟରେ ହତ୍ୟାକାଣ୍ଡ ଗ୍ରାଫ୍ ଉପରମୁହାଁ

# ୨୯ ଦିନରେ ୩୨ ଜଘନ୍ୟ ହତ୍ୟାକାଣ୍ଡ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅବସ୍ଥା ସଙ୍ଗୀନ। ପ୍ରତିଦିନ କେଉଁଠି ନା କେଉଁଠି ମୁଣ୍ଡ ଗଡ଼ିବା ଖବର ଗଣମାଧ୍ୟମ ଶିରୋନାମା ପାଲଟୁଛି। କେତେବେଳେ ଅପରାଧୀ ପିଟି ପିଟି ମାରି ଦେଉଛନ୍ତି। ପୁଣି କେତେବେଳେ ନାବାଳିକାଙ୍କୁ ଦୁଷ୍କର୍ମ କରି ହତ୍ୟା କରି ଘର ପଛପଟେ ଫୋପାଡି ଚାଲିଯାଉଛନ୍ତି। ଆଉ କେତେବେଳେ ପୁଅ ବାପାର ବେକରେ ଶାବଳ ଭୁଷି ହତ୍ୟା କରୁଛି ତ କେଉଁଠି ଦିନ ଦି ପହରରେ ତଣ୍ଟିକାଟି ହତ୍ୟା କରାଯାଉଛି । ଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଜଘନ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଘଟିଛି। ଯାହା ପୁଲିସର ଆଇନଶୃଙ୍ଖଳା ପରିସ୍ଥିତିକୁ ଖୋଲା ଚ୍ୟାଲେଞ୍ଜ ଦେଉଛି।

ରାଜ୍ୟରେ ପୁଲିସର ସ୍ଥିତି ଏଭଳି ହେଲାଣି ଯେ ହତ୍ୟାକାଣ୍ଡ ପୂର୍ବରୁ ଅପରାଧୀଙ୍କୁ ଚିହ୍ନଟ କରି ଅପରାଧ ରୋକିବା ଦୂରରେ ଥାଉ ଏବେ ପୁଲିସ ହତ୍ୟାକାଣ୍ଡ ଚାଲିଥିଲା ବେଳେ ବି ଲୋକଙ୍କୁ ଅଟକାଇ ପାରୁ ନାହିଁ। ପୂର୍ବରୁ ବାଲିଅନ୍ତାରେ ପୁଲିସ ଉପସ୍ଥିତିରେ ଲୋକେ ପିଟି ପିଟି ଜଣେ ଜିଆର୍‌ପି କନ୍‌ଷ୍ଟେବଲ୍‌ଙ୍କୁ ହତ୍ୟା କରିଥିଲେ। ପୁଣି ଥାନା ହାଜତ ଭିତରେ ପୁଲିସ ନିଜେ ପିଟି ପିଟି ଦିବ୍ୟାଙ୍ଗକୁ ହତ୍ୟା କରିଦେଉଛି। ପୁଲିସ ଉପସ୍ଥିତିରେ ବି ହତ୍ୟା ଘଟଣା ଆସୁଛି। ବିଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲା ରେକର୍ଡ଼ ହୋଇଥିବାବେଳେ ଆଉ କିଛି ଲୋକଲୋଚନକୁ ଆସିପାରୁ ନାହିଁ। ଦୃଷ୍ଟିକୁ ଆସି ନ ଥିବା ଘଟଣାକୁ ମିଶାଇଲେ ହତ୍ୟାକାଣ୍ଡ ସଂଖ୍ୟା ଅର୍ଦ୍ଧଶତକ ହେବ ବୋଲି ଆଶଙ୍କା କରାଯାଉଛି।

ରାଜ୍ୟର ଅନ୍ୟ ସ୍ଥାନର କଥା ଦୂରରେ ଥାଉ ରାଜଧାନୀରେ ବିଗତ ୨୯ ଦିନ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଗତ ଜୁନ୍ ୨୦ ତାରିଖରେ ବ୍ୟବସାୟୀ ଶତ୍ରୁତାକୁ କେନ୍ଦ୍ର କରି ପାହାଳ ଥାନା ଅଞ୍ଚଳରେ ପ୍ରଭାତ ବେହେରାଙ୍କୁ ହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ଦୁଇ ଥର ଥାନା ଘେରାଉ କରିବାରୁ କରିବାରୁ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଧ୍ୟରେ ଜଣେ ବ୍ୟକ୍ତି ଦିନ ଦ୍ୱିପହରେ ଜଣେ ଠିକାଦାରଙ୍କ ବେକରେ ଛୁରୀ ଭୁଷି ହତ୍ୟା କରିଥିଲା। ସେହିପରି ୨୮ ତାରିଖରେ ଜଣେ ପୁରୋହିତଙ୍କୁ ଦୁର୍ବୃତ୍ତମାନେ ରାତି ଅଧିଆ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ ବାପାଙ୍କୁ ଆକ୍ରମଣ କରି କୋମାରେ ପକାଇ ଦେଇଥିଲା ବେଳେ ଭଉଣୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି ।

କେନ୍ଦ୍ରାପଡା ଜିଲ୍ଲାରେ ଗତ ମାସକ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ମାମଲା ସାମ୍ନାକୁ ଆସିଛି। ଭଦ୍ରକ, ନୟାଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ ସମେତ ୨୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଅନ୍ୟପକ୍ଷରେ ବାଲିଅନ୍ତା ଭିଡ଼ହତ୍ୟା ପରେ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ବିଚାରବିମର୍ଷ କରି ଏକ ବହୁ ସୂତ୍ରୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଗଣମାଧ୍ୟମକୁ କହିଥିଲା। ଥାନାରେ ମର୍ଣ୍ଣିଂ ପରେଡ୍, ପ୍ୟାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବା, ଦଙ୍ଗା ବିରୋଧି ଗାଡ଼ି ବୁଲାଇବା ଭଳି କଥା ସାମ୍ନାକୁ ଆସିଲା। ହେଲେ ତରବରିଆ ଏବଂ ଅଧପଇଁତରା ଭାବେ ନିଆଯାଇଥିବା ନିଷ୍ପତ୍ତି ଆଇନ୍‌ଶୃଙ୍ଖଳାକୁ ସଜାଡିବା ପରିବର୍ତ୍ତେ ଅଧିକ ବିଗାଡ଼ି ଚାଲିଛି। କୌତୂହଳ କଥା ହେଉଛି ନୟାଗଡ଼ ଜିଲାରେ ଏକ ହତ୍ୟାକାଣ୍ଡ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗଣମାଧ୍ୟମ ସାମ୍ନାରେ ହାଜର କରାଇଦେଲା। ହତ୍ୟାକାଣ୍ଡ ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନଥିଲେ ମଧ୍ୟ ତାଙ୍କ ମୁହଁରେ କପଡ଼ା ଗୁଡାଇ ତାଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଗଲା। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଛାଡି ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୁଣି ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି ବେପରୁଆ ମନୋଭାବ ଓ ଆଇନଶୃଙ୍ଖଳାର ଅଧୋଗତି ରାଜ୍ୟରେ ପୁଲିସର ଭୂମିକାକୁ କାଠଗଡ଼ାରେ ଠିଆ କରିଛି ।

# ଅଧପନ୍ତରିଆ ଅଙ୍ଗାରଗଡ଼ିଆ ଉଡ଼ନ୍ତାପୋଲ, ହନ୍ତସନ୍ତ ଲୋକେ

ବାଲେଶ୍ୱର,୨୯।୬(ସମିସ)



ସହରର ଅଙ୍ଗାରଗଡ଼ିଆରେ ନିର୍ମାଣାଧୀନ ଉଡ଼ନ୍ତାପୋଲ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଯନ୍ତ୍ରଣାର ପୋଲ ପାଲଟିଛି। ୨୦୧୮ ମସିହାରୁ ପୂର୍ତ୍ତ ବିଭାଗ ଦ୍ୱାରା କାମ ଆରମ୍ଭ ହୋଇଥିଲେ ସୁଦ୍ଧା ତିନି ବର୍ଷ ପରେ ବି ପୋଲଟି ଅଧାରେ ପଡ଼ିରହିଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ପୂର୍ଣ୍ଣାଙ୍ଗ କରିବା ଦାବିରେ ଅଞ୍ଚଳବାସୀ ଏକଜୁଟ ହୋଇଛନ୍ତି। ଉଡ଼ନ୍ତାପୋଲ ନିମ୍ନରେ ଥିବା ଖୋଲା ଜିମ୍ ପରିସରରେ "ମୌଳିକ ଅଧିକାର ସଂଘର୍ଷ ସମିତି' ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ କିଶୋର ଷଡ଼ଙ୍ଗୀଙ୍କ ଆବାହକତ୍ୱ ଓ କୈଳାଶପତି ତିୱାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଲୋକ ଯୋଗଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ୨୦୧୮ ରେ ଯେତେବେଳେ ଏହି ଉଡ଼ନ୍ତାପୋଲର ଶିଳାନ୍ୟାସ ହେଲା, ସମସ୍ତେ ଖୁସି ହୋଇଯାଇଥିଲେ। ଅଙ୍ଗାରଗଡ଼ିଆ ଛକରେ ଲାଗୁଥିବା ଟ୍ରାଫିକ ଜାମ ଓ ଦୁର୍ଘଟଣାରୁ ମୁକ୍ତି ମିଳିବ ବୋଲି ଆଶା ଥିଲା। ହେଲେ କାମ ଆରମ୍ଭ ହେବାର କିଛି ମାସ ପରେ ତାହା ଧୀର ହୋଇଗଲା ଓ ପରେ ପୂରା ବନ୍ଦ ହୋଇଗଲା। ଅଧା ଗଢ଼ା ପିଲାର୍, ରାସ୍ତା ଉପରେ ପଡ଼ିଥିବା ଲୁହାଛଡ଼, ବାଲି-ଗୋଡ଼ି ଓ ଡାଇଭର୍ସନ ଯୋଗୁଁ ପ୍ରତିଦିନ ଛୋଟ-ବଡ଼ ଦୁର୍ଘଟଣା ଘଟୁଛି। ବର୍ଷା ଦିନେ ପାଣି ଜମି ରାସ୍ତା କାଦୁଅ ହୋଇଯାଉଛି, ଖରା ଦିନେ ଧୂଳି ଉଡୁଛି। ସ୍କୁଲ ପିଲା, ରୋଗୀ ଓ ବୟସ୍କମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ବୈଠକରେ ଉପସ୍ଥିତ ଥିବା ସାମାଜିକ କର୍ମୀ ରଘୁନାଥ ଲେଙ୍କା କହିଲେ, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆମେ ୩ ବର୍ଷ ହେଲା ନର୍କ ଯନ୍ତ୍ରଣା ଭୋଗୁଛୁ। ଉଡ଼ନ୍ତାପୋଲ ହେବା ବଦଳରେ ଏହା ମୃତ୍ୟୁର ପୋଲ ପାଲଟିଗଲାଣି। ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା ଯେ, ଆଗାମୀ ବୁଧବାର ଦିନ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିଦିନ ବିଭାଗ କାର୍ଯ୍ୟାଳୟ ଆଗରେ ସାଂକେତିକ ଧାରଣା ଦିଆଯିବ। ୧୫ ଦିନ ମଧ୍ୟରେ କାମ ଆରମ୍ଭ ନହେଲେ ଗଣତାନ୍ତ୍ରିକ ପଦ୍ଧତିରେ ବିକ୍ଷୋଭ, ରାସ୍ତାରୋକ ଓ ଅନଶନ ଭଳି ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସମିତି ଚେତାବନୀ ଦେଇଛି। ଏହି ବୈଠକରେ

**ପୂର୍ଣ୍ଣାଙ୍ଗ ଦାବିରେ ରାସ୍ତାକୁ ଓହ୍ଲାଇବେ ଅଞ୍ଚଳବାସୀ**

ଚିତେଶ୍ୱର ମହାନ୍ତି, କୁବେରପତି ତିୱାରୀ, ଉଦୀପ୍ତ ଦାସ, ସୁଦାମ ନାୟକ, ରାଜେନ୍ଦ୍ର କୁମାର ଜେନା, ଶୈଳେନ୍ଦ୍ର କୁମାର ଦାଶ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଶମ୍ଭୁନାଥ ବିଶ୍ୱାଳ, ଭାସ୍କର ଚନ୍ଦ୍ର ପାଢ଼ୀ, ରଘୁନାଥ ରାଉତ, ବିଜୟ କୁମାର ସିଂ, ପ୍ରଦୀପ ଦାସଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



# ବାଲେଶ୍ୱରରେ ବଜ୍ରପାତ; ଦୁଇ ଜଣଙ୍କ ଜୀବନଗଲା

ବାଲେଶ୍ୱର,୨୯।୬ (ସମିସ): ଆଜି ସହରରେ ବଜ୍ରପାତ ଯୋଗୁଁ ଦୁଇଟି ପୃଥକ ସ୍ଥାନରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଘଟଣାରେ ମହିଳା ଜଣକ ଛାତ ଉପରକୁ ଲୁଗା ଆଣିବାକୁ ଯାଇଥିବା ବେଳେ ଅନ୍ୟ ଘଟଣାରେ ଜଣେ ବୃଦ୍ଧ ରାସ୍ତାରେ ଯାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଛନ୍ତି। ଟାଉନ ଥାନା ଅନ୍ତର୍ଗତ ଗୋପାଳଗାଁ ଚୂନଭାଟି ଅଞ୍ଚଳର କନକଲତା ପଲେଇ(୬୫) ଆଜି ଅପରାହ୍ନରେ ହଠାତ୍ ମେଘ ଘୋଟି ଆସିବାରୁ ଶୁଖିଲା ଲୁଗା ଆଣିବା ପାଇଁ ଛାତକୁ ଯାଇଥିଲେ। ଲୁଗା ସାଉଁଟୁଥିବା ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସଦର ଥାନା ଅନ୍ତର୍ଗତ ଟିଆଖିଆ ଅଞ୍ଚଳର ୬୮ ବର୍ଷୀୟ ମଧୁସୂଦନ ମହାନ୍ତିଙ୍କ ମୃତ୍ୟୁ ହୋଇଛି। ସେ ବିଲକୁ ଗାଈ ଆଣିବା ପାଇଁ ରାସ୍ତାରେ ଯାଉଥିବା ବେଳେ ବଜ୍ରାଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଉଭୟ ମୃତକଙ୍କ ଶବ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଗୋଟିଏ ଦିନରେ ଦୁଇ ଦୁଇଟି ବଜ୍ରାଘାତ ମୃତ୍ୟୁ ଘଟଣା ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି।

# ଉତ୍ତରେଶ୍ୱରରେ ଖୋଲିବାକୁ ଥିବା ମଦ ଦୋକାନ ବିରୋଧ କରି ଜିଲାପାଳଙ୍କୁ ଦାବିପତ୍ର

ସୋର, ୨୯।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ବଜାର ଜନଗହଳି ସ୍ଥାନରେ ଖୋଲା ହେବାକୁ ଯାଉଥିବା ନୂଆ ବିଦେଶୀ ମଦ ଦୋକାନକୁ ବରୋଧ କରି ଆଜି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ମଦଦୋକାନ ଲଟେରୀ ମାଧ୍ୟମରେ ସୋରର ମୁଖ୍ୟ କେନ୍ଦ୍ରସ୍ଥଳୀ ଭାବେ ପରିଚିତ ଉତ୍ତରେଶ୍ୱରର ନୂତନ ଭାବେ ନିର୍ମିତ ହେଉଥିବା ଶିରିଡ଼ି ସାଇବାବାଙ୍କ ମନ୍ଦିର ନିକଟରେ ଏହାକୁ କରାଯିବା ପାଇଁ ଉଦ୍ୟମ ହେଉଥିବା ବେଳେ ଶିରିଡି ସାଇ ବାବା ସେବା ସମିତି ଏହାକୁ ବିରୋଧ କରି ଆଜି ସୋର ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଶୁଣାଣୀ ଶିବିରରେ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ଏହି ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀ, ଧର୍ମପରାୟଣ ବ୍ୟକ୍ତି ଏବଂ ମହିଳାମାନଙ୍କର ଚଳପ୍ରଚଳ ଦୃଷ୍ଟିରୁ ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଏହା ବିରୋଧରେ ଆନ୍ଦୋଳନ ହେବ ବୋଲି ସୂଚନା ଦିଆଯାଇଛି।

# ସଫା ହେଲାନି ଡ୍ରେନ, ଘରେ ପଶିଲା ବର୍ଷାଜଳ

ସୋର, ୨୯।୬ (ସମିସ): ଆଜି ସନ୍ଧ୍ୟାରେ ପ୍ରବଳ ବର୍ଷାହେବା ଫଳରେ ସୋର ପୌରାଞ୍ଚଳ ଅନ୍ତର୍ଗତ ଉତ୍ତରେଶ୍ୱର ଗ୍ରାମରେ ଡ୍ରେନ ସଫା ହେଉ ନ ଥିବା କାରଣରୁ ରାସ୍ତାରେ ପାଣି ସୁଅ ଚାଲିଥିବା ବେଳେ ଘରେ ପାଣି ପଶିଥିବା ଦେଖାଯାଇଛି। ଦୀର୍ଘ ଦିନ ହେଲା ଗ୍ରାମବାସୀ ଏହି ଡ୍ରେନକୁ ସଫା କରିବା ପାଇଁ ଦାବି କରି ଆସୁଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ ନକରିବାରୁ ଆଜି ବର୍ଷା ହେବା ଫଳରେ ପାଣି ଅତିକ୍ରମ କରି ନ ପାରି ଜମାହୋଇ ରାସ୍ତାରେ ଲହଡି ଖେଳିଥିଲା। କେତୋଟି ଘର ଭିତରେ ବର୍ଷା ଜଳ ପଶିଯିବା ଫଳରେ ଲୋକେ ହଇରାଣ ହରକତ ହୋଇଥିଲେ। ପୌର କର୍ତ୍ତୃପକ୍ଷ ତୁରନ୍ତ ଏହି ଡ୍ରେନ୍‌କୁ ସଫା କରିବା ସହିତ ଉତ୍ତରେଶ୍ୱର ଜାତୀୟ ରାଜପଥ ପାଶ୍ୱର୍ ଡ୍ରେନକୁ ସଫାକରି ଜଳ ନିଷ୍କାସନ କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।



# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

ବାଲେଶ୍ୱର,୨୯।୬ (ସମିସ): ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟ, କାଳିପୁର ଠାରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ସୂର୍ଯ୍ୟମଣି ସାହୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଶକ୍ତି ବିଭାଗ ବାଲେଶ୍ୱର ବକ୍ତବ୍ୟ ରଖିଥିଲେ। ପ୍ରଦୀପ କୁମାର ମାଝୀ ଅଧୀକ୍ଷଣ ଯନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାଙ୍କୁ ବିଦ୍ୟୁତ ଦ୍ୱାରା ସମାଜର ହେଉଥିବା ଅସାବଧାନତା କ୍ଷତିକୁ ସୁନ୍ଦର ଭାବରେ ବୁଝାଇବା ସହିତ ପୁରାତନ ଖବରକାଗଜରେ ଦୁର୍ଘଟଣା ଖବର୍ ପଢାଇବା ସହିତ ବୁଝାଇଥିଲେ। ତପନ କୁମାର ନାୟକ ସହକାରୀ ନିର୍ବାହୀଯନ୍ତ୍ରୀ ଶକ୍ତି ବିଭାଗ ଉପସ୍ଥିତ ରହି ବିଦ୍ୟୁତ୍ ର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ସଭାପତିତ୍ୱ କରି ଦୈନନ୍ଦିନ ଜୀବନରେ ବିଦ୍ୟୁତ ଉପକାରିତା ଓ ବିଦ୍ୟୁତ ସଞ୍ଚୟ କରିବା ସହିତ ବିଦ୍ୟାଳୟ ହତାରୁ ପାଠ ପଢା ବହିରୁ ହିଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭାଗୀରଥୀ ସାହୁ ଅବସର ପ୍ରାପ୍ତ ଯନ୍ତ୍ରୀ ନିଜର କର୍ମମୟ ଜୀବନର ଅନୁଭୂତି ପ୍ରଦାନ କରିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର ସମାଜସେବୀ ରାଧାଗୋବିନ୍ଦ ଲେଙ୍କା ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପିଲାଙ୍କୁ ନେଇ ହାତୀମଣ୍ଡା, ଫୁଲାଡି, କାଳିପୁର ଗ୍ରାମରେ ପ୍ରଭାତ ଫେରି କରି ପ୍ଲାୟ କାର୍ଡ ଓ ନାରା ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ବିଦ୍ୟୁତ୍ ସୁରକ୍ଷା ଓ ସଚେତନତା ବିଷୟରେ ରାମ ନିକେତନ ବିଦ୍ୟାଳୟ, ସାହୁପଡ଼ା, କାଳିପୁର ପ୍ରାଥମିକ ବିଦ୍ୟାଳୟ ଓ ଆନନ୍ଦ ମାର୍ଗ ଆବାସିକ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କୁ ନେଇ ବିଦ୍ୟାଳୟ ହତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଦ୍ୟାଳୟର ନିରଞ୍ଜନ ଭୂୟାଁ, ସନ୍ଧ୍ୟା ରାଣୀ ମାରାଣ୍ଡି, ସଂଜୟ ଦାସ, ରାଜୀବ ଲୋଚନ ରାଉତ, ବନିତା ଦାସ, ନିବେଦିତା ପାଣିଗ୍ରାହୀ, କବିତା ଗୋଛୟତ, ପ୍ରିୟଙ୍କା ବାରିକ, ଜୟପ୍ରକାଶ ମଣ୍ଡଲ, ଆଲୋକେଶ ଗୌତମ, ସରସ୍ୱତୀ ବାରିକ ଉପସ୍ଥିତ ଥିଲେ। ସମସ୍ତେ ବିଦ୍ୟୁତ୍ ସୁରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ।

# ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର,୨୯।୬ (ସମିସ): ବୃକ୍ଷ ହିଁ ଜୀବନ, ପରିବେଶକୁ ସୁସ୍ଥ ଓ ନିରୋଗ ମୟ ରଖିବା ସହିତ ପ୍ରଦୂଷଣ ମୁକ୍ତ କରିବାର ମହତ ଉଦ୍ଦେଶ୍ୟ ନେଇ 'ଭିଜନ ବାଲେଶ୍ୱର' ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ମଠସାହି, ମଲ୍ଲୀକାଶପୁରସ୍ଥିତ ଲଣ୍ଡା ଗୋସ୍ୱାମୀ ମଠ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥିଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି କରୁଣାକର ରଥ, ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପନଗର ପାଳ ମନୋଜ ରାଉତ, ସ୍ଥାନୀୟ କାଉନସିଲର ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଯୋଗଦେଇ ସଂଗଠନର ଏଭଳି ମହତ ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସଭାପତି ଚନ୍ଦ୍ରକାନ୍ତି ବେହେରା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଗଛ ଲଗାଇବାକୁ ଚେଷ୍ଟା କରିବା ସହିତ ଅନ୍ୟ ମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଧୀରେଜ କୁମାର ଦାସ ବିଶ୍ୱକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଏହା ଏକ ଛୋଟ ପ୍ରୟାସ ଏବଂ ଏହିଭଳି ପ୍ରୟାସ ଆଗାମୀ ଦିନରେ ଜାରିରହିବ ବୋଲି କହିଥିଲେ। ସଂଗଠନର ଉପସଭାପତି ଭାଗବତ ଦାସ, ରବୀନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ଲାଲୁ ରାଜବଂଶୀ, କୋଷାଧକ୍ଷ କାଶୀନାଥ ପଟ୍ଟନାୟକ, ସଂଗଠନ ଆଇନ ପରାମର୍ଶଦାତା ବିଜୟ କୁମାର ମହାନ୍ତି, ସଦସ୍ୟ ସ୍ନେହଲତା ଦାସ, ସନ୍ତୋଷ ମିଶ୍ର, ସାଂସ୍କୃତିକ ସମ୍ପାଦକ ଜାନୁ ମୁଖୀ, ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, ନନ୍ଦନ ପାଲ, କୁନାଲ ବେହେରା, ଅଜୟ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ୩୦ରୁ ଅଧିକ ଚାରା ବୃକ୍ଷ ରୋପଣ କରିଥିଲେ।

# ପଟିଦିଅଁ ଅଙ୍କନ ଉତ୍ସବର ପଞ୍ଚମ ଦିବସ



ବାଲେଶ୍ୱର,୨୯।୬ (ସମିସ): ସ୍ଥାନୀୟ ବାମପଦାସ୍ଥ ନୋସି ଉତ୍କଳା ମୁକ୍ତ ମଞ୍ଚରେ ନୋସି କଲ୍‌ଚରାଲ ଏକାଡ଼େମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ପଟିଦିଅଁ ଅଙ୍କନ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ଗୁରୁ ନନ୍ଦ କିଶୋର ଦାସ ଓ ତାଙ୍କ ସହ ଶିଳ୍ପୀମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ଓ ମନୋମୁଗ୍ଧକର ଶାସ୍ତ୍ରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନନ୍ଦା ଦତ୍ତ ସୁନ୍ଦର ଓଡ଼ିଶୀ ନୃତ୍ୟରେ ଅର୍ଦ୍ଧନାରୀଶ୍ୱର ପରିବେଷଣ କରି ବିମୋହିତ କଲେ। ଓଡ଼ିଶାର ବିଶିଷ୍ଟ ସନ୍ତୁର ବାଦକ ଗୁରୁ ନନ୍ଦ କିଶୋର ଦାସ ଓ ତବଲା ବାଦକ ଦ୍ୱାରା ରାଗ ଜିଞ୍ଜୋଟି ସମସ୍ତ ବିଦଗ୍ଧ ଶ୍ରୋତା ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ବସାଇ ରଖିଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତ ଗାନ କଲେ ଗୁରୁ ସଚ୍ଚିଦାନନ୍ଦ ସାହୁ ଓ ଏକକ ତବଲା ବାଦନ କଲେ ଲଳିତ ମୋହନ ସାହୁ। ଓଡ଼ିଶାର ପରବପର୍ବାଣି ଆଧାରିତ ଆକର୍ଷଣୀୟ ସମୂହ ତବଲା ବାଦନ କଲେ ଗୁରୁ ନନ୍ଦ କିଶୋର ଦାସଙ୍କ ୧୨ ଜଣ ଶିଷ୍ୟ। ସନ୍ଧ୍ୟାର ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ଯୁଗଶ୍ରୀ ଯୁଗର ସମ୍ପାଦିକା ମମତା ମହାପାତ୍ର ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବରେ ଭାସ୍କର୍ଯ୍ୟ ଶିଳ୍ପୀ ବିଶ୍ୱଜିତ ପରମାଣିକ, ସମାଜସେବୀ ଶୁଭଙ୍କର ମହାପାତ୍ର ଓ ଗୁରୁ ନନ୍ଦ କିଶୋର ଦାସ ଯୋଗ ଦେଇ ପଟିଦିଅଁ ଅଙ୍କନ କରୁଥିବା ସମସ୍ତ ଚିତ୍ରକର ଏବଂ ସମସ୍ତ ନୃତ୍ୟ, ବାଦ୍ୟ, ସଙ୍ଗୀତ କଳାକାରଙ୍କୁ ପୁଷ୍ପଗୁଚ୍ଛ ସହ ପ୍ରମାଣ ପତ୍ର ପ୍ରଦାନ କରିଥଲେ। ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅରୁଣ ବାରିକ ମଞ୍ଚ ଆହ୍ୱାନ ଓ ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ତ୍ରୀ-ଝିଅଙ୍କୁ ହତ୍ୟା କରିଥିବା ସ୍ୱୀକାର କଲା ସ୍ୱାମୀ

ଠାକୁରମୁଣ୍ଡା/ମହୁଲଡିହା,୨୯।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ମୁକ୍ତାଝରି ଗ୍ରାମରେ ଗତ ଶନିବାର ଦିନ ଘର ଭିତରେ ମା ଓ ଝିଅଙ୍କୁ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ସ୍ତ୍ରୀ ଓ ଝିଅକୁ ହତ୍ୟା କରିଥିବା ନେଇ ସ୍ୱାମୀ ପୁଲିସ ନିକଟରେ ସ୍ୱୀକାର କରିଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଚୈତନ୍ୟ ଟୁଡୁକୁ ଗିରଫ କରିଛି। ମୃତ ମହିଳାଙ୍କ ଭାଇ ଫୁଲଶାଲ ମୁର୍ମୁଙ୍କ ଅଭିଯୋଗ କ୍ରମେ ପୁଲିସ ୧୦୨/୨୬ରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ପୂର୍ବତନ ବିଧାୟକ ପ୍ୟାରିମୋହନ ଦାସଙ୍କ ଜୟନ୍ତୀ




ଚନ୍ଦନେଶ୍ୱର, ୨୯।୬ (ସମିସ) : ପ୍ୟାରିମୋହନ ସେବା ପରିଷଦ ଟ୍ରଷ୍ଟ ଆନୁକୂଲ୍ୟରେ ଅନନ୍ୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ, ଦେଶ ମାତୃକାର ଅଗ୍ରଣୀ ମୁକ୍ତିଯୋଦ୍ଧା, ରାଷ୍ଟ୍ରୀୟ ଜନନାୟକ, ଆଜନ୍ମ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ଭୋଗରାଇର ପ୍ରାକ୍ତନ ବିଧାୟକ ପ୍ୟାରିମୋହନ ଦାସଙ୍କ ୧୧୩ ତମ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସକାଳେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥର ଜଗନ୍ନାଥପୁର ପଞ୍ଚାୟତର ନେଗୁଆଁ ଛକ ଠାରେ ଥିବା ଦିବଙ୍ଗତ ପ୍ୟାରିମୋହନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସମାରୋହରେ ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ଆଇନଜୀବୀ ରାଜକୁମାର ଦାସ, ପ୍ୟାରିମୋହନ ସେବା ପରିଷଦର ଟ୍ରଷ୍ଟି ଅପର୍ଣ୍ଣା ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବ୍ରତ ଘରାଇ, ଦେବେନ୍ଦ୍ର ନାଥ ସାହୁ, କବି ଶ୍ରୀକୁମାର ଘୋଷ, ହରେକୃଷ୍ଣ ମହାନ୍ତି, ଗୋପବନ୍ଧୁ ମହାପାତ୍ର, ରାମହରି ସୁର, ସାମ୍ବାଦିକ ସୁବାସ ଦାସ, ଦିଲ୍ଲୀପ ଜେନା, ଅନିରୁଦ୍ଧ ପାତ୍ର, ସାଥୀ ଚକ୍ରବର୍ତ୍ତୀ ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜସେବୀ ଏଥିରେ ଅଂଶଗ୍ରହଣ କରି ମାଲ୍ୟାର୍ପଣ ସହିତ ମୁକ୍ତି ଯୋଦ୍ଧା, ଆଜନ୍ମ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ତଥା ଭୋଗରାଇର ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ୟାରିମୋହନ ଦାସଙ୍କ ଜୀବନାଦର୍ଶ, ବିପ୍ଳବୀ ଭୂମିକା ଓ ଭୋଗରାଇ ତଥା ସମଗ୍ର ଓଡିଶାବାସୀଙ୍କ ପ୍ରତି ନିଃସ୍ୱାର୍ଥ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିକ୍ଷାବିତ ତଥା ବରିଷ୍ଠ ସାମ୍ବାଦିକ ପଙ୍କଜାକ୍ଷ ପଣ୍ଡାଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାଇକଲ ଆରୋହୀଙ୍କୁ ଧକ୍କା ଦେଇ ୧୫ ଫୁଟ୍ ତଳକୁ ଖସିଲା କାର୍

ବେତନଟୀ, ୨୯।୬ (ସମିସ): ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଛକ ନିକଟରେ ଶନିବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ଜଣେ ସାଇକଲ ଆରୋହୀଙ୍କୁ ପଛରୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇ ରାଜପଥ ପାର୍ଶ୍ୱରେ ଥିବା ପାଖାପାଖି ୧୫ ଫୁଟ ଗଭୀର ଖାଲକୁ ଖସି ପଡ଼ିଛି। ଦୁର୍ଘଟଣାରେ ସାଇକଲ ଆରୋହୀଙ୍କ ସମେତ କାର୍‌ରେ ଥିବା ସମସ୍ତ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସାଇକଲ ଆରୋହୀ ଜଣକ ଶନିବାର ଡାହିବାଡ଼ି ହାଟ ସାରି ଘରକୁ ଫେରୁଥିବା ସମୟରେ ଏହି ଘଟଣାଟି ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ବୈଶିଙ୍ଗା ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ପରିଚାଳନା କରିଥିଲା। ଏ ପର୍ଯ୍ୟନ୍ତ ଆହତଙ୍କ ପରିଚୟ ସମ୍ପର୍କରେ ସୂଚନା ମିଳିନଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି।

# ସୀମାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱର୍କ ପାଉନି

ଜଳେଶ୍ୱର ବ୍ଲକ, ୨୯।୬ (ସମିସ)



ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଜଳେଶ୍ୱର ବ୍ଲକ୍‌ର ଗାଁ ଗୁଡ଼ିକରେ ମୋବାଇଲ ନେଟ୍‌ୱର୍କ ସମସ୍ୟା ଚିନ୍ତାଜନକ ହେଲାଣି। ଉପଭୋକ୍ତାମାନେ ଏଥିପାଇଁ ହଟହଟା ହେଉଛନ୍ତି। ବିଶେଷ କରି ଇଣ୍ଟରନେଟ୍ ଜରିଆରେ ପାଠ ପଢୁଥିବା ତଥା ଅନ୍ୟାନ୍ୟ ସୂଚନା ପାଇବାକୁ ଚାହୁଁଥିବା ଯୁବପିଢ଼ି ଓ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ର ରାଇବଣିଆ ଥାନା ଇଲାକାରେ ଏହି ସମସ୍ୟା ଜଟିଳ ହେଉଛି। ସର୍ଦ୍ଦାରବନ୍ଧ ପଞ୍ଚାୟତର ସର୍ଦ୍ଦାରବନ୍ଧ, ଚୁଡ଼ାମଣିପୁର, ରାଉତରାପୁର, ପଳାସବଣି, ବିଶ୍ୱନାଥପୁର, ଘୁଣ୍ଟବଣି, ପିଞ୍ଛାବଣୀ, ବଡ଼ଟିକାୟତପୁର, ଗୁଜରୀଶୋଳ, ମୁଣ୍ଡାକାଟି, ଶ୍ୟାମନଗର ପଞ୍ଚାୟତର ଶ୍ୟାମନଗର, ଚନ୍ଦ୍ରପୁର, କାହ୍ନୁପୁର, ବେଗୁନିଆ, ଖୁଆଡ଼ ପଞ୍ଚାୟତର ଖୁଆଡ଼, ପୁରୁଣାପାଣି, କେନ୍ଦୁଖୁଣ୍ଟା, ମାକଡ଼ିଆ ପଞ୍ଚାୟତର ମାକଡ଼ିଆ, ଗୋପାଳପ୍ରସାଦ, କୁଆଁରପୁର, ଓଲମରା ପଞ୍ଚାୟତର ରାଜନଗରପାଟଣା, ଗୋପାଳପୁର, ବ୍ରହ୍ମାପୁର, ମଙ୍ଗଳପୁର, ବରଡ଼ହା ପଞ୍ଚାୟତର ବରଡ଼ିହା ଓ କନକାଇ, କଳମା ପଞ୍ଚାୟତର କଳମା ଆଦି ରାଜସ୍ୱ ଗାଁର ମୋବାଇଲ୍ ନେଟ୍‌ୱର୍କ ସମସ୍ୟା କହିଲେ ନସରେ ଏହାବ୍ୟତୀତ ଦକ୍ଷିଣ ପ୍ରହରାଜପୁର, ଖୁଦିଆମାଝିସାହି ଓକାଳିକ ଆଦି ପଞ୍ଚାୟତରେ ମଧ୍ୟ କିଛି ମାତ୍ରାରେ ନେଟ୍‌ୱର୍କ ସମସ୍ୟା ରହିଛି। ସାମାନ୍ୟ ଫୋନ୍ କରିବା ପାଇଁ କିଏ ତ' କିଏ ଛାତ ଉପରେ ଚଢ଼ିଲାଣି ତ' କାହାକୁ ଗାଁ ଛକକୁ ଆସିବାକୁ ପଡୁଛି। ଘର ଭିତରକୁ ପଶିବାମାତ୍ରେ ଟାୱାର ଗାଏବ ହୋଇଯାଉଛି। ନେଟ୍‌ୱର୍କ ସମସ୍ୟା ଯୋଗୁଁ ଅଧିକ ପ୍ରଭାବିତ ହେଉଛନ୍ତି ଇଣ୍ଟରନେଟ୍ ବ୍ୟବହାରକାରୀ ବଣଜଙ୍ଗଲ ଘେରା ଓ ବର୍ଷର ୮ରୁ ୧୦ ମାସ ହାତୀ ପ୍ରଭାବିତ ଏହି ଅଞ୍ଚଳରେ ଏପରି ନେଟ୍‌ୱର୍କ ସମସ୍ୟା ସ୍ଥାନୀୟ ଲୋକଙ୍କ ସହ ଅନେକ ସମୟରେ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜୁଛି। ସବୁଠାରୁ ବଡ଼କଥା ହେଉଛି ଉପଭୋକ୍ତାମାନେ ଓଡ଼ିଶା ସିମ୍ ବ୍ୟବହାର କରୁଥିଲେ ମଧ୍ୟ ଅନେକ ସମୟରେ ପଶ୍ଚିମବଙ୍ଗ ନେଟ୍‌ୱର୍କ ଚାଲିଆସୁଛି। ତେଣୁ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅଧିକ ସଙ୍ଖ୍ୟାରେ ମୋବାଇଲ୍ ଟାୱାର ପ୍ରତିଷ୍ଠା ହେଲେ ଏସବୁ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଅଞ୍ଚଳ ବାସୀ ଦାବି କରିଛନ୍ତି।

# ଦିବ୍ୟ ସମାଗମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଉତ୍ସବ







ବାଲେଶ୍ୱର, ୨୯ ।୬(ସମିସ)

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ବ ହେଉଛି ସ୍ନାନ ଉତ୍ସବ। ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଏହି ଅନନ୍ୟ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପୁରୀ ଶ୍ରୀକ୍ଷେତ୍ରକୁ ଚଳଚଂଚଳ କରିଛି। ଅନୁରୂପ ଭାବେ ବାଲେଶ୍ୱରରେ ମଧ ଶ୍ରୀ ଜଗନ୍ନାଥ ମନ୍ଦିରମାନଙ୍କରେ ବେଶ ଶ୍ରଦ୍ଧା ଓ ଭକ୍ତିର ସହ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ବାଲେଶ୍ୱର ସହରର ମଣ୍ଡଳବଜାର ଶ୍ରୀ ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବଜାର ବାଣ୍ଟିଆ ଜଗନ୍ନାଥ ମନ୍ଦିର, ବାଲିଘାଟ ଜଗନ୍ନାଥ ମନ୍ଦିର, ପୁଲିସ ଲାଇନ ଜଗନ୍ନାଥ ମନ୍ଦିର, ଆଜିମାବାଦ ଜଗନ୍ନାଥ ମନ୍ଦିର ସମେତ ବାଲିଆ,ଶାସଙ୍ଗ ପ୍ରଭୃତି ସ୍ଥାନରେ ଆଜି ବିଶେଷ ନୀତିରେ ଶ୍ରୀଜୀଉମାନଙ୍କର ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରାତଃ କାଳରେ ଦୈନିକ ରୀତିପୂଜା ପରେ ତିନି ଠାକୁରଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ଭକ୍ତମାନେ ଧାଡ଼ି ପହଣ୍ଡିରେ ସ୍ନାନବେଦୀ ବା ସ୍ନାନମଣ୍ଡପକୁ ନିଆଯାଇଥିଲା। ଘଂଟଘଂଟା, ଶଙ୍ଖ ହୁଳୁହୁଳି, ଭଜନ କୀର୍ତ୍ତନ ସହିତ ହରିବଲ ଓ ଜୟ ଜଗନ୍ନାଥ ଧ୍ୱନିରେ ବିଗ୍ରହମାନଙ୍କୁ ଧାଡ଼ି ବା ଗୋଟି ପହଣ୍ଡିରେ ଆଣୁଥିବା ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସ୍ନାନବେଦୀରେ ବିଗ୍ରହମାନଙ୍କୁ ୧୦୮ ପବିତ୍ର ତଥା ସୁବାସିତ ଜଳରେ ସ୍ନାନ କରାଯିବା ଦୃଶ୍ୟ ମଧ ଭକ୍ତଙ୍କୁ ବିମୋହିତ କରିଥିଲା। ସ୍ନାନପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଶ୍ରୀଜୀଉମାନେ ଗଜାନନ ବେଶରେ ପ୍ରକଟ ହୋଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କର ବିଭନ୍ନ ଯାତ୍ରା ମଧ୍ୟରୁ ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ହେଉଥିବା ସ୍ନାନ ଯାତ୍ରା ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅଂଶବିଶେଷ ଅଟେ।

**ନୀଳଗିରି:** ଆଜି ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି। ଏହି ଦିନରେ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା ପାଳନ କରାଯାଏ। ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ସୋମବାର ସକାଳେ ସେନାପଟା ଲାଗି, ରାଜନୀତି-ବନ୍ଦାପନା, ପୁଷ୍ପାଞ୍ଜଳି, ଡୋରଲାଗି ହୋଇଥିଲା। ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ପ୍ରତିନିଧି ଯୁବରାଜ ଜନ୍ମଞ୍ଜୟଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା ନୀତି ସମ୍ପାଦନ ପରେ ପ୍ରଥମେ ସ୍ନାନ ବେଦିକୁ ଚକ୍ରରାଜ ସୁଦର୍ଶନ ପଛେ ପଛେ ବଳଭଦ୍ର ଓ ଦେବୀ ସୁଭଦ୍ରା ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆସିଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ୧୦୮ କଳସ ସୁଭାସିତ ଜଳରେ ସ୍ନାନ ସମାପନ ହୋଇଥିଲା। ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇ ଭଉଣୀଙ୍କ ସହିତ ପ୍ରତ୍ୟକ୍ଷ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ଦର୍ପଣ ସ୍ନାନ କରାଯାଏ। ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ସରିବା ପରେ ଆରମ୍ଭ ହୋଇଥିଲା ସକାଳ ଧୂପ, ଗଜାନନ ବେଶ, ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ପରେ ବିଳମ୍ବିତ ରାତ୍ରୀରେ ଗୋଟି ପହଣ୍ଡିରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି। ବ୍ରହ୍ମା ସରୋଜ କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ, ପୁଣ୍ୟଶ୍ଳୋକ ନନ୍ଦ, ମନୋଜ କୁମାର ନନ୍ଦ, ରାଜଗୁରୁ ରବିନ୍ଦ୍ର ମହାପାତ୍ର, ପ୍ରହରାଜ ହରନାରାୟଣ ନନ୍ଦ, ଲମ୍ବୋଧର ଆଚାର୍ଯ୍ୟ, ଦେବାଶିଷ ଦାସ, ବିରେଶ ଶତପଥି, ମୃତ୍ୟୁଞ୍ଜୟ କର, ପୂଜକ ହରିବନ୍ଧୁ କର, ପ୍ରିୟବ୍ରତ କରଙ୍କ ସହିତ ଠାକୁର ମହଲ କର୍ମଚାରି ରମେଶ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଦ୍ଧରେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୁର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଏହି ନୀତିକାନ୍ତି ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ଇମାମି ଜଗନ୍ନାଥ ମନ୍ଦିର:** ବାଲେଶ୍ୱର ଜିଲ୍ଲାର ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମି ନଗର ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପବିତ୍ର ମହାସ୍ନାନ ଯାତ୍ରା ସୋମବାରଦିନ ଅତ୍ୟନ୍ତ ଭକ୍ତିମୟ, ଆଧ୍ୟାତ୍ମିକ ଓ ଦିବ୍ୟ ସମାଗମରେ ଭବ୍ୟ ଭାବେ ପାଳିତ ହୋଇଯାଇଛି। ସକାଳୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଅନୁଷ୍ଠାନ ଦିନ ଭରି ଭକ୍ତ ମାନଙ୍କ ଅତୁଟ ଶ୍ରଦ୍ଧା, ଆସ୍ଥା ଓ ଭକ୍ତିରେ ପରିପୂର୍ଣ୍ଣ ହୋଇଥିଲା, ଯାହା ସମଗ୍ର ପରିବେଶକୁ ଏକ ଦିବ୍ୟ ଧାମର ଅନୁଭୂତି ଦେଇଥିଲା। ପୁରୀ ଶ୍ରୀକ୍ଷେତ୍ରର ପାରମ୍ପରିକ ପଦ୍ଧତି ନୀତିକାନ୍ତି ଅନୁଯାୟୀ ପ୍ରାତଃକାଳରେ ମଙ୍ଗଳାର୍ପଣ, ଆଜ୍ଞାମାଳ, ଧାଡି ପହଣ୍ଡି, ମଙ୍ଗଳ ଆରତି, ବଲ୍ଲଭ ଭୋଗ, ସୁବର୍ଣ୍ଣକୂପ ପୂଜା, କଳସ ଅଧିବାସ ଭଳି ନିଷ୍ଠାର ସହିତ ସମ୍ପାଦନ କରାଯାଇଥିଲା।ମନ୍ତ୍ରଛାରଣ, ଗମ୍ଭୀର ଧ୍ୱନି, ଘଣ୍ଟା, ଶଙ୍ଖର ନାଦ ଏହି ଅବସରକୁ ଅତ୍ୟନ୍ତ ଦିବ୍ୟ ଓ ଆବିକ ଆନନ୍ଦରେ ଭରିଦେଇଥିଲା। ଏହାପରେ ୧୦୮ ଟି ପବିତ୍ର କଳସରେ ସଂଗ୍ରହିତ ସୁଗନ୍ଧିତ ଓ ମନ୍ତ୍ରସିଦ୍ଧ ଜଳ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ସମ୍ପର୍ଣ୍ଣ ହୋଇଥିଲା। ସ୍ନାନ ପରେ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିରଟି ଇମାମି ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ରାଧେଶ୍ୟାମ ଅଗ୍ରୱାଲଙ୍କ ଧାର୍ମିକ ଚେତନା ଫଳସ୍ୱରୂପ ସ୍ଥାପିତ ହୋଇଛି। ଇମାମି ଗ୍ରୁପର ଯୁଗ୍ମ ଅଧକ୍ଷ ଶ୍ରୀ ରାଧେଶ୍ୟାମ ଗୋଏଙ୍କା ପାରମ୍ପରିକ ଛେରା ପହଁରା ନୀତି ପାଳନ କରିଥିଲେ। ମହାପ୍ରଭୁଙ୍କୁ ଛପନ ଭୋଗ ଅର୍ପଣ କରାଯାଇଥିଲା ସନ୍ଧ୍ୟା ଆରତି ପରେ ଶ୍ରୀଜୀଉମାନେ ସ୍ନାନ ବେଦୀରୁ ଅଣସର ଘରକୁ ବିଜେ କରିଥିଲେ। ଇମାମି ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖେତାନ, ଇମାମି ପେପର ମିଲ୍ସର ବରିଷ୍ଠ ସଭାପତି ଆଶୀଷ ଅବିନାଶଗୁପ୍ତା, ଇମାମି ଲେଡିସ କ୍ଲବ ସଦସ୍ୟାଗଣ ଓ ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳାବଦ୍ଧ ଓ ସଫଳ ଭାବେ ପାଳିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ, ଉପଜିଲ୍ଲାପାଳ ଶିବ ମାଲଭିୟ, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବିଜେଡି ନାରୀ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବିଜେଡି ଯୁବନେତା ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ମାନଙ୍କ ଭିଡ ଲାଗିଥିଲା। ଇମାମି ପେପର ମିଲ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା, ଭକ୍ତ ମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଆନନ୍ଦର ସହିତ ଗ୍ରହଣ କରିଥିଲେ। ଏହି ଦିବ୍ୟ ମହାସ୍ନାନ ଯାତ୍ରାକୁ ସଫଳ ଓ ସ୍ମରଣୀୟ କରିବାରେ ଯେଉଁ ସମସ୍ତ କର୍ମକର୍ତ୍ତା, ସମବାୟ, ମନ୍ଦିର ପ୍ରଶାସନ ଓ ଭକ୍ତ ମାନେ ନିଷ୍ଠାର ସହିତ ସହଯୋଗ କରିଥିଲେ ସେମାନଙ୍କୁ ଇମାମି ପେପର ମିଲ୍ସର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ।

**କାଳିପଦା/ବାଲିଆପାଳ :** ବାଲିଆପାଳର ଖଗଡା ପାଳ ସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧା ଓ ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ସୋମବାର ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥି ପାଇଁ ପ୍ରାତଃରୁ ଶ୍ରୀ ଜୀଉମାନଙ୍କର ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଦ୍ୱାର ପୂଜା, ଅବକାଶ ନୀତି ଆଦି ସମ୍ପନ୍ନ ହୋଇଥିଲା। ପରେ ଉଭୟେ କ୍ଷେତ୍ରର ସେବାୟତମାନେ ତିନି ଠାକୁରଙ୍କୁ ଗୋଟିପହଣ୍ଡିରେ ସ୍ନାନ ମଣ୍ଡପକୁ ନେଇଥିଲେ। ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ଛେରାପହଁରା କରିଥିଲେ। ସ୍ନାନ ବେଦୀରେ ପୂଜା ଅର୍ଚ୍ଚନା ପରେ ୧୦୮ ଗରା ସୁବାସିତ ଜଳରେ ଶ୍ରୀ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ମଣ୍ଡପରେ ଷୋଡ଼ଶ ପୂଜା ଏବଂ ହୋମ ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶ ଧାରଣା କରିଥିଲେ। ପୂଜା ନୀତି ପରେ ରାତି ୮ ଟା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରେ ବିଜେ କରାଯାଇ ଥିଲା। ଶ୍ରଦ୍ଧା କ୍ଷେତ୍ରରେ ସେବାୟତ ରବି ନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ ପ୍ରମୁଖ ପୂଜା ଅର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡର ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମୂରଲୀ ମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ଦିବ୍ୟକାମ ମହାନ୍ତି, ସଞ୍ଜୟ କୁମାର ଦେ ଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଏହି ଉତ୍ସବକୁ ପରିଚାଳନା କରିଥିଲେ। ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଶହଶହ ଶ୍ରଦ୍ଧାଳୁଙ୍କର ଭିଡ ହୋଇଥିଲା ସେହିପରି ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ଜୀଉ ନିୟୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, ସରୋଜ ତୋଳା, ରାଜେନ୍ଦ୍ର ଧଳ, ସୁଦର୍ଶନ ଦଳାଇ, କଟି ଛୁଆ ଦଳାଇ, ଅଜୟ କୁମାର ପାତ୍ର, କୃଷ୍ଣାନନ୍ଦ ପାତ୍ର, ମନୋରଞ୍ଜନ ସାମଲ, ମନୋରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ସେବକ ଭାବେ ଉପସ୍ଥିତ ରହି ଅତ୍ୟନ୍ତ ନିଷ୍ଠା ଓ ଭକ୍ତିଭାବର ସହିତ ସ୍ୱହସ୍ତରେ ସ୍ନାନଯାତ୍ରାର ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଆଖପାଖ ଅଞ୍ଚଳର ଭକ୍ତ ମହାପ୍ରଭୁଙ୍କ ଦେବସ୍ନାନ ଦର୍ଶନ କରି ଆତ୍ମିକ ଶାନ୍ତି ଓ ଦିବ୍ୟ ଅନୁଭୂତି ଲାଭ କରିଥିଲେ। ପାରମ୍ପରିକ ବିଧି ଅନୁଯାୟୀ ଶ୍ରୀଜୀଉମାନଙ୍କୁ ୧୦୮ ପିଣ୍ଡି ସୁବାସିତ ଜଳରେ ଶ୍ରୀଙ୍ଗାର ମଣ୍ଡପରେ ମହାସ୍ନାନ କରାଯାଇଥିଲା। ପରେ ବିଶେଷ ଅଙ୍ଗଲାଗି ସେବା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଆକର୍ଷଣୀୟ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ସମଗ୍ର ଉତ୍ସବ ସୁନିୟୋଜିତ ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ପ୍ରକାଶ ଥାଉ କି, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ବିଧିବଦ୍ଧ ଭାବେ ପାଳନ କରାଯାଉଛି।

**ଅନନ୍ତପୁର ଜଗନ୍ନାଥ ମନ୍ଦିର :** ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ରେ ତିନି ଦିଅଁଙ୍କ ପବିତ୍ର ସ୍ନାନଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଭୋରରୁ ଦିଅଁ ମାନଙ୍କ ମଙ୍ଗଳା ଆଳତୀ, ମଇଲମ, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଗୋଟି ପହଣ୍ଡି ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଶଙ୍ଖ, ଘଣ୍ଟା ହୁଳହୁଳି ଜୟ ଜଗନ୍ନାଥ ଧ୍ୱନି ସଂକୀର୍ତନ ମଧ୍ୟରେ ସ୍ନାନ ମଣ୍ଡପକୁ ନିଆଯାଇ ଥିଲା। ସେବାୟତ ମାନେ ଶ୍ରୀ ସୁଦର୍ଶନ,ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ସ୍ନାନ ମଣ୍ଡପ ରେ ବିଜେ କରାଯାଇ ସମସ୍ତ ନୀତିକାନ୍ତି ପରେ ୧୦୮ ସୁବାସିତ ଜଳ,ଓ କ୍ଷୀର ରେ ଜୀଉ ମାନଙ୍କୁ ସ୍ନାନ କରା ଯାଇଥିଲା। ସ୍ନାନ ସମୟ ରେ ହୁଳହୁଳି, ଶଙ୍ଖ, ଘଣ୍ଟ ଘଣ୍ଟା,ଜୟ ଜଗନ୍ନାଥ ଧ୍ୱନି, ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇ ଥିଲା।ପରେ ଦିଅଁ ମାନଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରିବା ପରେ ସ୍ନାନ ମଣ୍ଡପ ରେ ଭକ୍ତ ମାନେ ଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଥିଲେ। ଅପରାହ୍ନ ୪ ଟା ରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି ରେ ଅଣସର ବେଦି କୁ ନିଆଯାଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅନନ୍ତପୁର ଶାଖା ତରଫରୁ ଭକ୍ତ ମାନେ ବିଶୁଦ୍ଧ ଜଳ ପିଇବା ପାଇଁ ଗୋଟିଏ ଆକ୍ୱାଗାର୍ଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବସା ଯାଇ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟ ରେ ଲୋକାର୍ପଣ କରା ଯାଇଥିଲା। ଲୋକାର୍ପଣ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଜିତ ଦେହୁରୀ, ଅନନ୍ତପୁର ଥାନା ଏଏସଆଇ ଜୟପ୍ରକାଶ ବେହେରା ଓ ମନ୍ଦିର ପରିଚାଳନା କମିଟି ର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

**ମୁମ୍ବାଇ ଅନୁଶକ୍ତିନଗର:** ମୁମ୍ବାଇ ଅନୁଶକ୍ତିନଗର ଅନୁଶକ୍ତିନଗର ଓଡ଼ିଆ ସମାଜ ପକ୍ଷରୁ ପବିତ୍ର ଶ୍ରୀଜଗନ୍ନାଥ ସ୍ନାନକ୍ଷ ପୂର୍ଣ୍ଣିମା ଓ ହାତୀ ବେଶ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପାରମ୍ପରିକ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସକାଳୁ ମଙ୍ଗଳ ଆରତି ପରେ ବେଦମନ୍ତ୍ର, ହରିନାମ ସଂକୀର୍ତ୍ତନ ଓ ଭକ୍ତିମୟ ପରିବେଶ ମଧ୍ୟରେ ପବିତ୍ର ଜଳରେ ମହାପ୍ରଭୁଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ସ୍ନାନ ପରେ ପ୍ରଭୁଙ୍କୁ ପାରମ୍ପରିକ ହାତୀ ବେଶରେ ସୁସଜ୍ଜିତ କରାଯାଇଥିଲା, ଯାହାର ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖାଯାଇଥିଲା। ଚଳିତ ବର୍ଷ ଅନୁଶକ୍ତିନଗରରେ ଶ୍ରୀଜଗନ୍ନାଥଙ୍କ ପାଇଁ ଏକ ନୂତନ କାଠର ରଥ ନିର୍ମାଣ କରାଯାଉଛି। ଏହି ନୂତନ ରଥରେ ଚଳିତ ବର୍ଷର ଶ୍ରୀଜଗନ୍ନାଥ ରଥଯାତ୍ରା ଆହୁରି ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ କରାଯିବ, ଯାହାକୁ ନେଇ ସମଗ୍ର ଅନୁଶକ୍ତିନଗରରେ ଉତ୍ସାହ ଓ ଭକ୍ତିର ପରିବେଶ ସୃଷ୍ଟି ହୋଇଛି। ଅନୁଶକ୍ତିନଗର ଓଡ଼ିଆ ସମାଜ ହେଉଛି ମୁମ୍ବାଇସ୍ଥିତ ଭାବା ପରମାଣୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ, ଅଧିକାରୀ ଓ କର୍ମଚାରୀମାନଙ୍କର ଏକ ପ୍ରମୁଖ ସାଂସ୍କୃତିକ ସଂଗଠନ। ପ୍ରତିବର୍ଷ ଆୟୋଜିତ ହେଉଥିବା ଶ୍ରୀଜଗନ୍ନାଥ ରଥଯାତ୍ରାରେ କେବଳ ଓଡ଼ିଆ ସମ୍ପ୍ରଦାୟ ନୁହେଁ, ବରଂ ବିଭିନ୍ନ ରାଜ୍ୟର ଅଣଓଡ଼ିଆ ଭକ୍ତମାନେ ମଧ୍ୟ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଭକ୍ତି, ସାମ୍ପ୍ରଦାୟିକ ସଭାବ ଓ ଜାତୀୟ ଏକତାର ଏକ ଅନନ୍ୟ ନିଦର୍ଶନ ସୃଷ୍ଟି କରିଥାନ୍ତି। ଏହି ଅବସରରେ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା।ସ୍ୱେଚ୍ଛାସେବକମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଏବଂ ମହିଳା, ଯୁବବର୍ଗ ଓ ଶିଶୁମାନଙ୍କର ସକ୍ରିୟ ସହଯୋଗ ଅନୁଷ୍ଠାନକୁ ସଫଳ ଓ ସ୍ମରଣୀୟ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା ଓ ସମନ୍ୱୟରେ ରତିକାନ୍ତ ମିଶ୍ର, ରାଜକିଶୋର ଲେଙ୍କା, ସବ୍ୟସାଚୀ ରାଉତ, ଗୌରୀଶଙ୍କର ସାହୁ, ଶ୍ରୀକାନ୍ତ ସାହୁ, ବିଶ୍ୱଭୂଷଣ ସାହୁ, ଶ୍ରୀଧର ସାହୁ ଏବଂ ପବିତ୍ର ବାରଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସମଗ୍ର ଅନୁଷ୍ଠାନକୁ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ କରିଥିଲେ।

**କୃପାକ୍ଷେତ୍ର ରସିଦପୁର:** ଭୋଗରାଇ ବ୍ଲକ ଅନ୍ତର୍ଗତ କୃପାକ୍ଷେତ୍ର ରସିଦପୁର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ ଟାରେ ମହାପ୍ରଭୁଙ୍କ ଆରତୀ ଓ ସୂର୍ଯ୍ୟପୂଜା ଯଥାରୀତି ସମ୍ପନ୍ନ ହୋଇଥିଲା। ପରେ ସେବାୟତମାନେ ନିକଟସ୍ଥ ସୂବର୍ଣ୍ଣରେଖା ନଦୀରୁ କଳସିରେ ପାଣି ଆଣିଥିଲେ। ବଡପଣ୍ଡା ପତିତପାବନ ପାଣି ବିଧି ମୁତାବକ ତିନି ଠାକୁରଙ୍କ ଅଭିଷେକ କରାଇଥିଲେ। ପୂର୍ବାହ୍ନ ୧୧ଟାରେ ତିନି ଠାକୁରଙ୍କ ପବିତ୍ର ସ୍ନାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୨ ଟାରେ ମହାପ୍ରଭୁଙ୍କ ଗଜାନନ ବେଶ ସମ୍ପନ୍ନ ହୋଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ଶ୍ରୀକୃଷ୍ଣ ଦାସ, ସମ୍ପାଦକ ନଟରଞ୍ଜନ ଘରାଇ,ମୁଖ୍ୟ ସେବାୟତ ଅରବିନ୍ଦ କର, ରବୀନ୍ଦ୍ର କର,ସୁବ୍ରତ ଘରାଇ, ଗୌରହରି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଗିରି, ଗୌରହରି ପାଳ, ଘଡାଇ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଓ ୩୦ ଜଣ ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ସମ୍ପନ୍ନ ହୋଇଥିଲା।

**ଚନ୍ଦନେଶ୍ୱର:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ମନ୍ଦିର ପରିସର ଆଜି ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ରୀତିନୀତିରେ ମୁଖରିତ ହୋଇଉଠିଥିଲା। ମନ୍ଦିର ପରିସରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ଦେବସ୍ନାନ ନୀତି ସୋମବାର ପ୍ରଭାତରେ ଶାସ୍ତ୍ରୋକ୍ତ ବିଧିବିଧାନ ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି। ପ୍ରାତଃକାଳରୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନଙ୍କ "ଜୟ ଜଗନ୍ନାଥ' ଓ "ହରିବୋଲ' ଧ୍ୱନି, ଶଙ୍ଖନାଦ, ଘଣ୍ଟ, ଝାଲି ଏବଂ ହୁଳହୁଳିରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଆନନ୍ଦରେ ଭରିଯାଇଥିଲା। ଏହି ପବିତ୍ର ଉତ୍ସବକୁ ପ୍ରତ୍ୟକ୍ଷ କରିବା ପାଇଁ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ମଧ୍ୟ ଅସଂଖ୍ୟ ଶ୍ରଦ୍ଧାଳୁ ଆସିଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିରରୁ ସୁସଜ୍ଜିତ ପହଣ୍ଡିରେ ବାହାର କରାଯାଇ ମନ୍ଦିର ପରିସରସ୍ଥିତ ତୁଳସୀ ଚଉରା ନିକଟରେ ଥିବା ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପହଣ୍ଡି ସମୟରେ ଭକ୍ତମାନଙ୍କ ଭକ୍ତିଭାବ, ଶଙ୍ଖଧ୍ୱନି ଓ ହୁଳହୁଳିରେ ସମଗ୍ର ପରିବେଶ ମୁଖରିତ ହୋଇଉଠିଥିଲା। ସ୍ନାନ ମଣ୍ଡପରେ ସେବାୟତ ତପନ କୁମାର ପଣ୍ଡା, ମୁଖ୍ୟ ପୂଜକ ସୁଶୀଲ ପଣ୍ଡା, ବୁଦ୍ଧଦେବ ପଣ୍ଡା, ଗଣେଶଲାଲ ପଣ୍ଡା, ବିବେକ ପଣ୍ଡା, ନିମାଇଁ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ବୈଦିକ ମନ୍ତ୍ରୋଚ୍ଚାରଣ ସହ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ସୁଗନ୍ଧିତ ତେଲ, ଗୁଲାବଜଳ, ଚନ୍ଦନ ଓ ଅନ୍ୟାନ୍ୟ ପବିତ୍ର ଦ୍ରବ୍ୟରେ ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ନୀତି ସମୟରେ ଉପସ୍ଥିତ ଭକ୍ତମାନେ ଫୁଲ, କ୍ଷୀର, ପଇଡ଼, ବିଭିନ୍ନ ଫଳ ଓ ଅନ୍ୟାନ୍ୟ ଉପଚାର ଅର୍ପଣ କରି ମହାପ୍ରଭୁଙ୍କ କୃପାଲାଭ କରିଥିଲେ।














# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।

-ମାରଶାଲ୍ ମାକଲୁହାନ୍

ସକାଳ
THE SAKALA

## ଉଦ୍‌ବିଗ୍ନ ମୁହୂର୍ତ୍ତ

ସୂଚନା ପ୍ରଯୁକ୍ତି ବା ଆଇଟି କ୍ଷେତ୍ର ଭାରତ ସମେତ ସମଗ୍ର ବିଶ୍ୱରେ ଅର୍ଥନୀତିକ ଅଭିବୃଦ୍ଧିର ଏକ ବଡ଼ ବାହକ ହୋଇଥିବା ବେଳେ ପ୍ରତିଭା ନିଯୁକ୍ତିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଭାରତ ଭଳି ଦେଶ ଯେଉଁଠି ସରକାରୀ ଚାକିରିରେ କୋଟା ରାଜ ବ୍ୟବସ୍ଥା ପ୍ରତିଭାର ସ୍ୱାଭାବିକ ଉଦ୍‌ବର୍ତ୍ତନକୁ ଉଦ୍ଦେଶ୍ୟମୂଳକ ଭାବେ ଜାତିଆଣ ଆଧାରରେ ସଂକୁଚିତ କରି ପଜିଟିଭ ଡିସ୍‌କ୍ରିମିନେସନ ବା ଗଠନମୂଳକ ପାତର ଅନ୍ତର ତତ୍ତ୍ୱକୁ ଅଗ୍ରାଧିକାର ଦିଏ, ସେଠାରେ ଆଇଟି କ୍ଷେତ୍ର ପ୍ରତିଭାଧାରୀଙ୍କ ପାଇଁ ଶେଷ ଗନ୍ତବ୍ୟ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଭାରତୀୟ ଆଇଟି ବୃତ୍ତିଧାରୀମାନେ ନିଜର କର୍ମକୁଶଳତା ଓ ନିଷ୍ଠା ଯୋଗୁଁ ପ୍ରତିଷ୍ଠିତ ହୋଇପାରିଛନ୍ତି। ବିଡ଼ମ୍ବନା ହେଲା ଏ କ୍ଷେତ୍ର ଏବେ ମଧ୍ୟ ଏକ ଉଦ୍‌ବିଗ୍ନ ମୁହୂର୍ତ୍ତ ଦେଇ ଗତି କରୁଛି। ପ୍ରଚୁର ଅର୍ଥର ଅଧିକାରୀ ଧନାଢ଼୍ୟ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ବଡ଼ ଧରଣର ଛଟେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପ୍ରକ୍ରିୟାରେ ଭାରତୀୟଙ୍କ ସମେତ ବହୁ ପୁରାତନ ପେସାଦାର ବୃତ୍ତିଜୀବୀ ଅସମୟରେ ଚାକିରି ହରାଉଛନ୍ତି। ଏସବୁ କମ୍ପାନୀ ନୂଆ ଯାନ୍ତ୍ରିକତା ଓ ପ୍ରଯୁକ୍ତିକୁ ଅଗ୍ରାଧିକାର ଦେଇ ସ୍ୱୟଂକ୍ରିୟ ଯନ୍ତ୍ରଚାଳିତ ବ୍ୟବସ୍ଥାରେ ନିଜର କାମ କରିବା ସହିତ ମାନବସମ୍ବଳର ଉପଯୋଗକୁ ନିରନ୍ତର ଭାବେ କମାଉଛନ୍ତି। ଏହାଛଡ଼ା ବିଭିନ୍ନ ବୈଶ୍ୱିକ ଓ ଜାତୀୟସ୍ତରର ଅର୍ଥନୈତିକ ମାନ୍ଦା ସମସ୍ୟା ଯୋଗୁଁ କର୍ମଚାରୀ ଛଟେଇ କରିବାକୁ ବାଧ୍ୟ ହେଉଛନ୍ତି।

ଏବେ ଆୟ ବୃଦ୍ଧି ପାଇଁ ଅତିରିକ୍ତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ଅର୍ଥ ପିଶାଚ ଏସବୁ କମ୍ପାନୀ ନିଜର ଆୟ ବୃଦ୍ଧି ପାଇଁ ବିଭିନ୍ନ ବାହାନା କରି କର୍ମଚାରୀ ଛଟେଇ ଆରମ୍ଭ କରିଛନ୍ତି। ଯେଉଁଠି ମେଧାବୀ ପେସାଦାରମାନଙ୍କୁ ଏକ ପ୍ରୋଗ୍ରାମ୍‌ର କୋଡିଂ କରିବାକୁ ହାରାହାରି ଦୁଇମାସ ସମୟ ଲାଗୁଥିଲା ସେଠାରେ ଏବେ ଏଆଇ ମାତ୍ର ୧୦ମିନିଟ୍ ମଧ୍ୟରେ ତାହା ସମ୍ପନ୍ନ କରିପାରୁଛି। ତେଣୁ ଏକ ସଫ୍ଟୱେର ସଂସ୍ଥା ମାନବସମ୍ବଳର ନିଯୁକ୍ତିରେ ବିପୁଳ ଅର୍ଥ ଅପଚୟ କରିବ କାହିଁକି? ଏହି ମାନସିକତାରେ ଏବେ ଆଇଟି କ୍ଷେତ୍ରରେ ମାତ୍ର ଚାରି/ପାଞ୍ଚ ବର୍ଷ ପରେ ପେସାଦାରମାନଙ୍କ ହାତରେ ଗୋଲାପୀ ପତ୍ର(ବହିଷ୍କାର ଆଦେଶ) ଧରାଇ ଦିଆଯାଉଛି। ଆଲ୍‌ଫାବେଟ୍, ମେଟା, ମାଇକ୍ରୋସଫ୍ଟ, ଆମାଜନ, ସେଲ୍ସଫୋର୍ସ, ଗୁଗୁଲ ଓ ସାପ୍ ଆଦି ଆଇଟି କମ୍ପାନୀମାନେ କର୍ମଚାରୀ ଛଟେଇ ଜାରି ରଖିଥିବା ବେଳେ ଆଉ କେତେକ କମ୍ପାନୀ ସମାନ ନୀତି ମଧ୍ୟ ଅନୁସରଣ କରୁଛନ୍ତି।

ଭାରତୀୟଆଇଟି କମ୍ପାନୀମାନେ ଏହି ଧାରାରେ ମଧ୍ୟ ସାମିଲ ହୋଇଛନ୍ତି। ମହାମାରୀ ପରେ ଭାରତୀୟ ଆଇଟି କମ୍ପାନୀମାନେ ସେମାନଙ୍କର ନୂଆ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ବେଳେ ନୂତନ ବୃତ୍ତିଧାରୀମାନଙ୍କୁ ଅପେକ୍ଷାକୃତ କମ୍ ବେତନ ଦେଉଛନ୍ତି। ଅପରପକ୍ଷରେ ଚାକିରିରେ ଥିବା ମଧ୍ୟମ ଓ ବରିଷ୍ଠ ବର୍ଗର ଉଚ୍ଚ ବେତନ ଭୋଗୀଙ୍କୁ ପ୍ରସ୍ଥାନ ପଥ ବାଧ୍ୟତାମୂଳକ ଭାବେ ଦେଖାଇ ଦିଆଯାଉଛି। ଏସବୁ ଉଦ୍ୟୋଗ ଏପରି ସଂସ୍ଥା, ଯେଉଁଠି ଶ୍ରମିକ ସଂଗଠନ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ବା ନାହିଁ କହିଲେ ଚଳେ। ସେ ବ୍ୟବସ୍ଥାରେ କର୍ମଚାରୀଙ୍କ ବୃତ୍ତିଗତ ସୁରକ୍ଷା ନୀତି ଅତ୍ୟନ୍ତ ଦୁର୍ବଳ। ସରକାରୀ ଆଇନର ସୁଯୋଗ ନେଇ ଏସବୁ ଉଦ୍ୟୋଗ ଏକ ସୁରକ୍ଷିତ ପରିବେଶରେ କାମ କରନ୍ତି ଯେଉଁଠି ଦେଶର ଶ୍ରମ ଆଇନ୍ କାନୁନ୍ ସେମାନଙ୍କୁ ବିଶେଷ ପ୍ରଭାବିତ କରେନାହିଁ।ଭବିଷ୍ୟତରେ ଏହି ସଙ୍କଟ ଆହୁରି ଭୟଙ୍କର ଆକାର ଧାରଣ କରିପାରେ।

ଷ୍ଟକ୍ ମାର୍କେଟରେ ତାଲିକା ଭୁକ୍ତ ହୋଇଥିବା ଆଇଟି କମ୍ପାନୀମାନଙ୍କର ଆୟ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହୁଏ ଯେ ଆଗଭଳି ଆଉ ସେମାନଙ୍କର ଷ୍ଟକ୍ ପ୍ରାଇମ୍ କମ୍ ରହୁନାହିଁ କି ବେପାର ପ୍ରଭାବିତ ହେଉନି। ସେମାନଙ୍କ ଆୟ ଓ ଲାଭ ବଢ଼ିଛି। ସେମାନେ ଏହି ସୁଯୋଗରେ ନୂଆ ଟେକ୍‌ନୋଲୋଜିର ଉପଯୋଗ କରି ନିଜର କର୍ମଚାରୀ ସଂଖ୍ୟା ହ୍ରାସ କରିବା ସହ ଲାଭ ବଢ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏସବୁ କମ୍ପାନୀ ଏବେ ନୂଆ ଟେକ୍‌ନୋଲୋଜି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ଅଟୋମେସନ୍ ଆଦିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି। ଓପନ୍ ଏଆଇ ଚାଟ୍‌ବଟ୍ ଚାଟ୍‌ଜିପିଟିର ସଫଳତା ପରେ ଏବେ ଏକାଧିକ ସଂସ୍ଥା ନିଜସ୍ୱ ଏଆଇ ଚାଟ୍‌ବଟ୍ ବିକଶିତ କରୁଛନ୍ତି, ଯାହାର ସର୍ବାଧିକ ଗ୍ରାହକ ହେଉଛନ୍ତି ଭାରତୀୟ।

ନୂଆ ଯୁଗର ଆବଶ୍ୟକତା ପୂରଣ ପାଇଁ ଏସବୁ ଟେକ୍‌ନୋଲୋଜିର ପ୍ରବର୍ତ୍ତନ ଜରୁରୀ ଏବଂ ଏହା ଆମ ୫-ଜି ସ୍ମାର୍ଟ ଟେଲିଫୋନ୍ ବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇବ। ତେବେ ଏହି ନବ ପ୍ରଯୁକ୍ତି ଓ ଯନ୍ତ୍ରାୟନ ବ୍ୟବସ୍ଥା କ'ଣ ମଣିଷର ବିକଳ୍ପ ହୋଇ ସେମାନଙ୍କ ହାତରୁ ନିଯୁକ୍ତି ଓ ରୋଜଗାର ଛଡ଼ାଇ ନେବ? ବ୍ୟବସାୟରେ ଲାଭ ପରମ ଧର୍ମ। ତେଣୁ ଏଥିରେ ମଣିଷର ଶ୍ରମ, ମାନବିକତା, ନୈତିକତାକୁ ଉପଯୁକ୍ତ ମର୍ଯ୍ୟାଦା ମିଳିବା ସମ୍ଭାବନା କମ୍। ଅର୍ଥନୀତିକୁ ଏବେ ମଣିଷ ନୁହେଁ, ଯନ୍ତ୍ର ଓ ପ୍ରଯୁକ୍ତି ବିଦ୍ୟାର ବିସ୍ତାର ହେଉଛି, ତାହାର ପରିଣତି ଭୟଙ୍କର ହୋଇପାରେ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ନୂତନ କମ୍ପ୍ୟୁଟର, ଯାନ୍ତ୍ରିକ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା ଏବଂ ଡାଟା ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ବହୁ ବର୍ଗ ଓ ସଂଖ୍ୟାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହେଉଛି। ଆଗାମୀ ଦିନରେ ଭାରତ ସମେତ ସମଗ୍ର ବିଶ୍ୱର ଆଇଟି କ୍ଷେତ୍ରର ନିଯୁକ୍ତି ଉପରେ ଏହାର ପ୍ରଚଣ୍ଡ ପ୍ରଭାବ ଅନୁଭୂତ ହେବ ଓ ଅନେକ ଲୋକ ଚାକିରି ହରାଇବା ଥୟ। ପୁରୁଣା ଓ ଅଭିଜ୍ଞ କର୍ମୀଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବ। ଭାରତ ସରକାର ଏହି ଉଦ୍‌ବିଗ୍ନ ମୁହୂର୍ତ୍ତ ପ୍ରତି ସତର୍କ ରହିବା ଆବଶ୍ୟକ।

## ମୂଲ୍ୟବୋଧର ଅବକ୍ଷୟ

ସୌଭାଗ୍ୟ ସୁନ୍ଦରରାୟ

କିଛିମାସ ତଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଦୁଇ ପୁତ୍ର ସନ୍ତାନ ୯୫ ବର୍ଷୀୟା ମା'ଙ୍କୁ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। ପୁଲିସ ସଂପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ଏକ ଜରାଶ୍ରୟରେ ଆଶ୍ରୟ ପ୍ରଦାନ କଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ମା'ଙ୍କ ସେବାଯତ୍ନ ନିମନ୍ତେ ଦୁଇପୁତ୍ର ଅମଙ୍ଗ ଥିବାରୁ ଏପରି ଘଟଣା ଘଟିଛି। ଘଟଣାଟି ଏକ ମାନସିକ କମ୍ପନ ସୃଷ୍ଟି କରିବା ସ୍ୱାଭାବିକ ଏବଂ ନିଶ୍ଚିତ ଭାବେ ସାମାଜିକ ନୈତିକତାର ଅବକ୍ଷୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପ୍ରକାର ଅନେକ ଘଟଣା ବର୍ତ୍ତମାନର ସାମାଜିକ ଚଳଣିରେ ଘଟୁଥିବା ଦେଖାଯାଉଛି। କେବଳ ଯେ ନ ଥିଲାବାଲାଙ୍କ ଘରେ ଏପ୍ରକାର ଘଟଣା ଘଟୁଛି ତାହା ନୁହେଁ, ଥିଲାବାଲାଙ୍କ ଘରେ ମଧ୍ୟ ଏହା ଘଟୁଛି।

ବିଜୟପତ୍ ସିଂଘାଣିଆଙ୍କ ବିଷୟକୁ ଆସିବା। ଦେଶର ବିଶିଷ୍ଟ ଶିଳ୍ପପତି। ରେମଣ୍ଡ ଶିଳ୍ପଗୋଷ୍ଠୀର ମାଲିକ। ଦିନେ ଥିଲେ ୩୬ ମହଲାବିଶିଷ୍ଟ ମୁମ୍ବାଇ ଜେକେ ହାଉସର ଅଧିପତି। ପରବର୍ତ୍ତୀ ସମୟରେ କଂପାନୀରେ ଥିବା ବ୍ୟକ୍ତିଗତ ୩୭% ଅଂଶଧନ ଯେଉଁଦିନ ନିଜ ପୁତ୍ରଙ୍କୁ ହସ୍ତାନ୍ତର କଲେ ତା'ପରଠାରୁ ତାଙ୍କ ଦିନ ଓକିଲଙ୍କ ବାରଣ୍ଡାରେ କଟିଲା। ନିଜର ଏହା ଏକ ଭୁଲ୍ ନିଷ୍ପତ୍ତି ଥିଲା ବୋଲି ଆତ୍ମଜୀବନୀ 'ଆନ ଇନ୍‌କଂପ୍ଲିଟ ଲାଇଫ'ରେ ବିଜୟପତ୍ ଲେଖିଛନ୍ତି। ଶେଷ ସମୟକୁ ନଥିଲା ତାଙ୍କର ରମ୍ୟ ସୌଧ ବା ରାଜକୀୟ ଜୀବନଶୈଳୀ। ୮୭ ବର୍ଷ ବୟସରେ ଏକ ଭଡ଼ା ଘରେ ଏକାକୀ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ବିଜୟପତ୍‌ଙ୍କ ପୁତ୍ର ଗୌତମ ଚାହିଁଥିଲେ କ'ଣ ବାପାଙ୍କୁ ନିଜ ପାଖରେ ରଖିପାରି ନ ଥା'ନ୍ତେ ବା ଏକ ଗୃହ ଯୋଗାଇ ପାରି ନ ଥା'ନ୍ତେ? ଏ ପ୍ରକାର ପରିସ୍ଥିତିରେ ପିତାମାତାଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ କ'ଣ ରହିବା ଆବଶ୍ୟକ ବୋଲି ପ୍ରଶ୍ନ ଉଠୁଛି। ପ୍ରଶ୍ନଟି ଏବେ ବି ଅସମାହିତ। ଯେମିତି ପିତାଙ୍କ ସତ୍ୟ ରକ୍ଷା ପାଇଁ ପ୍ରଭୁ ଶ୍ରୀରାମ ବନବାସ ଯାଇଥିଲେ ନା ଅସୁରକୁଳ କବଳରୁ ଧରାକୁ ରକ୍ଷା ନିମନ୍ତେ ବନଗମନ କରିଥିଲେ? ସେହିପରି ଦିନେ ପିତା ଯଯାତିଙ୍କ ବାର୍ଦ୍ଧକ୍ୟ ଗ୍ରହଣ କରିଥିଲେ ପୁତ୍ର ପୂରୁ। ପିତାଙ୍କ ଆଶୀର୍ବାଦରେ ପରବର୍ତ୍ତୀ ସମୟରେ ପୁରୁ ପ୍ରତିଷ୍ଠା କରିଥିଲେ ଏକ ବିଶାଳ ତଥା ଦୀର୍ଘ ରାଜବଂଶ। ଜରା ଗ୍ରହଣ ସମୟରେ ପୁରୁ କହିଥିଲେ ଯେ - 'ଯେ ଉତ୍ତମ ପୁତ୍ର ସେ ପିତାଙ୍କ ମନଜାଣି କାର୍ଯ୍ୟ କରିଥାଏ। ଯେ ମଧ୍ୟମ, ପିତା କହିବା ମାତ୍ରେ ସେ ତାହା ପାଳନ କରିଥାଏ। ଯେ ଅଧମ, କହିବା ପରେ ଶ୍ରଦ୍ଧା ନ ଥାଇ ପିତାଙ୍କ ଆଦେଶ ପାଳନ କରିଥାଏ।' ଯେଉଁ ପୁତ୍ର କହିବା ସତ୍ତ୍ୱେ ପିତାଙ୍କ ଆଦେଶ ପାଳନ କରିନଥାଏ, ସେ ପିତାଙ୍କ ମଳମୂତ୍ର ସହ ସମାନ ହୋଇଥାଏ। ଏହା ପୁରାଣ ପୃଷ୍ଠାର କଥା। ଏକଥା ଶୁକମୁନି ପରୀକ୍ଷିତଙ୍କୁ ଶୁଣାଇଥିଲେ।

ଅନ୍ୟ ଏକ ଘଟଣାରେ ଜଣେ ୮୩ ବର୍ଷ ବୟସ୍କା ବିଧବା ମହିଳାଙ୍କ ଭରଣପୋଷଣ ଓ ସେବାଯତ୍ନ ଦାୟିତ୍ୱ ଦୁଇ ପୁଅ ନେବାକୁ ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଏକ ନିର୍ଦ୍ଦେଶନାମାରେ କହିଛନ୍ତି। ପୁଅଙ୍କ ଦ୍ୱାରା ଅବହେଳାର ଶିକାର ହେଉଥିବା ଅଭିଯୋଗ ଆଣି ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ଅନୁଯାୟୀ ସଂପୃକ୍ତ ମହିଳା ପ୍ରଥମେ ଅପିଲ ଟ୍ରିବ୍ୟୁନାଲ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଅଦାଲତରେ ଅଭିଯୋଗ ଦାଖଲ କଲେ। ଅଭିଯୋଗ ବିଚାର ପାଇଁ ଗ୍ରହଣ କରି ଜଣେ ପୁଅ ମା'ର ଖାଦ୍ୟପେୟ ବୁଝିବା ଏବଂ ଅନ୍ୟ ପୁଅ ମାସିକ ୫୦୦୦ ଟଙ୍କା ପ୍ରଦାନ ନିମନ୍ତେ ଟ୍ରିବ୍ୟୁନାଲ ୨୦୨୪ ମସିହା ଫେବୃୟାରୀ ମାସରେ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ଜଣେ ପୁଅ ଜିଲ୍ଲାପାଳଙ୍କ ନିକଟରେ ପାଲଟା ଅପିଲ କରିଥିଲେ। ଜିଲ୍ଲାପାଳ ପ୍ରଥମ ଅପିଲ ଟ୍ରିବ୍ୟୁନାଲ ଆଦେଶ ଖାରଜ କରି ମାମଲାର ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ ମହିଳା ଏହି ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ଏହାର ଶୁଣାଣି କରି ଆଇନ ଅନୁଯାୟୀ ୨୦୦୭ ମସିହା ଆଇନର ଆପିଲେଟ ବ୍ୟବସ୍ଥାକୁ ପୁଅ ଉପଯୋଗ କରିପାରିବ ନାହିଁ ବୋଲି କହିଥିଲେ। ଅର୍ଥାତ ଉପ-ଜିଲ୍ଲାପାଳ ଭରଣପୋଷଣ ନିମନ୍ତେ ଯେଉଁ ଆଦେଶ ଦେଇଥିଲେ ତାହାକୁ କାଏମ ରଖିଥିଲେ। ଜଣାପଡ଼ିଛି ଯେ ଦୁଇ ପୁଅଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ଭାଗବଣ୍ଟା ପରେ ମା'ଙ୍କ କଥା କେହି ବୁଝିନଥିଲେ। ଏପରିକି ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଦେଇ ନ ଥିଲେ। ଦୁଇ ପୁତ୍ର ବିବାହିତ। ଜଣେ ପରିବା ବିକ୍ରିବଟା କରେ ଏବଂ ଅନ୍ୟ ଜଣେ ଗୃହରକ୍ଷୀ ଭାବେ କାର୍ଯ୍ୟ କରିଥାଏ।

ସେହିପରି ଗତ ମେ' ୧୭ ତାରିଖରେ ଆଉ ଏକ ଖବର ପ୍ରକାଶ ପାଇଥିଲା। ବୃଦ୍ଧ ପିତାମାତାଙ୍କୁ ଖାଇବାକୁ ନଦେଇ ନିର୍ଯାତନା ଦେବା ଅଭିଯୋଗରେ ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୁଇ ପୁଅଙ୍କୁ ପୁଲିସ ସହାୟତାରେ ଘରୁ ବିତାଡ଼ିତ କରାଯାଇଛି। ଘଟଣାଟି ଘଟିଛି ପୁରୀ ବାୟାବାବା ମଠ ଗଳିରେ। ଦୟାନିଧି ବେହେରାଙ୍କ ଅର୍ଜିତ ବାସଗୃହରେ ତାଙ୍କ ପତ୍ନୀ ଓ ଦୁଇ ପୁଅ ରହୁଥିଲେ। ପରିଣତ ବୟସରେ ବୃଦ୍ଧଦମ୍ପତିଙ୍କୁ ଦୁଇ ପୁଅ ଖାଇବାକୁ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ପିତାମାତାଙ୍କ ଭରଣପୋଷଣ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଁଏ ଦେବାକୁ ଉପ-ଜିଲ୍ଲାପାଳ ଦୁଇ ପୁଅଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଅ ଦ୍ୱୟ ଏହା ପାଳନ କରିନଥିଲେ। ଫଳରେ ପୁଲିସ ସହାୟତାରେ ଦୁଇ ପୁଅଙ୍କୁ ଘରୁ ବାହାର କରିଦେବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସବୁ ଗଲା ଆଇନ ଅଦାଲତର ବିଷୟ। ନ୍ୟାୟିକ ବ୍ୟବସ୍ଥା। ଆଇନଗତ ଲଢ଼େଇରେ ବୃଦ୍ଧ ଦମ୍ପତିଙ୍କର ବିଜୟ ହେଲା। କିନ୍ତୁ ସାମାଜିକ ଓ ସାଂସ୍କୃତିକ ଦିଗରୁ କ'ଣ ଦମ୍ପତି ନ୍ୟାୟ ପାଇପାରିଛନ୍ତି? ବୋଧହୁଏ ନା। ମୁଣ୍ଡକୁ ହାତ ପାଇବା ପର୍ଯ୍ୟନ୍ତ ଯେଉଁ ସ୍ନେହଶ୍ରଦ୍ଧା ଦେଇ ପିତାମାତା ପିଲାଙ୍କୁ ବଢ଼ାଇ ଆଣିଥିଲେ, ପରିଣତ ବୟସରେ କ'ଣ ସେମାନେ ଅନୁରୂପ ଶ୍ରଦ୍ଧା, ମର୍ଯ୍ୟାଦା ପାଇପାରିଲେ?

ଉପରୋକ୍ତ ଘଟଣାରୁ ଜଣାପଡୁଛି ଯେ ପରିଣତ ବୟସର ପିତାମାତାଙ୍କ ବୋଝ ମୁଣ୍ଡାଇବା ପାଇଁ ପୁତ୍ର, ପୁତ୍ରବଧୂ ବର୍ତ୍ତମାନ ସମୟରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚାକିରି ହେଉ ବା ବ୍ୟବସାୟ, ଉଦ୍ୟୋଗ ଆଦି ବିଭିନ୍ନ ସୂତ୍ରରୁ ରୋଜଗାର କରି ଏକ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ବିତାଇବା ନିମନ୍ତେ ନୂତନ ପିଢ଼ି ଅଧିକ ଇଚ୍ଛୁକ। ଗୃହସ୍ଥର ଦାୟିତ୍ୱ ନିର୍ବାହ ନିମନ୍ତେ ଅନିଚ୍ଛୁକ। ପିତାମାତାଙ୍କୁ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ମା'ର ପଣତକାନି ଓ ବାପାର ଛତ୍ରି ଚିରଦିନ ସନ୍ତାନଙ୍କ ସୁରକ୍ଷା କବଚ ହୋଇ ରହିଥାଏ। ପିତମାତାଙ୍କ ଅନୁଭବ, ଅଭିଜ୍ଞତା, ଦୁଃଖ-କଷ୍ଟ, ଧୈର୍ଯ୍ୟ, ସହନଶୀଳତା ପିଲାଙ୍କୁ ଆଗେଇ ଯିବାରେ ବାଟ ଦେଖାଇଥାଏ। ଏପ୍ରକାର ଗୁରୁଙ୍କୁ ପରିତ୍ୟାଗ କରାଯାଉଛି କ'ଣ ପାଇଁ? ନିଜର ସମସ୍ତ ପୁତ୍ରଙ୍କୁ ଅଯୋଗ୍ୟ ମନେ କରି ରାଜା ଭରତ ଦିନେ ଭରଦ୍ୱାଜଙ୍କୁ ପତ୍ର ରୂପେ ଗ୍ରହଣ କରିଥିଲେ। କିନ୍ତୁ ବିଜୟପତ୍ ସିଂଘାଣିଆ ପୁତ୍ରଙ୍କୁ ଯୋଗ୍ୟ ମନେ କରି ସମସ୍ତ ସମ୍ପତ୍ତି ଅର୍ପଣ କରିଥିଲେ। ପୁତ୍ର ପ୍ରତି ଅଧିକ ଆସ୍ଥା, ସ୍ନେହ ଓ ମମତାରୁ ତାଙ୍କ ଶେଷଜୀବନ ଦୁର୍ବିସହ ହୋଇଥିଲା। ପୁତ୍ର ରହିଲେ ଭୋଗବିଳାସରେ।

ଦେଶରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଘରର ବରିଷ୍ଠ ସଦସ୍ୟ କ୍ରମଶଃ ଅବହେଳାର ଶିକାର ହେଉଥିବା ଘଟଣା ପଦାକୁ ଆସୁଛି। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ୬୦ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟାଠାରୁ ଅଧିକ ହୋଇଯିବ। ଏହା ବିଶ୍ୱର ବିକାଶମୁଖୀ ଅଞ୍ଚଳ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବ। ଜନ୍ମ ହାର ହ୍ରାସ ଓ ଜୀବନ ଧାରଣ ଅବଧି ବୃଦ୍ଧି ଯୋଗୁଁ ଏହି ସମସ୍ୟା ଏବେ ତୀବ୍ର ହେବାରେ ଲାଗିଛି। ଭାରତର ଜନସଂଖ୍ୟାକୁ ଦେଖିଲେ ଦେଶ ଜନସଂଖ୍ୟାର ୧୧% ହେଉଛନ୍ତି ୬୦ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧.୧%। ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶକୁ ବାଦ ଦେଲେ ଦେଶର ଅନ୍ୟ ସବୁରାଜ୍ୟରେ ଜନ୍ମହାର ହ୍ରାସ ପାଇଛି। ଏଥିପାଇଁ ଆନ୍ଧ୍ରପ୍ରଦେଶ ସରକାର 'ତିନିସନ୍ତାନ' ନୀତିକୁ ପ୍ରୋତ୍ସାହିତ କରିଛନ୍ତି। ତେବେ ଅଧିକ ସନ୍ତାନ ପ୍ରସବ ଦ୍ୱାରା ବୃଦ୍ଧ ପିତାମାତାଙ୍କ ପ୍ରତି ପୁତ୍ରର ଉଚିତ୍ ଦାୟିତ୍ୱ ନିର୍ବାହ କରିପାରିବାର କିଛି ନିଶ୍ଚିତତା ନାହିଁ।

ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ରହିଛି। ଏହା ସତ୍ତ୍ୱେ ବୃଦ୍ଧ ପିତାମାତା ଅବହେଳାର ଶିକାର ହେଉଥିଲେ ମଧ୍ୟ ପରିବାରର ମର୍ଯ୍ୟାଦା ଦୃଷ୍ଟିରୁ ଆଇନର ଉପଯୋଗ କରିବାକୁ ଚାହୁଁନାହାନ୍ତି। ଆଉ କେତେକଙ୍କର ଅଦାଲତରେ ବୁଲିବା ପାଇଁ ଆଉ ବଳ ନାହିଁ। ଅନ୍ୟ ଦିଗରୁ ଦେଖିଲେ ଆଇନ ବା ଜରାଶ୍ରମ ଏ ସମସ୍ୟାର ବିଶେଷ ସମାଧାନ କରିପାରିବା ଭଳି ମନେ ହୁଏ ନାହିଁ। ପିତୃ-ମାତୃ ଦିବସ ପାଳନ ଏକ ଉତ୍ସବ। ବାସ୍ତବରେ ଦେଖିଲେ ସମସ୍ୟାଟି ମାନବିକ ମୂଲ୍ୟବୋଧର। ନୈତିକ ଦାୟିତ୍ୱବୋଧ ଏଥିସହ ଜଡ଼ିତ ରହିଛି। ଏଣୁ ପରିଣତ ବୟସର ପିତାମାତାଙ୍କ ମାନସିକତାକୁ ଶିକ୍ଷିତ ଆଧୁନିକ ସମାଜ ବୁଝିବା ଆବଶ୍ୟକ। ପୁତ୍ର ପରିବାରରେ ପିତାମାତାଙ୍କ ସ୍ଥାନ ଅନିବାର୍ଯ୍ୟ। ଏଥିରେ ଅର୍ଥନୈତିକ ଅବସ୍ଥା ଏକ ବାଧକ ନୁହେଁ। ଏକଥା ଆମେ ବୁଝିପାରିଲେ ଏ ସଂସାର ସୁନ୍ଦର, ତଥା ଶୃଙ୍ଖଳିତ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା

ଗୋସ୍ୱାମୀ ଅନାମ ଚରଣ ଦାଶ



ଏହା କେବଳ ଏକ ସ୍ଲୋଗାନ ନୁହେଁ; ଏକ ଗଭୀର ପ୍ରଶ୍ନ। ଯଦି ରାଷ୍ଟ୍ର ଦୁର୍ବଳ ହୋଇଯାଏ, ତାହାର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହୁଏ, ସମାଜ ଭିତରୁ ଭାଙ୍ଗିବାକୁ ଲାଗେ ତେବେ ନାଗରିକଙ୍କ ସ୍ୱାଧୀନତା, ଅଧିକାର ଓ ସୁରକ୍ଷା ଅକ୍ଷୁଣ୍ଣ ରହିପାରିବ? ଆମେ ସାଧାରଣତଃ ନାଗରିକ ଅଧିକାର ବିଷୟରେ କଥା ହେଉ। ମତପ୍ରକାଶର ସ୍ୱାଧୀନତା, ନ୍ୟାୟ, ସୁରକ୍ଷା, ଉନ୍ନତି, ସୁଯୋଗ, ଗରିମା। କିନ୍ତୁ ଏକ ମୌଳିକ ପ୍ରଶ୍ନ ଅନେକ ସମୟରେ ଅଲୋଚନାରୁ ବାହାରେ ରହିଯାଏ - ଏହି ସବୁ ଅଧିକାର କାହାର ଛତା ତଳେ ସମ୍ଭବ? ଏକ ସୁସଂଗଠିତ, ସୁରକ୍ଷିତ ଓ ସ୍ଥିର ରାଷ୍ଟ୍ର ବିନା ନାଗରିକତ୍ୱର ଅର୍ଥ କିଛି ରହିଥାଏ?

ଭାରତୀୟ ଚିନ୍ତନ ପରମ୍ପରା ଏହି ପ୍ରଶ୍ନକୁ ନୂଆ ଭାବେ ଦେଖିବାକୁ ଆମକୁ ଆମନ୍ତ୍ରଣ କରେ। ମହାଭାରତରେ ରାଜଧର୍ମ କେବଳ ଶାସନ ନୁହେଁ; ଏହା ଲୋକରକ୍ଷା, ନ୍ୟାୟ ଓ ସମାଜ ସମନ୍ୱୟର ଧର୍ମ। ରାମାୟଣରେ ରାମଙ୍କ ଶକ୍ତି କେବଳ ରାଜଶକ୍ତି ନୁହେଁ; ସେହି ଶକ୍ତି ଧର୍ମ ଦ୍ୱାରା ନିୟନ୍ତ୍ରିତ ଶକ୍ତି। ଅନ୍ୟପଟେ ରାବଣଙ୍କ ପାଖରେ ମଧ୍ୟ ଶକ୍ତି ଥିଲା, ଜ୍ଞାନ ଥିଲା, ସମ୍ପଦ ଥିଲା; କିନ୍ତୁ ଧର୍ମବୋଧର ଅଭାବ ତାଙ୍କୁ ଅବଶେଷରେ ବିନାଶର ପଥକୁ ନେଇଗଲା। ସେହିପରି ରାଷ୍ଟ୍ରଶକ୍ତିର ଆଲୋଚନା ମାନେ ଆକ୍ରମଣଶୀଳତାର ଆଲୋଚନା ନୁହେଁ। ଏହା 'ରାବଣ ପଥ', 'କଂସ ପଥ', 'ଦୁର୍ଯ୍ୟୋଧନ ପଥ'ର ପକ୍ଷ ସମର୍ଥନ ନୁହେଁ। ବରଂ ଏହା ଧାର୍ମିକ ଶକ୍ତିର ଚିନ୍ତନ, ଯେଉଁଠାରେ ଶକ୍ତିର ଲକ୍ଷ୍ୟ ହେଉଛି ସୁରକ୍ଷା, ସ୍ଥିରତା, ନ୍ୟାୟ ଓ ଲୋକକଲ୍ୟାଣ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମଧ୍ୟ ଏହି ଦୃଷ୍ଟିକୋଣ ସ୍ପଷ୍ଟ। ସୁରକ୍ଷା, ସମ୍ପଦ, ପ୍ରଶାସନ, ସୀମାରକ୍ଷା, ଗୁପ୍ତସୂଚନା, ସମାଜିକ ସ୍ଥିରତା - ଏସବୁକୁ ସେ ରାଷ୍ଟ୍ରଜୀବନର ଆବଶ୍ୟକ ଭିତ୍ତି ଭାବେ ସେ ଦେଖିଥିଲେ। କାରଣ ଦୁର୍ବଳ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇପଡ଼େ। ଆଜିର ବିଶ୍ୱରେ ଏହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ। ସୁରକ୍ଷା କେବଳ ସୀମାରେ ସେନା ରଖିବାର ନାମ ନୁହେଁ। ଏହାର ଅର୍ଥ ହେଉଛି ସାର୍ବଭୌମତ୍ୱର ସୁରକ୍ଷା, ସାମାଜିକ ଏକତା, ଆର୍ଥିକ ସ୍ଥିରତା, ଖାଦ୍ୟ ଓ ଜଳ ସୁରକ୍ଷା, ସୂଚନା ଓ ସାଇବର ସୁରକ୍ଷା ଏବଂ ଏକ ଆତ୍ମବିଶ୍ୱାସୀ ସମାଜର ଗଠନ।

ଏଠାରେ ଆଉ ଏକ ପ୍ରଶ୍ନ ଉଠେ - ରାଷ୍ଟ୍ରର ସୁରକ୍ଷା କ'ଣ କେବଳ ସରକାର, ସେନା ବା ପୁଲିସର ଦାୟିତ୍ୱ? ନା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଏକ ନାଗରିକ ଧର୍ମ ରହିଛି? ଧାର୍ମିକ ଦୃଷ୍ଟିରୁ ଦେଖିଲେ, ନାଗରିକତ୍ୱ କେବଳ ଅଧିକାର ନୁହେଁ; ଏହା ଏକ କର୍ତ୍ତବ୍ୟ। ନିଜକୁ ସକ୍ଷମ କରିବା, ପରିବାରକୁ ସୁଦୃଢ଼ କରିବା, ସମାଜରେ ସହଯୋଗ ଓ ସେବାଭାବ ବଢ଼ାଇବା, ଦେଶର ସମସ୍ୟା ଓ ଆହ୍ୱାନକୁ ବୁଝିବା, ମାନସିକ ଓ ଶାରୀରିକ ଭାବେ ସୁଦୃଢ଼ ହେବା - ଏସବୁ ମଧ୍ୟ ନାଗରିକ ଜୀବନର ଅଂଶ ହୋଇପାରେ। ଏହାର ଅର୍ଥ ଏମିତି ନୁହେଁ ଯେ ଆମେ ଭୟ, ଘୃଣା ବା ଅନ୍ଧ ଜାତୀୟତାର ରାଜନୀତିକୁ ସମର୍ଥନ କରିବା। ଭାରତୀୟ ସଭ୍ୟତାର ଶକ୍ତି ହେଉଛି ତାହାର କରୁଣା, ବିବିଧତା, ସହଅସ୍ତିତ୍ୱ ଓ ଧର୍ମବୋଧ। କିନ୍ତୁ କରୁଣାର ଅର୍ଥ ଦୁର୍ବଳତା ନୁହେଁ; ଶକ୍ତିର ଅର୍ଥ ନିଷ୍ଠୁରତା ନୁହେଁ। ଧାର୍ମିକ ପଥ ଏହି ଦୁଇର ମଧ୍ୟରେ ସନ୍ତୁଳନ ଖୋଜେ।

ଆଜି ଭାରତ ସମ୍ମୁଖୀନ ଅନେକ ପ୍ରଶ୍ନରେ ଯଥା - ସୀମା ସୁରକ୍ଷା, ସାମାଜିକ ସମନ୍ୱୟ, ସୂଚନା ଯୁଦ୍ଧ, ସାଂସ୍କୃତିକ ଆତ୍ମବିଶ୍ୱାସ, ଯୁବପିଢ଼ିର ପ୍ରସ୍ତୁତି, ଉପନିବେଶିକ ମାନସିକତାରୁ ମୁକ୍ତ ଆଦି। ଏହି ପ୍ରଶ୍ନଗୁଡ଼ିକୁ ଆମେ କେବଳ ରାଜନୀତିକ ସ୍ଲୋଗାନ ଭାବେ ନୁହେଁ, ବରଂ ନାଗରିକ ଧର୍ମର ପ୍ରଶ୍ନ ଭାବେ ଦେଖିପାରିବା କି? ଶେଷରେ ପ୍ରଶ୍ନଟି ସରଳ: ଆମେ କ'ଣ କେବଳ ସୁବିଧାଭୋଗୀ ନାଗରିକ ହୋଇ ରହିବାକୁ ଚାହୁଁଛୁ ନା ସଚେତନ, ସକ୍ଷମ, କରୁଣାଶୀଳ ଓ ଦାୟିତ୍ୱବାନ ନାଗରିକ ଭାବେ ଏକ ସୁଦୃଢ଼ ରାଷ୍ଟ୍ର ଗଢ଼ିବାର ସହଭାଗୀ ହେବାକୁ ଚାହୁଁଛୁ? ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା ସମ୍ଭବତଃ ଏହି ପ୍ରଶ୍ନର ଏକ ଚିନ୍ତନମୂଳକ ଆରମ୍ଭ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା
ମୋ: ୯୯୩୭୨୨୭୯୯୪

## ବିନ୍ଧୁର ସିନ୍ଧୁ ଦର୍ଶନ

ଜଗନ୍ନାଥ ବେହେରା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅନନ୍ତକୋଟି ବ୍ରହ୍ମାଣ୍ଡର ଠାକୁର। ନାହିଁ ଆଦି ନାହିଁ ଅନ୍ତ। ଶୂନ୍ୟରେ ସେ, ଜଡ଼ରେ ସେ। ଆକାଶରେ ପାତାଳରେ ସେ। ସେ ଜଗତର ନାଥ ଜଗନ୍ନାଥ। ପତିତ ଉଦ୍ଧାର ପାଇଁ ପତିତପାବନ। ରାଜାଧିରାଜ କାଳିଆ ସାଆନ୍ତ। ମହାବାହୁ ବଳିଆର ଭୁଜ। ଯିଏ ବାଇଶି ପାହାଚ ପରେ ପରେ ଶାଳଗ୍ରାମ ସିଂହାସନରେ ବିଜେ। ସବୁଠୁ ବଡ଼ଦେଉଳରେ ତାଙ୍କର ନିବାସ। ବିଶ୍ୱବିଖ୍ୟାତ ନୀଳାଚଳ ଧାମ। ବିଶାଳ ବଡ଼ଦାଣ୍ଡ। ମର୍ତ୍ତ୍ୟର ସ୍ୱର୍ଗଭୂମି। ପାଦ ପଡ଼ିଲେ ପ୍ରାଣ ହୁଏ ପବିତ୍ର। ବିଶ୍ୱର ବଡ଼ ଯାତରା - ଘୋଷଯାତରା। ଆସ୍ତିକ ନାସ୍ତିକଙ୍କ ମିଶ୍ରଣ ପର୍ବ। ଧନୀନିର୍ଦ୍ଧନ ସଭିଏଁ ସମାନ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନରେ ମୋକ୍ଷ ପ୍ରାପ୍ତି। ପାପ ଉପରେ ପୁଣ୍ୟର ବିଜୟ ରଥ। ବିରାଟ ରନ୍ଧାଶାଳ। ଅଭଡ଼ା ନିର୍ମାଲ୍ୟ ପାଟିରେ ପଡ଼ିଲେ ଜୀବନଚକ୍ରରୁ ମୁକ୍ତ। ଉଚ୍ଚ ମୁକ୍ତିମଣ୍ଡପ। ମୋକ୍ଷ ଓ ମୁକ୍ତିର ସିଡ଼ି। ଜଗତଜିତାର ପ୍ରତୀକ। କି ସୁନ୍ଦର ଗୋଲ ଗୋଲ ଆଖି। ଆଖି ନୁହଁ ସେ ସୂର୍ଯ୍ୟ ଓ ଚନ୍ଦ୍ର। ପ୍ରଚଣ୍ଡ ଉତ୍ତାପ ଆଉ ଶାନ୍ତି ଶୀତଳର ପ୍ରତୀକ। ନାଲି ନାଲି ଓଠ। ମୁରୁକି ମୁରୁକି ହସ। ପାହୁଣ୍ଡେ ପାହୁଣ୍ଡେ ଚାଲି। ଭାବିଚିନ୍ତି ଗତି କରିବାର ନିୟମ। ଖଣ୍ଡିଆ ଖଣ୍ଡିଆ ହାତ। କେହି କିଛି ଆଣି ନାହାନ୍ତି କି କେହି କିଛି ନେବେନାହିଁ। ମୁଠାଏ ମାଟି ବି ତୁମର ନାହିଁ। ଆଜି ମାଟି ଉପରେ କାଲି ମାଟି ତଳେ। ଆଜି ଗର୍ବ ଅହଙ୍କାର କାଲି ନିରବ। ସେ ସରଧା ବାଲି ମୁଁ ଟିପେ ଧୂଳି। ଉଡ଼ି ଗଡ଼ି ପଡ଼ି କେବେ କେଉଁଠି। ସ୍ଥିତି ନାହିଁ କି ମୋର ସ୍ଥାନ ନାହିଁ। ସିନ୍ଧୁଙ୍କ ଇଚ୍ଛାରେ କେବେ କାହା ପାଦରେ କେବେ ମଥାରେ।

ସେ ହିଁ ସକଳ ସୃଷ୍ଟିର ଆଧାର। ତାଙ୍କ ଆଜ୍ଞା, ଆଦେଶ, ଉପଦେଶ ଓ ନିର୍ଦ୍ଦେଶରେ ଆକାଶରେ ମାଳ ମାଳ ମେଘ। ସାଗର ସାଗର ଜଳ। ବ୍ରହ୍ମାଣ୍ଡରେ ଆତଯାତ ଯେତେ ଯେତେ ଗ୍ରହ। କୋଟି କୋଟି ନକ୍ଷତ୍ର, ବୃକ୍ଷଲତା, ଜୀବଜନ୍ତୁ। ସେ ହିଁ ଜନ୍ମର କାରଣ। ମୃତ୍ୟୁର ଦାରୁଣ। ସେ ଚାହିଁଲେ ବର୍ଷା ନ ଚାହିଁଲେ ମରୁଡ଼ି। ସେ ଚାହିଁଲେ ଶୀତ, ଖରା, ବସନ୍ତ। ଏଠି ଦୁବ ମଧ୍ୟ କରେ ଦାରୁ ଦର୍ଶନ।

ସେ ପୁଣ୍ୟ ମୁଁ ପାପୀ। ସେ ସତ୍ୟ ମୁଁ ମିଥ୍ୟା। ସେ ପବିତ୍ର ମୁଁ ଅପବିତ୍ର। ସେ କୋଟିଏରେ ଗୋଟିଏ। ମୁଁ ଅଜଣା ଅଶୁଣା ମାନବ ଟିଏ। ସେ ଆଲୋକ ମୁଁ ଅନ୍ଧାର। ସେ ବିଶାଳ ଆକାଶ। ମୁଁ ତୃଷାତୁର ଚାତକ। ସେ ସ୍ୱର୍ଗ ମୁଁ ନର୍କ। ତାଙ୍କର ନଡ଼ା ବାଉଁଶ। ମୁଁ ଆଣି କରିଛି ଘର। ତାଙ୍କର ଇଟା ପଥର। ମୁଁ କେବଳ ବୋହି ଆଣି ଜମା କରିଛି। ତାଙ୍କର ଧାନ, ଚାଉଳ, ମାଣ୍ଡିଆ। ବଞ୍ଚିବା ପାଇଁ ପେଟକୁ ମୁଁ ଖାଉଛି। ପବନ ତାଙ୍କର। ଟିକିଏ ପ୍ରଶ୍ୱାସ ପାଇଁ ମାଗିଛି। ସବୁ ତାଙ୍କର ମୋର କିଛି ନାହିଁ। ଫୁଲ ତାଙ୍କର, ପତ୍ର, ଫଳ ଓ ମୂଳ ମଧ୍ୟ ତାଙ୍କର। ମୁଁ ଏକ ନିର୍ମୁଳି ଲତା। ଚେର ନାହିଁ କି ଶାଖା ନାହିଁ। ପରଜୀବୀଟିଏ। ସେ ଆଶ୍ରୟ ଦାତା ମୁଁ ଆଶ୍ରିତ।

ସେ ନିରାକାର, ଆକାର ମଧ୍ୟ। ସେ ଶୂନ୍ୟବାଦୀଙ୍କ ନିମନ୍ତେ ନିରାକାର। ପ୍ରକୃତି ଉପାସକ ନିମନ୍ତେ ଦାରୁ। ମୂର୍ତ୍ତି ପୂଜକ ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତି। ଜୈନ ଓ ବୌଧିଷ୍ଟି ପାଇଁ ମହାବୀର, ବୁଦ୍ଧ। କାଠରେ, ପଥରରେ, ମାଟି, ପାଣି, ପବନରେ ସର୍ବତ୍ର ସେ ହିଁ ସେ। ସେ ସର୍ବବିଦ୍ୟମାନ ଏବଂ ସର୍ବଶକ୍ତିମାନ। ଏକ ବ୍ରହ୍ମ ଦ୍ୱିତୀ ନାସ୍ତି। ନାଦରେ ସେ ନାଦ ବ୍ରହ୍ମ। ରାମ ପାଇଁ ଯେତିକି ରାମିଆଁ ପାଇଁ ସେତିକି। ତପି ପାଇଁ ଯାହା ପାପୀ ପାଇଁ ତାହା। ବାଳୁତ ପାଇଁ ଯେମିତି ବୃଦ୍ଧ ପାଇଁ ସେମିତି। ଯେଉଁ ରୂପରେ ଚାହିଁବ, ଯେଉଁ ସ୍ଥାନରେ ଡାକିବ ସେ ଦର୍ଶନ ଦେବେ। ବର୍ଷା ରୂପରେ ମୃଗଣୀକୁ। ନୃସିଂହ ରୂପରେ ପ୍ରହଲ୍ଲାଦଙ୍କୁ। ଯୁଦ୍ଧ ଭୂମିରେ ଅର୍ଜୁନଙ୍କୁ। ସେ ହିଁ ଅବତାର ଓ ଅବତାରୀ। ନିଜକୁ ବିନ୍ଧୁ କରି ଦିଅ। ସିନ୍ଧୁଦର୍ଶନ କରିବ। ସେ ହିଁ ଜଣେ। ସେ ସକଳ ସୃଷ୍ଟିର ଆଧାର - 'ଶ୍ରୀ ଜଗନ୍ନାଥ'।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ନାନବେଦୀରେ ମହାବାହୁ...

ଜ୍ୱରରେ ପଡିଛନ୍ତି ବିଶ୍ୱନିୟନ୍ତା । ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଉପଶମ ପାଇଁ ଆରମ୍ଭ ହେବ ଉପଚାର । ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା । ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର । ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି । ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଛୁଳି ପଡ଼ିଥିଲା ସିଂହଦ୍ୱାର ଓ ବଡ଼ଦାଣ୍ଡ । ପହଣ୍ଡି ଆରମ୍ଭରୁ ମାତ୍ର ୧୫ ମିନିଟ୍ ବିଳମ୍ବ ହୋଇଥିଲେ ହେଁ ମଙ୍ଗଳ ଆଳତି ବେଳକୁ ପୁଣି ସଅଳ ହୋଇଥିଲା ନୀତିକାନ୍ତି । ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ ।

ଆରମ୍ଭରୁ ଅଧଘଣ୍ଟା ନୀତି ବିଳମ୍ବ ହୋଇଥିଲା । ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ୫ଟା ୫ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ବାଜିଥିଲା ବିଜେ କାହାଳୀ । ଭୋର ୫ଟା ୧୫ରେ ଆରମ୍ଭ ହୋଇଥିଲା ସ୍ନାନ ପହଣ୍ଡି । ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ । ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ମାତ୍ର ୨୫ ମିନିଟ୍ ବିଳମ୍ବ ଅର୍ଥାତ୍ ୭ଟା ୨୫ରେ ପହଣ୍ଡି ସରିଥିଲା । ୭ଟା ୩୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୭ଟା ୪୦ରେ ବିଜେ କରିଥିଲେ । ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ । ସକାଳ ୯ଟାରେ ମଙ୍ଗଳ ଆଳତି ଲାଗି ନୀତିକାନ୍ତି ସ୍ଥିର ହୋଇଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୮ଟା ୧୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି । ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ଣ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ରୋଷହୋମ ବଢ଼ି ନିର୍ଘଣ୍ଟ ସମୟରେ ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ୧୦୮ ...

ପାଣି ସ୍ନାନ ଓ ପରେ ୧୦୮ କୁମ୍ଭ ଜଳରେ ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି । ଏହାପରେ ତିନି ଠାକୁରଙ୍କ ଚନ୍ଦନ ବେଶ ଓ ଫୁଲ ବେଶ ହୋଇ ସାହାଣମେଲାରେ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଶ୍ରୀଜୀଉ ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏଥିପାଇଁ ଜଗନ୍ନାଥ ମନ୍ଦିରରେ ସହସ୍ରାଧିକ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି । ଭଗବାନ ଓ ଭକ୍ତ ଏକାଠି ହୋଇଥିଲେ । ଦେବୋତ୍ତର ବିଭାଗ ଓ ମନ୍ଦିର ସେବାୟତ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି ।

ସ୍ନାନ ମଣ୍ଡପରେ ତିନି ଦିଅଁଙ୍କୁ ଦର୍ଶନ କରିବା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା । ଦିଅଁ ଦର୍ଶନ ପାଇଁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସକାଳ ସମୟରୁ ରାତି ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖ ଦେଇ ଯାନବାହନ ଚଳାଚଳର ରୁଟ ପରିବର୍ତ୍ତନ କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ଜଣେ ଅତିରିକ୍ତ ଏସପିଙ୍କ ସହିତ ୩ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୩୭ ଜଣ ସବଇନ୍ସପେକ୍ଟର/ ସହକାରୀ ସବଇନ୍ସପେକ୍ଟର, ୬ ପ୍ଲାଟୁନ ଫୋର୍ସ, ୧୨ ଜଣ ଟ୍ରାଫିକ ପୁଲିସ୍, ୭୬ ଜଣ ହୋମଗାର୍ଡ ମୁତୟନ ହୋଇଥିଲେ । ଅସ୍ଥାୟୀ ଫାଣ୍ଡି ସହ ସିଫ୍ଟ ଅନୁସାରେ ଭୋର ୩ଟାରୁ ସକାଳ ୮, ୮ଟାରୁ ଅପରାହ୍ନ ୧ଟା, ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା ଓ ସନ୍ଧ୍ୟା ୬ଟାରୁ ମନ୍ଦିର ନୀତି ସମ୍ପନ୍ନ ପର୍ଯ୍ୟନ୍ତ ଡ୍ୟୁଟି କରିଥିଲେ । ମଙ୍ଗଳବାରଠାରୁ ଅଣସର ନୀତି ଆରମ୍ଭ ହେବା ସହ ପଟ୍ଟିଦିଅଁ ପୂଜା ପାଇବେ । ଅନ୍ୟପକ୍ଷରେ ସ୍ଥାନୀୟ ସାନଜଗନ୍ନାଥ (ବାଣ୍ଠିଆ ଜଗନ୍ନାଥ) ମହାପ୍ରଭୁଙ୍କ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଯଥାରୀତିରେ ସମ୍ପନ୍ନ ହୋଇଛି । ପରମ୍ପରା ଅନୁସାରେ ସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ପରେ ମଧ୍ୟରାତ୍ରରେ ତିନି ଠାକୁର ଗୋଟି ପହଣ୍ଡିରେ ୧୪ ଦିନ ପାଇଁ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ।

### ଓଡ଼ିଶା ଭଣ୍ଡାରରେ...

ଜଳଭଣ୍ଡାରରେ ୬୬.୧୧ ବିଏମସି ଜଳ ଗଚ୍ଛିତ ରହିଥିଲା । ଉତ୍ତର ଭାରତରେ ୧୧ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୯.୮ ବିଏମସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଅଛି ମାତ୍ର ୬.୬ ବିଏମ୍ସି । ଉତ୍ତର ଭାରତରେ ୨୭ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୨୧.୭ ବିଏମ୍ସି ଥିବା ବେଳେ ୪.୩ ବିଏମ୍ସି ଜଳ ଗଚ୍ଛିତ ରହିଛି । ପଶ୍ଚିମ ଭାରତରେ ସର୍ବାଧିକ ୫୩ଟି ଜଳଭଣ୍ଡାର ରହିଛି । ଏହାର ଜଳଧାରଣ କ୍ଷମତା ୩୮.୦୯ ବିଏମ୍ସି ଥିବା ବେଳେ ଅଛି ୧୦.୮୬ ବିଏମ୍ସି । କେନ୍ଦ୍ରାଞ୍ଚଳରେ ୨୮ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୪୮.୫୮ ବିଏମ୍ସି ଥିବା ବେଳେ ଜଳ ରହିଛି ୧୫.୬୭ ବିଏମ୍ସି । ସେହିଭଳି ଦକ୍ଷିଣ ଭାରତରେ ୪୭ଟି ଜଳଭଣ୍ଡାରରେ ୫୫.୨୮ ମଧ୍ୟରୁ ପାଣି ରହିଛି ମାତ୍ର ୧୧.୪୭ ବିଏମ୍ସି । କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ୬ଟି ରାଜ୍ୟରେ ପରିସ୍ଥିତି ଭୀଷଣ ଖରାପ । ଏହି ରାଜ୍ୟମାନଙ୍କରେ ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଇଛି ବୋଲି ଜାତୀୟ ଜଳ କମିସନ ପକ୍ଷରୁ କୁହାଯାଇଛି । ଏହି ସୂତ୍ର ଅନୁଯାୟୀ ସବୁଠାରୁ ଖରାପ ସ୍ଥିତିରେ ରହିଛି ପଶ୍ଚିମ ବଙ୍ଗ । ଏଠାରେ ଜଳଭଣ୍ଡାର ଜଳସ୍ତର ୧୩.୮୧ ପ୍ରତିଶତକୁ ଖସିଯାଇଛି । ଏହା ଉପରକୁ ରହିଛି ତେଲେଙ୍ଗାନା (୧୩.୯୨%) ଏବଂ କର୍ଣ୍ଣାଟକ (୧୪.୭୧%) । ଓଡ଼ିଶା ଜଳଭଣ୍ଡାର ମାନଙ୍କରେ ଗଚ୍ଛିତ ପରିମାଣ ୧୫.୨୮ ପ୍ରତିଶତକୁ ଖସିଯାଇଛି । ଉତ୍ତରାଖଣ୍ଡରେ ୧୫.୬୨ ଏବଂ ମହାରାଷ୍ଟ୍ରରେ ୨୧.୮୬ ପ୍ରତିଶତକୁ ଖସି ଆସିଛି ଜଳଭଣ୍ଡାର ସ୍ତର ।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଜୁନ ୨୫ ତାରିଖ୍ ପର୍ଯ୍ୟନ୍ତ ଦେଶରେ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି କେନ୍ଦ୍ରାଞ୍ଚଳ । ଦେଶର ୭୬ ଭାଗ ଅଞ୍ଚଳ ପ୍ରାୟ ଶୁଖିଲା ପଡ଼ିଛି । ତେବେ ଚଳିତ ସପ୍ତାହ ଶେଷ ଆଡ଼କୁ ପରିସ୍ଥିତିରେ ସୁଧାର ଆସିପାରେ ବୋଲି ଅନୁମାନ କରାଯାଉଛି । ୨୦୦୯ରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହିବର୍ଷ ଜୁନ ମାସରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା । ସମଗ୍ର ବର୍ଷରେ ସ୍ୱାଭାବିକ ଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଥିଲା ।

### ମୌସୁମୀର ବଦମିଜାଜ୍...

ବାକି ଥିବା ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଆବୃତ୍ତ କରିବ । ବର୍ତ୍ତମାନ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀରେ ମୌସୁମୀ-ପୂର୍ବ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ ଆଜି ଆସାମ, ମେଘାଳୟ, ସିକିମ୍ ଏବଂ ପଶ୍ଚିମବଙ୍ଗର ତଳିଆ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରିଛି । ଇତିମଧ୍ୟରେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର, ଗୁଜରାଟ ସମେତ ୭ଟି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ।

### ଅଯୋଧ୍ୟା ଛାଡ଼ିବାକୁ...

ହୋଇଛି । ଆନୁଷ୍ଠାନିକ ଭାବେ ପୁଲିସ୍ ନିକଟରେ ଅଭିଯୋଗ ହେବା ଏବଂ ସ୍ୱତନ୍ତ୍ର ପଦାଧିକାରୀ ଦଳ (ଏସ୍ଆଇଟି) ତଦନ୍ତ ଆରମ୍ଭ କରିବା ପୂର୍ବରୁ ହିଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୁକ୍ତଙ୍କଠାରୁ ୫୮ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ବାକି ଅର୍ଥ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ କରାଯାଇଛି । ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଭଳି ଗୋପନୀୟ ଅର୍ଥ ଆଦାୟକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂତ୍ର ଅନୁଯାୟୀ, ଗତ ଜୁନ୍ ୪ ତାରିଖରେ ଟ୍ରଷ୍ଟ ପାଖରେ ପାଣ୍ଠି ଚୋରି ସମ୍ପର୍କିତ ସୂଚନା ପହଞ୍ଚିଥିଲା । ଏହା ପରଦିନ ଅର୍ଥାତ୍ ଜୁନ୍ ୫ ତାରିଖରେ, ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିର୍ଦ୍ଦେଶରେ କିଛି ସଦସ୍ୟ ପୁଲିସ୍ କର୍ମଚାରୀଙ୍କ ସହ ମିଶି ମୁଖ୍ୟ ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କ ବାସଭବନରେ ପହଞ୍ଚିଥିଲେ । ସେଠାରୁ ପ୍ରାୟ ୫୮ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା । ଏହା ପରେ ଜୁନ୍ ୫ରୁ ୮ ତାରିଖ ମଧ୍ୟରେ ବାକି ଟଙ୍କା ଅଭିଯୁକ୍ତମାନେ ବ୍ୟାଙ୍କ ଜମା ଜରିଆରେ ଟ୍ରଷ୍ଟକୁ ଫେରସ୍ତ କରିଥିଲେ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜନସାଧାରଣଙ୍କ ସାମ୍ନାକୁ ଆସିବା ପୂର୍ବରୁ ହିଁ ଶେଷ ହୋଇଯାଇଥିଲା । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ସିସିଟିଭି ଚିତ୍ରରେ ଅଭିଯୁକ୍ତ ଜଣକ କଳା ବ୍ୟାଗ୍ ଧରି ପୁଲିସ୍ ସହ ଯାଉଥିବା ଦେଖିବାକୁ ମିଳିଛି ।

ଗତ ଜୁନ୍ ୭ ତାରିଖରେ ଏହି ଚୋରି ଖବର ସାମ୍ନାକୁ ଆସିବା ପରେ ଉତ୍ତର ପ୍ରଦେଶ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଥିଲେ । ଏହି ଅନୁସନ୍ଧାନ ଆଧାରରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଲାଙ୍କ ସମେତ ଆଠ ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି । ଅନ୍ୟପଟେ, ଏହି ବିବାଦ ଉଗ୍ର ରୂପ ନେବା ପରେ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଅନ୍ୟତମ ସଦସ୍ୟ ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସ୍ୱତନ୍ତ୍ର ତଦନ୍ତ ଦଳ ନିଜ ରିପୋର୍ଟରେ ଦର୍ଶାଇଛି ଯେ, ମନ୍ଦିରର ଦାନ ପରିଚାଳନା, କର୍ମଚାରୀ ଚୟନ ଏବଂ ସିସିଟିଭି ନଜର ରଖିବା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଥିଲା । ବାହ୍ୟ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ଏହି ହେରଫେର୍ରେ ସାମିଲ ଥିଲେ । ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସରକାରଙ୍କ ସୁରକ୍ଷା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହି ମାମଲାରେ ସ୍ୱଚ୍ଛ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଟ୍ରଷ୍ଟ କେଉଁ ଆଧାରରେ ଏବଂ କିଭଳି ଭାବେ ଅର୍ଥ ଉଦ୍ଧାର କଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି ।

### ସରକାରରେ ଗଣିତ...

ଏହି ମନ୍ତବ୍ୟ ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ । ବିଳମ୍ବରେ ହେଲେ ମଧ୍ୟ ତ୍ରୁଟିଶୂନ୍ୟ ବହି ମିଳିବ ବୋଲି ପିଲା ଓ ଅଭିଭାବକ ଆଶା କରିଥିଲେ । ମାତ୍ର ଆଜି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମରେ ବିପରୀତ କଥା କହିଛନ୍ତି । ସେ କହିଛନ୍ତି ଯେ ବିଦ୍ୟାଳୟକୁ ସଂଶୋଧିତ ପୁସ୍ତକ ପ୍ରଦାନ କରାଯିବ । ଶିକ୍ଷକମାନେ ତାକୁ ଦେଖି ପିଲାଙ୍କୁ ପାଠ ପଢ଼ାଇବେ । ଅର୍ଥାତ୍ ନୂତନ ପୁସ୍ତକ ସମସ୍ତ ପିଲାଙ୍କୁ ନୁହେଁ, ବରଂ କେବଳ ଶିକ୍ଷକଙ୍କୁ ପ୍ରଦାନ କରାଯିବ ବୋଲି ଏକ ପ୍ରକାର ପରୋକ୍ଷ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେପସ୍ତ କରାଯିବ ବୋଲି କହୁଥିବାବେଳେ ଶିକ୍ଷାମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପୁଣିଥରେ ବିବାଦ ବଢ଼ାଇଛି । ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ଛାପି ପିଲାଙ୍କୁ ଯୋଗାଇବାକୁ ଦାବି ବଢୁଥିବାବେଳେ ସରକାର ତୁରନ୍ତ ଏନେଇ ସ୍ପଷ୍ଟୋକ୍ତି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

### ଟ୍ରଲିରେ ଗଲା...

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ପରେ ଶବକୁ ସମ୍ମାନଜନକ ଭାବେ ନେବାକୁ ଡାକ୍ତରଖାନା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶେଷରେ ବର୍ଷା ମଧ୍ୟରେ ଟଲି ରିକ୍ସାରେ ମୃତଦେହକୁ ନେବାକୁ ପଡ଼ିଥିଲା । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଚର୍ଚ୍ଚା ସୃଷ୍ଟି ହୋଇଛି । ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ରୋଗୀ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଏପରି ଘଟଣା କାହିଁକି ଘଟୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଉକ୍ତ ଘଟଣାର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

### ୯ ନାମକୁ ନେଇ...

ନେଇଥିବା କାକୋଲି ଘୋଷ ଦସ୍ତିଦାର ଓ ରାମାନନ୍ଦ ସାଗରଙ୍କ ରାମାୟଣରେ ରାମ ଚରିତ୍ରରେ ଅଭିନୟ କରିଥିବା ମେରଠ ସାଂସଦ ଅରୁଣ ଗୋଭିଲଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ପଞ୍ଜାବର ବରିଷ୍ଠ ବିଜେପି ନେତା ଓ ନବନିର୍ବାଚିତ ରାଜ୍ୟସଭା ସାଂସଦ ତରୁଣ ଚୁଘଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି । ଆଗକୁ ପଞ୍ଜାବରେ ବିଧାନସଭା ନିର୍ବାଚନ ଥିବାରୁ ତାଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି । ଦୀର୍ଘ ଦିନ ଧରି ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ତରୁଣଙ୍କୁ ପଞ୍ଜାବରେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ । ପୁନଶ୍ଚ ମହାରାଷ୍ଟ୍ରର କଲ୍ୟାଣ ଲୋକସଭା ସାଂସଦ ଶ୍ରୀକାନ୍ତ ଶିନ୍ଦେଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି । ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିବସେନାର ସାଂଗଠନିକ ରଣନୀତିରେ ସକ୍ରିୟ ଭୂମିକା ନେଇଥିବାରୁ ତାଙ୍କୁ କେନ୍ଦ୍ରରେ ସୁଯୋଗ ମିଳିପାରେ । ଅନୁରୂପ ଭାବରେ ମହାରାଷ୍ଟ୍ରର ଅନ୍ୟ ଜଣେ ସାଂସଦ ସଞ୍ଜୟ ଦୀନା ପାଟିଲଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି । ଏନସିପିରୁ ରାଜନୀତି ଆରମ୍ଭ କରି ପରେ ଶିବସେନା (ଶିନ୍ଦେ ଗୋଷ୍ଠୀ)ରେ ଯୋଗ ଦେଇଥିବା ପାଟିଲଙ୍କୁ ମହାଯୁତି ମେଣ୍ଟକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ପଦ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଏହାବ୍ୟତୀତ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ପ୍ରହ୍ଲାଦ ଯୋଶୀଙ୍କ ବିଭାଗ ପରିବର୍ତ୍ତନ କରାଯାଇପାରେ । ଉଭୟଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି କୁହାଯାଉଛି ।

### ଅଭିଯୁକ୍ତକୁ ଆଜୀବନ...

ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଦସ୍ତାବିଜ୍‌କୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିଥିଲେ । ସିସିଟିଭି ଫୁଟେଜ ଓ ବିଭିନ୍ନ ଦିଗକୁ ତଦନ୍ତ କରି ପୁଲିସ ରାକେଶ ଏବଂ ତା' ସହଯୋଗୀ ଅମରେଶ ଓ ଶକ୍ତି ଶେଖର ସ୍ୱାଇଁକୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ସୋମବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା । ୨୨ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ରାକେଶ ସ୍ୱାଇଁକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା, ଅନାଦେୟ ୧ ବର୍ଷ ଜେଲ୍ ଏବଂ ସହଯୋଗୀ ଅମରେଶ ରାଉତକୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା, ଅନାଦେୟ ୩ମାସ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଶକ୍ତିଶେଖର ସ୍ୱାଇଁକୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଆଇନସେବା ପ୍ରାଧିକରଣ ପକ୍ଷରୁ ମୃତ ଝରାଫୁଲଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି । ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୀତାଂଶୁ ମହାନ୍ତି ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର(କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ । ଏହି ଘଟଣାରେ ଯାଜପୁର ପୁଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନ୍‌ଗୋ ଓ କୁଆଖିଆ ଥାନା ଅଠଧକାରୀ ସୁଶାନ୍ତ କୁମାର ସେଠୀ ସୋମବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ରାୟକୁ ସ୍ୱାଗତ କରିବା ସହ ଘଟଣାଟି ସଂପୂର୍ଣ୍ଣ ସମ୍ବେଦନଶୀଳ ହୋଇଥିବା ବେଳେ ପୁଲିସର ତତ୍ପରତା ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କରି ପୀଡ଼ିତା ପରିବାର ନ୍ୟାୟ ପାଇଥିବାରୁ ଏହି ଘଟଣାରେ ତଦନ୍ତ କରିଥିବା ପୋଲିସ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ ।


## NOTICE
(above 18 years of age)

By virtue of an affidavit sworn before Notary Public, Udala, Mayurbhanj , dated 14-05-2026 I, Umakanta Sahu, Address At- Dhanghera, Po- Dhanghera, Ps - Udala, Dist- Mayurbhanj, PIN- 757087, Odisha declare that I have changed my name from Sipusahu to Umakanta Sahu. Henceforth, I shall be known as Umakanta Sahu for all purposes.

(Umakanta Sahu)

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar C.F. No. 08, dated 17/06/2026, I **SAROJINI SAHOO** W/o Gangadhar Sahoo resident of Village At- Kendupalli, Dist- Cuttack, Odisha, Pin- 754009 declare that I have changed my name from **SINI SAHOO** (Old Name) to **SAROJINI SAHOO** (New Name). I further declare that **SINI SAHOO** and **SAROJINI SAHOO** refer to one and the same person, that is myself. Henceforth, I shall be known as **SAROJINI SAHOO** for all future purposes.

Sd- **SAROJINI SAHOO**

## AFFIDAVIT

By virtue of an affidavit CF No.108, sworn before the Executive Magistrate, Bhubaneswar, dated: 23.06.2026, I, **Badani Dehuri,** resident of At/PO: Nimabahali, P.S: Balimi, Dist: Dhenkanal, Odisha, PIN-759121, declare that I have changed the name of my son from Pravat Kumar Murmu to Pravat Kumar Sahoo. Henceforth, he shall be known as **Pravat Kumar Sahoo** for all purposes.

## AFFIDAVIT

I, Sandip Guha Roy, aged about 59 years, S/o- Late Ashok Guha Roy, resident of Assotech World, Flat No: B1-1308, Avenue 01, Plot No.274, NH-16, Rudrapur, Bhubaneswar, Balianta, Khorda, Pin-752101, Odisha declared by this affidavit CF No. 80, dtd- 29.06.2026 that now onwards I shall be known as **SANDEEP GUHA ROY** for all future purposes.

## ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

ନଂ. W/623/5/1/NIT | **ଇ-ଟେଣ୍ଡର ବିଜ୍ଞପ୍ତି** | ତାରିଖ: ୨୬.୦୬.୨୦୨୬

**ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ କାର୍ଯ୍ୟ**

ରତଲାମ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ (WA) www.ireps.gov.in ୱେବସାଇଟ୍ ମାଧ୍ୟମରେ 'ଓପେନ୍ ଇ-ଟେଣ୍ଡର' ଆହ୍ୱାନ କରୁଛନ୍ତି । ବିବରଣୀ ନିମ୍ନପ୍ରକାର:- କ୍ରମିକ ସଂଖ୍ୟା-୧ : ଇ-ଟେଣ୍ଡର ନଂ. RTM-2026-27-8R । କାର୍ଯ୍ୟର ନାମ : ଜୋନ୍ ନଂ. 4A ରତଲାମ ରେଳବାଇ କଲୋନୀ କ୍ୱାର୍ଟର୍ସ (ବି.ଜି. ଲାଇନର ପୂର୍ବ ପାର୍ଶ୍ୱ ବ୍ୟତୀତ), ଅଫିସର ବଙ୍ଗଳା/କ୍ୱାର୍ଟର୍ସ, ସର୍ଭିସ୍ ବିଲ୍ଡିଂ ଓ ରେଳବାଇ ହସ୍ପିଟାଲ୍ । ଏହି ଜୋନ୍‌ରେ SSE/W-1/RTM ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ : ଟ.1,92,09,339.99 । ଜମାନତ ରାଶି : ଟ.3,84,200.00 । କ୍ରମିକ ସଂଖ୍ୟା-୨ : ଇ-ଟେଣ୍ଡର ନଂ. RTM-2026-27-10R । କାର୍ଯ୍ୟର ନାମ : ଜୋନ୍ ନଂ. 4-C ରତଲାମରେ ସର୍ଭିସ୍ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର୍ସ ଓ କୁରେଲ ଡ୍ୟାମରେ ହ୍ୱାଇଟ୍ ୱାଶ୍, କଲର୍ ୱାଶ୍ ଇତ୍ୟାଦି କାର୍ଯ୍ୟ, SSE/Works-1 ଓ 2 (East), ରତଲାମ ଅଧୀନରେ । ଆନୁମାନିକ ମୂଲ୍ୟ : ଟ.2,05,41,175.06 । ଜମାନତ ରାଶି : ଟ.4,10,800.00 । କ୍ରମିକ ସଂଖ୍ୟା-୩ : ଇ-ଟେଣ୍ଡର ନଂ. RTM-2026-27-12R । କାର୍ଯ୍ୟର ନାମ : ଜୋନ୍ ନଂ. 5, ରତଲାମ - ବି.ଜି. ଲାଇନର ପୂର୍ବ ପାର୍ଶ୍ୱ, ଅର୍ଥାତ୍ ଲୋକୋ, ଜାଓରା ରୋଡ୍, ଘାଟଲା କଲୋନୀ, ଆର୍.ଇ. ବିଲ୍ଡିଂ, କୋଟା ବିଲ୍ଡିଂ, ଅନ୍ୟାନ୍ୟ ସର୍ଭିସ୍ ବିଲ୍ଡିଂ ଏବଂ ଡିଜେଲ୍ ଶେଡ୍ । ଏହି ଜୋନ୍‌ରେ SSE/W/2/Ratlam ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ : ଟ.1,23,03,530.81 । ଜମାନତ ରାଶି : ଟ.2,46,100.00 । କ୍ରମିକ ସଂଖ୍ୟା-୪ : ଇ-ଟେଣ୍ଡର ନଂ. RTM-2026-27-13R । କାର୍ଯ୍ୟର ନାମ : ଜୋନ୍ ନଂ. 22 ଅଧୀନରେ ରତଲାମ ଅଞ୍ଚଳର ସମସ୍ତ ମୁଖ୍ୟ ଜଳ ଯୋଗାଣ ସମ୍ପତ୍ତି, କୁରେଲ, ଭୈରୋଗଡ଼, ବାହାର ଭବନଗୁଡ଼ିକର ମୁଖ୍ୟ ପାଇପ୍ ଲାଇନ୍ ଏବଂ ସମଗ୍ର ରତଲାମ ଅଞ୍ଚଳର ବୋରୱେଲ୍‌ଗୁଡ଼ିକ, SSE/W-2/Ratlam ଅଧୀନରେ । ଆନୁମାନିକ ମୂଲ୍ୟ : ଟ.87,93,521.73 । ଜମାନତ ରାଶି : ଟ.1,75,900.00 । ସମସ୍ତ ଟେଣ୍ଡର ପାଇଁ ଆନୁମାନିକ ପରିମାଣ : ଟେଣ୍ଡର ସୂଚୀ ଅନୁଯାୟୀ । ସମସ୍ତ ଟେଣ୍ଡର ପାଇଁ କାର୍ଯ୍ୟ ସମାପ୍ତି ଅବଧି : 12 ମାସ । ସମସ୍ତ ଟେଣ୍ଡର ୱେବସାଇଟରେ ଅପଲୋଡ୍ ତାରିଖ : ୨୬.୦୬.୨୦୨୬ । ସମସ୍ତ ଟେଣ୍ଡର ଖୋଲିବା ତାରିଖ : ୨୦.୦୭.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ଅଛି ।

Apex/116

Like us on: facebook.com/WesternRly

## PUBLIC NOTICE

It is declared that the property/ies, Mutation Khata No.1057/2559, Plot No.622, Extent of A0.322dec., Mutation Khata No.1057/2154, Plot No.710/4280, Extent of A0.007dec., Plot no.622/2468/4281, Extent of A0.002dec. total A0.009dec., Mutation Khata No.1057/1256, Plot No.710/3435, Extent of A0.079dec., Plot No.622/2468/3436, Extent of A0.007dec. total A0.086dec., Mutation Khata No.1057/1257, Plot No.710, Extent of A0.064dec., Plot No.622/2468, Extent of A0.111dec. total A0.175dec., MOUZA/VILLAGE: Bhubaneswar Sahara Unit no.32, Govinda Prasad, P.S.: New-Capital, P.S. No. 46, TAHASIL: Bhubaneswar, TAHASIL No.244, DIST: Khurda, in respect of Project named and styled as "KHUSHI ALTAIR" belongs to the developer M/s. KHUSHI REALCON PVT. LTD. a Company, having its office at Plot No.S-2/A, Mancheswar Industrial Estate, Bhubaneswar, Odisha represented by its Director Sri Pradeep Thacker, PAN: AAECK8235G, CIN. U45201OR2012PTC015524, Attorney Holder of Mr. Aditya Patra, Mrs. Sanjeeta Pattnaik & Mr. Surendra Nath Pattnaik, G.P.A. vide No. 11081914031 dt.17.12.2019, No.11081914033 dt.17.12.2019 & No.11081914032 dt. 17.12.2019 already availing the Inventory Funding Loan and has been Equitably mortgaged with DCB Bank Ltd., Chandrasekharpur Branch, Bhubaneswar, Dist. Khurda. The said developer further availing another Inventory Funding Loan from the same Bank. 9 unsold units alongwith the project land (as mentioned above) is getting mortgaged for the said loan. The above properties are already with the bank and charge has been created. Any person/s having objection may contact Sri Parthendu Ray, Advocate, Mob: 9776328828 within 15 days.

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

13001/1013/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୩୭୦୪/ ଭୁ.ଉ.କ., ଭୁବନେଶ୍ୱର MA-B-33/78 | **ସୂଚନା** | ତା. ୨୩.୦୬.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MA-41 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୭୧୨ ତା-୧୫.୦୪.୨୦୨୬ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଆବଣ୍ଟନଗ୍ରାହୀ ଅମୂଲ୍ୟ କୁମାର ପଣ୍ଡାଙ୍କ ନାମରୁ (୧) ସଞ୍ଜୁ ପଣ୍ଡା (ସ୍ତ୍ରୀ), (୨) ସ୍ୱଚ୍ଛ ସଲିଳ ପଣ୍ଡା (ପୁତ୍ର), (୩) ଅପରାଜିତା ପଣ୍ଡା (ବିବାହିତା କନ୍ୟା), (୪) ସଜ୍ଞ ସମୀର ପଣ୍ଡା (ପୁତ୍ର) ଓ (୫) ଶାନ୍ତ ସାଗର ପଣ୍ଡା (ପୁତ୍ର)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଚମ୍ପାବତୀ ସେନାପତି, ସ୍ୱାମୀ -ସ୍ୱର୍ଗତ ଅପର୍ତ୍ତି ଚରଣ ସେନାପତି, ବାସସ୍ଥାନ-ପ୍ଲଟ୍ ନଂ-୨୫୧୯/୩୧୧୦/୪୯୯୭ ଶପ୍ତଶତି ନଗର, ପୋଷ୍ଟ -ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃ ପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ ( ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0078

## GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

25001/570/2627 — E-Mail: rw_rourkela@yahoo.co.in

TENDER CALL NOTICE

BID IDENTIFICATION NO. ONLINE EERKL-16 of 2026-27

1. **Name of the Work:** Building Works
2. **Total No. of Works:** 02 (Two) Nos.
3. **Estimated Cost:** Rs. 62.60 Lakhs
4. **Class of Contractor:** "B" Class
5. **Period of Completion:** 09 (Nine) Months
6. **Type of Tender:** Double Cover
7. **Other details:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical) |
|---|---|---|---|---|---|
| | | From: | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online EERKL-16 of 2026-27 | 30.06.2026, 10:00 AM | 07.07.2026, 05:00 PM | 06.07.2026 up to 05:00 PM | 08.07.2026 at 11:00 AM |

Further details can be seen from the website www.tendersorissa.gov.in. For more information, please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0025

## Government of Odisha " e " Procurement Notice

25001/575/2627

**Bid Identification No. : Online-AGL-10 of 2026-2027**

1. Name of the Work : Road Works
2. Estimated Cost. : Rs. 5.08 to 46.61 Lakhs
3. Period of Completion : 2(Two) Calendar Months
4. Date & time of availability of : From 02.07.2026. to 15.07.2026 upto 5.00 P.M
5. Last Date/time for receipt of bids In the portal : 15.07.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Angul.

OIPR-25001/25096/1/26-27/0007

## OFFICE OF THE MUNICIPAL COUNCIL: KHORDHA

13001/1018/2627

H & UD Department, Govt. of Odisha
Khordha – 752055
E-mail: khurda_municipality@yahoo.co.in
Phone No.: 06755-220674

**"e" Procurement Notice**

No.: 2012 — Date: 23/06/2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. **Tender Reference No.** : KMPLTY/02/2026-27
2. **Name of the Work** : Civil Construction works as mentioned in DTCN
3. **No. of Works** : 32 Nos.
4. **Estimated Cost** : As per DTCN
5. **Earnest Money Deposit (EMD)** : As per DTCN
6. **Period of Completion** : As per DTCN
7. **Date & Time of Bidding** : From **29.06.2026 at 11:00 AM**
8. **Last Date & Time for Receipt of Bids in the Portal** : **10.07.2026 up to 05:30 PM**
9. **Bids Received Online Shall be Opened On** : **13.07.2026 from 11:00 AM**
10. **Name and Address of the Officer Inviting Bid** : **O/o Executive Officer, Khordha Municipality**

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Executive Officer
Khordha Municipality

OIPR-13001/13082/1/26-27/0004

## GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION-II, JAJPUR

25001/579/2627 — rwdivision_jaraka@yahoo.co.in

'E' PROCUREMENT NOTICE NO.RWD-II/JJPR-06/2026-27

1. **Name of work** : Special Repair to Road works in the District of Jajpur for the year 2026-27
2. **Total No of Work** : **01** no. of works.
3. **Estimated Cost(Approx.)** : As indicated against each work in the NIT
4. **Period of Completion** : As indicated against each work in the NIT
5. **Class of contractors** : As indicated against each work in the NIT

**Other details as follows:**

a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 03.07.2026 at 11.00 AM to 13.07.2026 upto 5.00 PM
c) Last date & time of seeking of tender clarification : 10.07.2026 upto 4.00 PM
d) Opening of Tender : 14.07.2026 at 11.00 AM

Further details can be seen from the Govt. website www.tendersodisha.gov.in

Superintending Engineer
Rural Works Division-II
Jajpur at Jaraka

OIPR-25001/25080/1/26-27/0006

## GOVERNMENT OF ODISHA
### OFFICE OF THE SUPERINTENDING ENGINEER
### PHULBANI (R&B) DIVISION, PHULBANI

34001/411/2627

AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
**Bid Identification No.: - SE-R&B-PLB-03/2026-27, DATE: - 25.06.2026**

Letter No. 4030 — Date. 25.06.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"D", "C" & "B"** Class **Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 05 (Five) Nos. |
| 3. | Estimated Cost put to Tender. (T.S Amount) | : | Rs.5.86 Lakhs to Rs.36.04 Lakhs |
| 4. | E.M.D. | : | Rs.5,900/- to Rs. 36,100/- |
| 5. | Period of completion | : | 02 (Two) & 05 (Five) Calendar Months. |
| 6. | Class of Contractor or Eligibility of the bidders | : | "D", "C" & "B" Class |
| 7. | Tender Cost or Cost of participation in on line Bid | : | Rs. 4000/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 01.07.2026 at 10:00 AM to 15.07.2026 up to 05:00 PM |
| 9. | Clarification regarding bidding online | : | From 01.07.2026 at 10:00 AM to 14.07.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 17.07.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Superintending Engineer
Phulbani (R&B) Division, Phulbani

OIPR-34001/34066/1/26-27/0004

## GOVERNMENT OF ODISHA
### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

25001/571/2627

Letter No.: 4574, Date: 25.06.2026

**1st Corrigendum to Bid Identification No. Online – EERKL-13/2026-27**

Due to some unavoidable circumstances in respect of the tender for **Building Works** invited in **Tender Call Notice Bid Identification No. Online – EERKL-13/2026-27** by the Executive Engineer, Rural Works Division-II, Sundargarh, the schedule for online bidding and opening of the tender, which was earlier fixed from **25.06.2026 to 06.07.2026**, has been revised as follows:

| Availability of Tender Online for bidding | | Last Date & Time for Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From | To | | Online-EERKL-13/2026-27 |
| 02.07.2026 at 11:00 A.M. | 09.07.2026 up to 5:00 P.M. | 08.07.2026 up to 5:00 P.M. | 10.07.2026 at 11:00 A.M. |

Executive Engineer
R.W. Division-II, Sundargarh

OIPR-25001/25193/1/26-27/0026

## ନାହିଁ ନାହିଁରେ ଚାଲିଛି ଆଗରପଡ଼ା ବଜାର

# ମାଟିରେ ମିଶିଗଲାଣି ରାସ୍ତା ଡିଭାଇଡର୍

ବନ୍ତ/ଆଗରପଡ଼ା,୨୯।୬(ସମିସ): ବ୍ୟାବସାୟିକ ଦୃଷ୍ଟିକୋଣରୁ ଆଗରପଡ଼ା ବଜାର ୩ଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ପେଷସ୍ଥଳୀ ହୋଇଥିବାବେଳେ ବଜାର ଅଞ୍ଚଳର ଉନ୍ନତୀକରଣ ହୋଇ ନ ପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ଗତ ସରକାର ଆଗରପଡ଼ାକୁ ଏନ୍ଏସି ଘୋଷଣା କରିଥିଲେ ମଧ୍ୟ ନୂତନ ସରକାର ଏହାକୁ କାର୍ଯ୍ୟକ୍ଷମ କରିପାରି ନ ଥିଲେ। ଆଜି ବି ଏହା ମାନ୍ୟତା ପାଇବାକୁ ଅପେକ୍ଷା କରି ବସିଛି। ଏହିପରି ସ୍ଥଳେ ବଜାର ଅଞ୍ଚଳର ଉନ୍ନତି ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ ସମେତ ରାଜନେତାଙ୍କ ପାରିବାପଣିଆ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଦିନକୁ ଦିନ ବଜାର ଅଞ୍ଚଳର ସମସ୍ୟା ବଢ଼ିବାରେ ଲାଗିଛି। ବଜାର ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ନା ଶୌଚାଳୟ ନା ବିଶ୍ରାମାଗାର ନା ବସଷ୍ଟାଣ୍ଡ କିଛିର ସୁବିଧା ଅଛି। ବିଟିପୁର ପଞ୍ଚାୟତ ପକ୍ଷରୁ ନିର୍ମାଣାଧୀନ ଶୌଚାଳୟ କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବାବେଳେ ବଜାର ଅଞ୍ଚଳରେ କୌଣସି ବସଷ୍ଟାଣ୍ଡ ନ ଥିବା ଓ ବଜାରଠାରୁ ୨କିମି ଦୂର ଡାଏଟ୍‌ଠାରେ ପୂର୍ବରୁ ନିର୍ମିତ ବସଷ୍ଟାଣ୍ଡ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରି ନ ଥିବାବେଳେ ଜନସାଧାରଣଙ୍କ ନିମନ୍ତେ କୌଣସି ବିଶ୍ରାମାଗାର ଆଜି ପର୍ଯ୍ୟନ୍ତ ନିର୍ମିତ ହୋଇପାରିନାହିଁ।

ସେହିପରି ପ୍ରତି ବ୍ଲକରେ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଘୋଷଣା ହେବା ପରେ ଆଗରପଡ଼ାରେ ଏହା ନିର୍ମିତ ହେବାକୁ ସ୍ଥିର ହୋଇଥିଲା। ଇତି ମଧ୍ୟରେ ଶିଳାନ୍ୟାସକୁ ୩ ବର୍ଷ ପୂରିବାକୁ ବସିଥିବାବେଳେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କେବଳ ବାଲିଗଦା ଭିତରେ ଅଟକି ରହିଛି। ତତ୍କାଳୀନ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ତାଙ୍କ ନିଜସ୍ୱ

**ବିଭାଗୀୟ ନିଷ୍କ୍ରିୟତାର ଜ୍ୱଳନ୍ତ ଉଦାହରଣ**

ପାଣ୍ଠିରୁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ମହତାବ ଛକଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ ଲକ୍ଷ, ସିଟି ସ୍କୁଲଠାରୁ କେସିଭିଏମ୍ ହାଇସ୍କୁଲ ପର୍ଯ୍ୟନ୍ତ ସାଢ଼େ ୬ଲକ୍ଷ ଓ କେସିଭିଏମ୍ ହାଇସ୍କୁଲଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢ଼େ ୬ ଲକ୍ଷ ଟଙ୍କା ଏହିପରି ୧୯ଲକ୍ଷ ଟଙ୍କା ଖର୍ଚ୍ଚରେ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା। ୨୦୨୩ ଜାନୁଆରୀ ୧୭ରେ ଏହାର ଶୁଭାରମ୍ଭ ବିଧାୟକଙ୍କ



ଉପସ୍ଥିତିରେ ହୋଇଥିଲା। ଉକ୍ତ ବ୍ୟବସ୍ଥାକୁ ୩ ବର୍ଷରୁ ଅଧିକ ସମୟ ବିତିସାରିଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟବସ୍ଥା କରାଯାଇ ନ ଥିବାବେଳେ ଅନେକ ସ୍ଥାନରେ ଲାଗିଥିବା ଆଲୋକସ୍ତମ୍ଭ ଅକାମୀ ହେବାକୁ ବସିଲାଣି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥାର ସଫଳ ରୂପାୟଣ ମୁଖ୍ୟତଃ ବଜାର ଅଞ୍ଚଳରେ ହୋଇପାରୁ ନ ଥିବାରୁ ଏହା ମଧ୍ୟ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଆଗରପଡ଼ାଠାରୁ ବାଲେଶ୍ୱର ଯିବାକୁ ବଜାର (କଲେଜ ଛକ ବା କୁପାରୀ ଛକ)ଠାରେ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ରାସ୍ତାର ଡିଭାଇଡର ମରାମତି ଅଭାବରୁ ମାଟିରେ ମିଶିଗଲାଣି। କର୍ପୂର ଉଡ଼ିଯାଇ କନା ପଡ଼ିଥିବା ରାସ୍ତା ଡିଭାଇଡରଟି ବର୍ତ୍ତମାନ ଛୋଟବଡ଼ ବ୍ୟବସାୟରେ ନିୟୋଜିତ ଅଛି ଓ ଦୁଇ ଚକିଆ ଯାନର ପାର୍କିଂସ୍ଥଳୀ ପାଲଟିଛି। ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଛି। ବର୍ତ୍ତମାନ ଡ୍ରେନ୍ ନିର୍ମାଣ ଚାଲିଛି କିନ୍ତୁ ଏହାକୁ ମରାମତି କରାଯାଉ ନ ଥିବାରୁ ସଡ଼କ ସୁରକ୍ଷା ନିମନ୍ତେ ପ୍ରଚଳ ନିୟମର ଖୋଲା ଉଲ୍ଲଂଘନ ହେଉଛି। କେହି ବି ସରକାରୀ ନିୟମକୁ ମାନୁନାହାନ୍ତି। ସବାସର୍ବଦା ରାସ୍ତା ଜାମ୍ ରହୁଛି। ଅପରପକ୍ଷରେ ବ୍ୟବସାୟୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଉଥିବାରୁ ସଙ୍କୁଚିତ ରାସ୍ତାରେ ଗମନାଗମନର ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଡିଭାଇଡରଟି ନିଜର ପରିଚୟ ହଜାଇବସିଥିବାରୁ ବଡ଼ବଡ଼ ବାଲିବୋଝେଇ ଟ୍ରକ୍, ବସ୍ ସମେତ ଅନ୍ୟାନ୍ୟ ଯାନବାହନ ନିୟମାନୁସାରେ ରାସ୍ତାରେ ଯିବାଆସିବା କରୁ ନ ଥିବାରୁ ରାସ୍ତା ଜାମ୍ ହେବା ସହ ବେଳେବେଳେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। କିଛିଦିନ ତଳେ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ବହୁ ସମୟ ଧରି ଅଟକି ରହିଥିବାର ଦେଖାଯାଇଥିଲା। ତେଣୁ ଆଗରପଡ଼ା ପରି ଏକ ବ୍ୟସ୍ତବହୁଳ ଅଞ୍ଚଳର ଜନସାଧାରଣଙ୍କ ଜୀବନର ସୁରକ୍ଷା ନିମନ୍ତେ ନିଜର ପରିଚୟ ହଜାଇବାକୁ ବସିଥିବା ଡିଭାଇଡରର ପୁନଃ ନିର୍ମାଣ ସହ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ଏବଂ ଜବରଦଖଲ ଉଚ୍ଛେଦକୁ କାର୍ଯ୍ୟକାରୀ କରିବା ସହିତ ରାସ୍ତାର ପ୍ରଶସ୍ତିକରଣ ଆଦି ପାଇଁ ଉକ୍ତ ସମସ୍ୟା ସହିତ ଜଡ଼ିତ ବିଭିନ୍ନ ବିଭାଗର ଅଧିକାରୀମାନେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବଜ୍ରପାତରେ ଘର ଜଳିଲା

କବାଟବନ୍ଧ,୨୯।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଣ୍ଡିଆ ପଞ୍ଚାୟତ ପଚ୍ଛ କୁଣ୍ଡି ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଦାନବନ୍ଧୁ ପ୍ରଧାନଙ୍କ କଚା ଘରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ଏହା ଭୟଙ୍କର ରୂପ ନେବା ଆଗରୁ ନିୟନ୍ତ୍ରଣ ହୋଇଥିଲା। ସୂଚନା ମୁତାବକ ରବିବାର ଅପରାହ୍ନରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ହୋଇଥିଲା। ଏହାର ପ୍ରକୋପ ଏତେ ଅଧିକ ଥିଲା ଯେ ଅନେକ ଲୋକଙ୍କ ଘରେ ବିଦ୍ୟୁତ୍ ଉପକରଣ ମଧ୍ୟ ଖରାପ ହୋଇ ଥିଲା। ବଜ୍ରପାତ କାରଣରୁ ଦାନବନ୍ଧୁଙ୍କ ୪ ବଖରା ବିଶିଷ୍ଟ ଚାଳ ଘରେ ଅଗ୍ନି ସଂଯୋଗ ହୋଇଥିଲା। ଖବରପାଇ ଚଢ଼େଇଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘରର ଗୋଟିଏ ବଖରା କ୍ଷତି ହୋଇଥିବା ଜଣାପଡିଛି।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୨୯।୬(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ଗତକାଲି ରାତିରେ ବଜ୍ରପାତ ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ସାଲେପୁର ଗ୍ରାମର ରଙ୍କନିଧି ଜେନା (୭୫) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହୋଇଥିଲା। ରାତି ୯ ପର୍ଯ୍ୟନ୍ତ ଝିପଝିପ ବର୍ଷା ଲାଗିରହିବା ସହ ବିଜୁଳି ମାରିଥିଲା। ଏହି ସମୟରେ ରଙ୍କନିଧି ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଏକ ବିଜୁଳି ତାଙ୍କ ଉପରେ ପଡିବା ଯୋଗୁଁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୯/୨୬ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ଅଜି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ; ଜଣେ ଗିରଫ




ଦାନଗଦି/ଯଖପୁରା,୨୯।୬(ସମିସ): ଯଖପୁରା ପୁଲିସ ଚୋରାଚାଲାଣ ବେଳେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି। ସୂଚନା ମୁତାବକ ଯଖପୁରା ଥାନା ଅନ୍ତର୍ଗତ ମନୋହରପୁର ନୂଆସାହି ଗ୍ରାମର ଏକ ଆଜବେଷ୍ଟସ ଘରେ ଚାଲିଥିଲା ଚୋରା ଗଞ୍ଜେଇ କାରବାର। ବାହାର ଜିଲ୍ଲାରୁ ଗଞ୍ଜେଇ ଆଣି ଏଠାରେ ଗଞ୍ଜେଇ ଗଚ୍ଛିତ ରଖି ବିଭିନ୍ନ ଜାଗାକୁ ଚାଲାଣ କରାଯାଉଥିଲା। ଯଖପୁରା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କୌଣସି ସୂତ୍ରରୁ ଖବର ପାଇ ଆଜି ହଠାତ ସେଠାରେ ଅଚାନକ ଚଢ଼ଉ କରି ଘଟଣାସ୍ଥଳରୁ ୧ କ୍ୱିଣ୍ଟାଲ ୩ କେଜି ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଥିଲେ। ଘଟଣାରେ ବିଶ୍ୱଜିତ୍ ଦଳେଇ (୨୨) ନାମକ ବ୍ୟକ୍ତିକୁ ଗିରଫ କରିବା ସହ ଏକ ବାଜାଜ ପଲସର ଗାଡ଼ି ଯାହାର ନମ୍ବର ଓଡି୩୪ଡବ୍ଲ୍ୟୁ ୯୨୧୧କୁ ଜବତ କରିଥିଲେ। ନିଜ ଶଶୁର ଘରେ ଗଞ୍ଜେଇ ରଖି ଚୋରା ଚାଲାଣ କରୁଥିଲା ଜ୍ୱାଇଁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ପଠେଇବା ପାଇଁ ବ୍ୟାଗ ଆଣିବାକୁ ଯାଇଥିବା ବେଳେ ପୋଲିସ ଚଢ଼ାଉ କରିଥିଲା, ଖବର ପାଇ ମୁଖ୍ୟ ଅଭିଯୁକ୍ତ ଜ୍ୱାଇଁ ସହିତ ତିନି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଯଖପୁରା ପୁଲିସ ୧୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ନେଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି।

## ଆଙ୍କୁଲାରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ଯାଜପୁରଟାଉନ,୨୯।୬(ସମିସ): ଯାଜପୁର ବ୍ଲକ ପଣସା ପଞ୍ଚାୟତ ଆଙ୍କୁଲା ମୌଜାରେ ପ୍ରସ୍ତାବିତ ମଦ ଦୋକାନ ଖୋଲାକୁ ପଞ୍ଚାୟତର ବିନ୍ଧାଣ, ପଣସା ଓ ମକେଇପୁର ଅଞ୍ଚଳବାସୀ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ପ୍ରସ୍ତାବିତ ମଦ ଦୋକାନ ଖୋଲାକୁ ବିରୋଧ କରାଯିବାରୁ ଆଙ୍କୁଲା ମୌଜାରେ ମଦ ଦୋକାନ ଖୋଲାଯାଇପାରିନଥିଲା। ଚଳିତ ବର୍ଷ ଲାଇସେନ୍ସ ପାଇଥିବା ଜନୈକ ମହିଳା ଆଙ୍କୁଲା ମୌଜାରେ ବିଦେଶୀ ମଦ ଦୋକାନ ଖୋଲାକୁ ସ୍ଥାନୀୟବାସୀ ବାରମ୍ବାର ବିରୋଧ କରି ଆସୁଛନ୍ତି। ଏ ନେଇ ଅବକାରୀ ଅଧିକ୍ଷକଙ୍କୁ ଦାବିପତ୍ର ଦେବା ସହ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆଙ୍କୁଲା ମୌଜାରେ ଯଯାତି କେଶରୀ ମେଡିକାଲ କଲେଜ ଥିବା ବେଳେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶଙ୍କ ଆବାସିକ ବାସଭବନ ଓ ପ୍ରଦକ୍ଷଣ ଗୃହ ରହିଛି। ଏପରି ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲିବା ଉଚିତ୍ ନୁହେଁ ବୋଲି ଉପରୋକ୍ତ ଅଞ୍ଚଳବାସୀ ବିରୋଧ କରିବା ସହ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପରୋକ୍ତ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା,୨୯।୬(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅସହାୟ, ଗରିବ ଓ ଖଟିଖିଆ ଲୋକମାନଙ୍କ ଅସୁବିଧା ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗଇ ଦିଆଯାଉଛି। ବ୍ରେନଷ୍ଟ୍ରୋକରେ ପୀଡ଼ିତ ଚୋରମୁହାଁ ଗ୍ରାମର ପୁର୍ଣ୍ଣଚନ୍ଦ୍ର ବେହେରା, ଡାଇବେଟିସ ରୋଗରେ ପୀଡ଼ିତ ବୃନ୍ଦାଦେଇପୁର ପଞ୍ଚାୟତ ଶାସନ ଗ୍ରାମର ଅଇଁଠୁ ଚରଣ ଭୁତିଆ, ଆଜମା ଓ ପେଟ ରୋଗରେ ପୀଡ଼ିତ ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁ, ରକ୍ତଚାପ ଓ ଗ୍ୟାସ ରୋଗରେ ପୀଡ଼ିତ ବିଛାଖଣ୍ଡି ଗ୍ରାମର ଝରଣା ଦାସ, ଅସହାୟ ପରିବାର ଚହଟା ଗ୍ରାମର ସୁଲୋଚନା ମଲିକ, ପାରାଲିସିସରେ ଆକ୍ରାନ୍ତ ଚହଟା ଗ୍ରାମର ବଂଶୀଧର ମହାରଣାଙ୍କୁ ଟ୍ରଷ୍ଟ ପକ୍ଷରୁ ଔଷଧ ଦିଆଯିବା ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଯାଜପୁର,୨୯।୬(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୭ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୨ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ଭାରପ୍ରାପ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପାଣିକୋଇଲିକୁ କେଏନ୍‌ଡିଏରୁ ବାଦ୍ ଦେବାକୁ ଦାବି

ପାଣିକୋଇଲି,୨୯।୬(ସମିସ): ପାଣିକୋଇଲି ଓ ପଥରପଦା ପଞ୍ଚାୟତକୁ କଳିଙ୍ଗ ନଗର ଡେଭଲପମେଣ୍ଟ ଅଥରିଟି (କେଏନ୍‌ଡିଏ)ରେ ସାମିଲ କରାଯାଇଥିଲା। ଡିଏମ୍ଏଫ୍ ହଡ଼ପ କରିବା ମସୁଧାରେ ଏହା କରାଯାଇଥିଲା। କିନ୍ତୁ ବର୍ତ୍ତମାନ କେଏନ୍‌ଡିଏରେ ସାମିଲ ହେବା ପରେ ଜନସାଧାରଣ ନାନାଦି ଅକଥନିୟ ଅତ୍ୟାଚାରର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ସାଧାରଣ ଜମି ବିକ୍ରି ଓ ଘରବାଡ଼ି ବିକ୍ରୟ ବେଳେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। କେଏନ୍‌ଡିଏ ସହିତ ପାଣିକୋଇଲି ଅଞ୍ଚଳବାସୀଙ୍କ କୌଣସି ସମ୍ପର୍କ ନଥିବା ବେଳେ କାହିଁକି ପାଣିକୋଇଲିକୁ ଏଥିରେ ସାମିଲ କରାଯାଇ ଲୋକଙ୍କୁ ବିନା କାରଣରେ ହନ୍ତସନ୍ତ କରାଯାଉଛି ତାହା ଏବେ ତଦନ୍ତ ସପେକ୍ଷ ହୋଇଛି। ରମେଶ ବାରିକଙ୍କ ନେତୃତ୍ୱରେ ଦୁଇ ପଞ୍ଚାୟତବାସୀ ଏହାର ବିରୋଧ କରିଛନ୍ତି। ଆଜି କୋରେଇ ବ୍ଲକରର ମିଳିତ ଜନଶୁଣାଣୀ ଜିଲ୍ଲାପାଳଙ୍କ କେଏନ୍‌ଡିଓରୁ ଦୁଇପଞ୍ଚାୟକୁ ବାଦ ଦେବାକୁ ଦାବି ହୋଇଛି।

**ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଜେଡିର ଦାବି**

## ପରିବାରକୁ ଭେଟିଲେ ଚାନ୍ଦବାଲି ବିଧାୟକ



ଭଦ୍ରକ/ଆରଡ଼ି,୨୯।୬(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଷାଠିବାଙ୍କୁଡ଼ା ଗାଁରେ ହାପିଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ପାଇଁ ବିଜେଡିର ଏକ ଟିମ୍ ଦାବି କରିବା ସହ ସୋମବାର ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ହାପିଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପରେ ହାପିଙ୍କୁ ଓ ତାଙ୍କ ପରିବାରକୁ କିପରି ନ୍ୟାୟ ମିଳିବ ସେଥିପାଇଁ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ତାହାସହ ହାପିଙ୍କ ପରିବାରକୁ ଯଦି ନ୍ୟାୟ ନ ମିଳେ ତା'ହେଲେ ବିଜେଡି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ କହିଥିଲେ। ତାଙ୍କ ସହ ଓଳଗ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ବେହେରା, ବରିଷ୍ଠ ନେତା ସରୋଜ ଦାସଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏପରିକି ଗାଁର ଶହଶହ ମହିଳା ଓ ପୁରୁଷ ବିଧାୟକଙ୍କୁ ଭେଟି ହାପିଙ୍କୁ ଚକ୍ରାନ୍ତ ମୂଳେ ଘରୁ ଡାକି ନେଇ ହତ୍ୟା କରାଯାଇଥିବା କହିଥିଲେ। ଏପରିକି ପୁଲିସ ପ୍ରଥମେ ଏତଲା ନ ରଖିବା ପରେ ଗାଁ ଲୋକଙ୍କ ଦାବି ପରେ ଏତଲା ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଦିନ ଗଡ଼ାଉଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟପଟେ ଧୂଷୁରୀ ପୁଲିସ ମୁନା ପଲାଇ, ଛୁଞ୍ଚା ପଲାଇ ଓ ତାଙ୍କ ସ୍ତ୍ରୀଙ୍କୁ ସର୍ତ୍ତମୂଳରେ ଛାଡ଼ିଥିବାବେଳେ ସ୍ୱୟମ୍ ପଲାଇ ଓ ତାଙ୍କ ଭଉଣୀକୁ ଅଟକ ରଖି ତଦନ୍ତ ଚଳାଇଛି।

## ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ବନ୍ତ/ଆଗରପଡ଼ା,୨୯।୬(ସମିସ): ପ୍ରାୟ ୩୦୦ ବର୍ଷ ପୁରାତନ ତଥା ଜିଲ୍ଲାର ଅନ୍ୟତମ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସ୍ନାନ ମଣ୍ଡପରେ ଶ୍ରୀଜୀଉମାନଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ୍‌ଭୋକେଟ ଜଗତମୋହନ ସିଂହ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସିଂହ ମୁଖ୍ୟ ପୁରୋଧା ଓ ପଣ୍ଡିତ ସଂଗ୍ରାମ କେଶରୀ ସାମନ୍ତରାୟ, ସୁଧୀର ରଥ, ରଘୁନାଥ ପାଣିଗ୍ରାହୀ, ସର୍ବେଶ୍ୱର ପାଣିଗ୍ରାହୀ, ସୌମ୍ୟ ପ୍ରକାଶ ପଣ୍ଡା, ମାନସ ସାମନ୍ତରାୟ, ମନ୍ମଥ ପାଢ଼ୀ, ଜ୍ଞାନରଞ୍ଜନ ସାମନ୍ତରାୟ, ଶରତ ସାମନ୍ତରାୟ ପ୍ରମୁଖ ଯଥାରୀତି ପୂଜାର୍ଚ୍ଚନା କରିଥିଲେ।

## ବଟକୃଷ୍ଣ ମହାନ୍ତି ମେମୋରିଆଲ ଆୱାର୍ଡ ପ୍ରଦାନ

ବନ୍ତ/ଆଗରପଡ଼ା,୨୯।୬(ସମିସ): ବିଶିଷ୍ଟ ସମାଜସେବୀ ବଟକୃଷ୍ଣ ମହାନ୍ତି ମେମୋରିଆଲ ଆୱାର୍ଡ ଓ ଓଡ଼ିଶାର ପ୍ରଥମ ଚାର୍ଟାର୍ଡ ପ୍ରଫୁଲ୍ଲ ମହାନ୍ତି ଆୱାର୍ଡ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିର ଛାତ୍ର ଆୟୁଷ ନାୟକଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ଏହି ହାଇସ୍କୁଲ ଅନ୍ୟତମ ପ୍ରାକ୍ତନ ଛାତ୍ର ପ୍ରଦ୍ୟୁମ୍ନ ନାୟକଙ୍କୁ ପ୍ରଫୁଲ୍ଲ ମହାନ୍ତି ଆୱାର୍ଡ ମଧ୍ୟ ଦିଆଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଆୟୁଷ ଇଂରାଜୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିଲେ ଓ ପ୍ରାକ୍ତନ ଛାତ୍ର ପ୍ରଦ୍ୟୁମ୍ନ ମଧ୍ୟ ଅନୁରୂପ ସଫଳତା ହାସଲ କରିଥିଲେ। ପ୍ରତିବର୍ଷ




ଏହି ଆୱାର୍ଡ ଦିଆଯାଉଛି। କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି ଆୱାର୍ଡ ପ୍ରଦାନ ସମାରୋହରେ ବଟକୃଷ୍ଣଙ୍କ ପୁଅ ଗୋପାଳକୃଷ୍ଣ ଓ କନ୍ୟା ସନ୍ଧ୍ୟାଙ୍କ ସମେତ ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶରତ ଜେନା ଏଥିରେ ସଭାପତିତ୍ୱ କରିଥିଲେ।

## ଧୂଷୁରୀରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ପ୍ରତିନିଧି ଦଳକୁ ସମ୍ବର୍ଦ୍ଧନା

ଅସୁରାଳି,୨୯।୬(ସମିସ): ଭଦ୍ରକ ଜିଲ୍ଲାରେ ଉତ୍କଳ ସାମ୍ବାଦିକ ସଂଘର ୩ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୈଠକର ଦ୍ୱିତୀୟ ଦିବସରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ସେଠାରୁ ଫେରିବା ସମୟରେ ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ସ୍ଥାନୀୟ ହୃଦାନନ୍ଦ ପାଠାଗାରଠାରେ ଏହି ସାମ୍ବାଦିକ ପ୍ରତିନିଧି ଦଳକୁ ଏକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତିଭୂଷଣ କର ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ରବି ନାରାୟଣ ଖିଲାର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ନୟାଗଡ଼ ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇ, ସରପଞ୍ଚ ଅଭିମନ୍ୟୁ ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ସାମ୍ବାଦିକମାନଙ୍କ ସୁରକ୍ଷା, ସାମାଜିକ ସ୍ଥିତି ଏବଂ ପେନ୍‌ସନ ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁ, ଲୋକନାଥ ଦଲେଇ, ମାନସ ନାୟକ, ଦୁର୍ଯ୍ୟୋଧନ ଲେଙ୍କା, ବିକାଶ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




## ଜରାଜୀର୍ଣ୍ଣ ଅବସ୍ଥାରେ ମଙ୍ଗଳପୁର ଯାତ୍ରୀ ବିଶ୍ରାମାଗାର

ଅସୁରାଳି,୨୯।୬(ସମିସ)



ଭଦ୍ରକ-ଆରଡ଼ି ରାସ୍ତାରେ ପଡ଼େ ମଙ୍ଗଳପୁର ଛକ। ସେଠାରେ ଥିବା ଏକ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଦୀର୍ଘଦିନ ହେବ ଏହି ବିଶ୍ରାମାଗାରଟି ମଣିଷ ବଦଳରେ ବିଭିନ୍ନ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏହି ଜାଗାଟି ଅତି ଗୁରୁତ୍ୱପୂର୍ଣ୍ଣ ଜାଗା ହୋଇଥିବାରୁ ପଥଚାରୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଧାମନଗରର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକ ୩୩ ବର୍ଷ ପୂର୍ବେ ତାଙ୍କ ବିଧାୟକ ପାଣ୍ଠିରୁ ବିଶ୍ରାମାଗାର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ତେବେ ଦୀର୍ଘବର୍ଷ ପରେ ମଧ୍ୟ ଉକ୍ତ ବିଶ୍ରାମାଗାରର ଉନ୍ନତୀକରଣ ଲାଗି କାହାରି କୌଣସି ଦୃଷ୍ଟି ପଡ଼ିନି। ଏବେ ସେ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଏହାର ପୁନରୁଦ୍ଧାର ଲାଗି ଦାବି ହୋଇଛି। ଏହି ବିଶ୍ରାମାଗାରରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନେ ବସ୍ ପାଇଁ ଅପେକ୍ଷା କରନ୍ତି। ଏହା ଉତରରେ ଭଦ୍ରକ ଜିଲ୍ଲା ସହିତ ସଂଯୋଗ କରୁଥିବାବେଳେ ଦକ୍ଷିଣରେ ପୁଣ୍ୟମୟ ଶୈବପୀଠ ଆରଡ଼ିକୁ ସଂଯୋଗ କରୁଛି। ପୂର୍ବରେ ଐତିହାସିକ ସହିଦ୍ ପୀଠ ତଥା ପର୍ଯ୍ୟଟନସ୍ଥଳୀ ସହିଦନଗରକୁ ସଂଯୋଗ କରୁଛି। ତେଣୁ ଏହି ବିଶ୍ରାମାଗାରରେ ପ୍ରତ୍ୟେକ ଦିନ ବହୁ ଯାତ୍ରୀ ଆଶ୍ରା କରି ବସ୍‌କୁ ଅପେକ୍ଷା କରନ୍ତି। ମାତ୍ର ବର୍ତ୍ତମାନ ଅସରାଏ ବର୍ଷାରେ ପାଣି ଗଳୁଛି ଏବଂ ରାସ୍ତାର ସମ୍ପ୍ରସାରଣ ଯୋଗୁଁ ରାସ୍ତା ପାଣି ବିଶ୍ରାମାଗାରରେ ଜମିଯାଉଛି। ସେଥିପାଇଁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ହାଇମାଷ୍ଟ ଲାଇଟ୍ ଅଚଳ ଯୋଗୁଁ ଚୋରି ଡକାୟତି ଆଦି ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୁଣି ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବେ ଏହା ସଦାସର୍ବଦା ଜନବହୁଳ। ତେଣୁ ଦୁର୍ଘଟଣାର ସମ୍ଭାବନା ମଧ୍ୟ ରହୁଛି। କାରଣ ମଙ୍ଗଳପୁରରୁ ଚାରିଆଡ଼କୁ ରାସ୍ତା ସଂଯୋଗ ହୋଇଛି। ଏହି ଦୁରବସ୍ଥା ଦେଖି ସ୍ଥାନୀୟ ଅଞ୍ଚଳର ସମାଜସେବୀ ଅଶୋକ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ବିଶ୍ରାମାଗାରର ପୁନରୁଦ୍ଧାର ଓ ଆଲୋକ ବ୍ୟବସ୍ଥା କରିବା ପାଇଁ ଦାବି ଉଠାଇଛନ୍ତି।

## ନିର୍ମାଣ ଚାଲିଛି ଗୋଷ୍ଠୀ ଓ ସାଂସ୍କୃତିକ କେନ୍ଦ୍ର; ଓଡ଼ିଆ ଅସ୍ମିତାକୁ ଉପହାସ

# ଅଟକଳ ମୂଲ୍ୟକୁ ବି ଠିକ୍ ଭାବେ ଲେଖିପାରିଲେନି

ବନ୍ତ/ଆଗରପଡ଼ା,୨୯।୬(ସମିସ)





ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ବିଭାଗ ପକ୍ଷରୁ ଏହାକୁ ଉପହାସ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକି ପରୋକ୍ଷରେ ରାଜ୍ୟ ସରକାରଙ୍କ ସମ୍ମାନ ଉପରେ

**କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟପନ୍ଥାକୁ ନେଇ ପ୍ରଶ୍ନବାଚୀ**

ଆଞ୍ଚ ସୃଷ୍ଟି କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ବଡ଼ଚର୍ଚ୍ଚିକର୍ଯ୍ୟା ପଞ୍ଚାୟତ ଅନ୍ତର୍ଗତ ରାଉତରାଗଡ଼ିଆ ଗ୍ରାମର କେଳାପଦା(ନାୟକ ସାହି ପାଖ) ଠାରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ନିର୍ମିତ ହେଉଥିବା ଗୋଷ୍ଠୀ ଏବଂ ସାଂସ୍କୃତିକ କେନ୍ଦ୍ରଠାରେ। ଉକ୍ତ କେନ୍ଦ୍ରର ନିର୍ମାଣସ୍ଥଳୀ ନିକଟରେ ସ୍ଥାପିତ ହୋଇଥିବା ସୂଚନା ଫଳକର ବହୁ ଜାଗାରେ ଓଡ଼ିଆ ଅସ୍ମିତାର ଅବମାନନା କରାଯାଇଥିବା ଦେଖିବାକୁ ମିଳିଛି।

ଯେପରିକି ଉକ୍ତ କେନ୍ଦ୍ର ୪ ଲକ୍ଷ ୬୯ ହଜାର ୩୦୦ ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବାବେଳେ ସ୍ଥାଣିତ ସୂଚନାଫଳକରେ ଅଟକଳ ମୂଲ୍ୟ '୪,୬,୯୩୦୦ (ଚାରିଲକ୍ଷ୍ୟ ଛ ହଜାର ନଶହ ତିରିସି)' ଲେଖା ଯାଇଥିବା ଦେଖିବାକୁ ମିଳିଛି। ଆହୁରି 'ଗୋଷ୍ଠୀ' ଲେଖା ବି ଠିକ୍ ଭାବରେ ହୋଇ ନାହିଁ। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଅଛି ଏବଂ ସୂଚନାଫଳକରୁ ହିଁ ସବିଶେଷ ସୂଚନା ଜାଣିବାକୁ ମିଳିଥାଏ। କିନ୍ତୁ ଯଦି ସୂଚନାଫଳକରେ ଏହିପରି ତ୍ରୁଟି ପରିଲକ୍ଷିତ ହେବ ତେବେ ନିର୍ମାଣାଧୀନ ପ୍ରକଳ୍ପ କେତେ ସ୍ୱଚ୍ଛତାର ସହିତ ହେଉଥିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। ନିର୍ମାଣ ହେଉଥିବା ଗୋଷ୍ଠୀ ଏବଂ ସାଂସ୍କୃତିକ କେନ୍ଦ୍ରର ଘର ନିର୍ମାଣ ସରିଥିବାବେଳେ ନିର୍ମାଣାଧୀନ ଫଳକ ଉପରେ ବିଭାଗୀୟ ଅଧିକାରୀଙ୍କ ନଜର ନ ପଡ଼ିବା ତାଙ୍କର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରାରେ ଉକ୍ତ କାର୍ଯ୍ୟ ହେଉଥିବା ସ୍ପଷ୍ଟ ବାରି ହୋଇ ପଡୁଛି। କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଅଧିକାରୀ ଆସୁଛନ୍ତି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ତେଣୁ ଓଡ଼ିଆ ଅସ୍ମିତାକୁ ଉପହାସ ନ କରି ରାଜ୍ୟ ସରକାରଙ୍କ ସମ୍ମାନକୁ ଆଖି ଆଗରେ ରଖି ବିଭାଗୀୟ ଅଧିକାରୀ ପ୍ରକଳ୍ପ ନିର୍ମାଣ ସରିବା ପୂର୍ବରୁ ସୂଚନାଫଳକରେ ସ୍ଥାଣିତ ସୂଚନାକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## କାର୍ ଧକ୍କାରେ ରାସ୍ତା ତଳକୁ ଓଲଟିପଡ଼ିଲା ଅଟୋ

ବାରିକପୁର,୨୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କ ନିକଟସ୍ଥ ଚକବନ୍ଧୀ ଛକରେ ପୁଣି ସୋମବାର ଦୁର୍ଘଟଣା ଘଟିଛି।



ସୂଚନା ମୁତାବକ, ଦିନ ୧୧ଟା ବେଳେ ଭଦ୍ରକ ପଟୁ ଗୋଟିଏ ଅଟୋ ଚକବନ୍ଧୀ ଛକରେ ଥିବା ବେଆଇନ ଫାଟକରେ ଅପରପାର୍ଶ୍ୱକୁ ଯାଉଥିବାବେଳେ କାର୍ ଏହାକୁ ଧକ୍କା ଦେଇଥିଲା। ଅଟୋଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଯାଇଥିଲା। ଅଟୋ ଚାଳକ ଗାଡ଼ି ଭିତରେ ଚାପି ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଅଟକ ରଖିଛି। ଏଠାରେ ସୂଚିତ, ରବିବାର ଅପରାହ୍ଣରେ ମଧ୍ୟ ସମାନ ସ୍ଥାନରେ ୨ଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ବର୍ଷର ଏମିତି କୌଣସି ମାସ ନାହିଁ ଚକବନ୍ଧୀ ଛକରେ ଦୁର୍ଘଟଣା ଘଟୁନାହିଁ। ପୂର୍ବରୁ ଏଠାରେ ବାରମ୍ବାର ଦୁର୍ଘଟଣା ଯୋଗୁଁ କେତେକ ଜୀବନ ମଧ୍ୟ ଅକାଳରେ ଚାଲିଯାଇଛି। ପାଳଦା ବାଙ୍କଠାରୁ ଚକବନ୍ଧୀ ଛକ ଯାଏଁ ବାଇପାସ୍ ରାସ୍ତା ନିର୍ମାଣ ନ ହେବା କାରଣରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବ୍ରାଉନ୍‌ସୁଗର, ଦେଶୀ ମଦ ସହ ସ୍କୁଟି ଜବତ; ୩ ଗିରଫ



ଭଦ୍ରକ,୨୯।୬(ସମିସ): ଭଦ୍ରକ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଅନ୍ୟ ଷ୍ଟାଫ୍‌ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାନ୍ଧିଆ ଛକ ଓ ଗେଲପୁର ମେଡିକାଲ ଛକଠାରେ ଚଢ଼ଉ କରାଯାଇଥିଲା। ଏଠାରୁ ୮୩ ଗ୍ରାମ୍ ବ୍ରାଉନ୍‌ସୁଗର ଓ ୧୨୦ ଲିଟର ଦେଶୀ ମଦ ସହିତ ଗୋଟିଏ ସ୍କୁଟି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ମୋଟ୍ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନ୍‌ସୁଗର, ମଦ ତଥା ସ୍କୁଟିର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଏଏସ୍‌ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ୍ ସିଙ୍କୁ, ସୁଦର୍ଶନ ପଲ୍ଲାଇ, ରୁଦ୍ରନାରାୟଣ ଦାସ, ଜେମାମଣୀ ଜାମୁଦା ପ୍ରମୁଖ ସାମିଲ୍ ଥିଲେ। ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ ପୃଥକ୍ ପୃଥକ୍ ଭାବେ ୩ଟି ମାମଲା ରୁଜୁ ହୋଇଛି।

## ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

ଦୋଳସାହି,୨୯।୬(ସମିସ): ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ପୂରଣ ଦୀର୍ଘ ବର୍ଷ ଧରି ହୋଇପାରିନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ




ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାନୁଯାୟୀ, ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ୬ ଜଣ ଆବଶ୍ୟକତା ରହିଥିବାବେଳେ ୫ଟି ପଦ ଖାଲି ରହିଛି। କେବଳ ଜଣେ କାର୍ଯ୍ୟ ସମ୍ଭାଳୁଛନ୍ତି। ସେହିଭଳି କନିଷ୍ଠ କିରାଣି ୭ଟି ପଦର ଆବଶ୍ୟକତା ଥିବାବେଳେ ୫ ଜଣଙ୍କ ଅଭାବ ଥିବା ଜଣାଯାଇଛି। ଅନୁରୂପଭାବେ ୬ଜଣ ଅମିନ ଆବଶ୍ୟକତା ଥିବାବେଳେ ୪ଟି ଅମିନ ପଦ କାଲି ପଡ଼ିଛି। ୧୦ ଜଣ ଆର୍‌ଆଇ(ରାଜସ୍ୱ ନିରୀକ୍ଷକ) ପଦରୁ ୨ଟି ଆର୍‌ଆଇ ପଦ ଖାଲି ପଡ଼ିଥିବା ଜଣାଯାଇଛି। ଏହି ତହସିଲ୍ କାର୍ଯ୍ୟାଳୟରେ ଅମିନ ନ ଥିବା ଯୋଗୁଁ ୫୦୦ରୁ ଅଧିକ ଅନ୍‌ଲାଇନ୍‌ରେ ଆବେଦନ ହୋଇଥିବା ଡିମାର୍‌କେସନ(ମାପଚୁପ) ମାମଲାର ସମାଧାନ ହୋଇପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ପଦପଦବୀ ପୂରଣ ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା ପାଳିତ



ବାରିକପୁର,୨୯।୬(ସମିସ): ଭଣ୍ଡାରୀପୋଖରୀ ବ୍ଲକ୍ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନରେ ପବିତ୍ର ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ବ୍ଲକ୍‌ର ସରସଦା ପଞ୍ଚାୟତ ତୁଳସୀପୁର (ଏକବୋଲା) ଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଭାବ ଉଦ୍ଦୀପନାର ସହିତ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମର ଶ୍ରଦ୍ଧାଳୁମାନେ ସ୍ଥାନୀୟ ପୋଖରୀରୁ ୩୨ ଗରା ଜଳ ଆଣିବା ପରେ ପୂଜକ ବିଶ୍ୱନାଥ ପାଣି ଏବଂ ବାବୁଲା ପଣ୍ଡାଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ କରିଥିଲେ। ଏହା ପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜା ମଣ୍ଡପରେ ସଂକଳ୍ପ କର୍ତ୍ତା ସରୋଜ କବି ଓ ଶ୍ରୀମତୀ କବି ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଗ୍ରାମବାସୀ ପିତାମ୍ବର ଦିଅ, ମନୋଜ କବି, ମୁରଲୀଧର ଦାସ, ବିଶେଶ୍ୱର ଦାସ, ରଘୁନାଥ ଦିଅ, ଶ୍ୟାମସୁନ୍ଦର ଦାସ, ଗୋପାଳବଲ୍ଲଭ କବି, ସତ୍ୟପ୍ରକାଶ ସ୍ୱାଇଁ, ଟୁକୁ ଓଝା, ଜଗା ଦିଅ, ନିରାକାର ପାଣି, ବାବୁଲା ସାହୁ, କାଳିଆ ଦିଅ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ମଞ୍ଜୁରୀର ସର୍ବପୁରାତନ ପ୍ରସିଦ୍ଧ ବଳଦେବଜୀଉ ପୀଠରେ ମଧ୍ୟ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିବାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କୁମ୍ଭାରିଆ ଓ ବୟାବନାପୁର ଜଗନ୍ନାଥ ପୀଠରେ ମଧ୍ୟ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

## ବାବା ଶନିଦେବଙ୍କ ୬ଷ୍ଠ ବାର୍ଷିକ ଉତ୍ସବ

ବାରିକପୁର,୨୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋଠାରେ ବାବା ଶନିଦେବଙ୍କ ୬ଷ୍ଠ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।



ଉତ୍ସବ ପାଇଁ ଗତ ରବିବାର ପୀଠରେ ମଣ୍ଡପ ସଂସ୍କରଣ, ଅଙ୍କୁରାରୋପଣ ଓ ଜଳଯାତ୍ରା ଆୟୋଜିତ ହୋଇଥିଲା। ସେହିଭଳି ସୋମବାର ପଞ୍ଚକର୍ମ, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଗୋମାତା ପୂଜା, ଶନିଦେବଙ୍କ ତୈଳ ଅଭିଷେକ ପୂଜା, ଷୋଡ଼ଶ ଉପଚାର ପୂଜା ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ବିଜୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅଭିଷେକ ପାଣି, ମନୋରଞ୍ଜନ ଆଚାର୍ଯ୍ୟ, କଳ୍ପତରୁ ମିଶ୍ର, ମହେନ୍ଦ୍ର ଦାସ, ରାଜେଶ ତ୍ରିପାଠୀ ପ୍ରମୁଖ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ସନ୍ତୋଷ ଦାସ ଓ ରୀତାରାଣୀ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ବାର୍ଷିକ ଉତ୍ସବରେ ଗ୍ରାମ ସମେତ ଆଖପାଖ ୫/୭ ଖଣ୍ଡ ଗାଁର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ୨ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମକୁ ଆୟୋଜକ କମିଟି ସଦସ୍ୟ ଯଶୋବନ୍ତ ବିନ୍ଧାଣି, ସରୋଜ ରାଉତ, ନିତ୍ୟାନନ୍ଦ ନାୟକ, ନନ୍ଦକିଶୋର ଶଙ୍ଖୁଆ, ଦୟାନିଧି ଦାସ, ଅଶୋକ ନାୟକଙ୍କ ସମେତ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ୩ ମାସ ହେଲା ମିଳୁନି ଭତ୍ତା; ହିତାଧିକାରୀ ହନ୍ତସନ୍ତ

ଦୋଳସାହି,୨୯।୬(ସମିସ): ସରକାରଙ୍କ ୬୦ରୁ ୮୦ ବର୍ଷ ବୟସ ମଧ୍ୟରେ ବ୍ୟକ୍ତିଙ୍କୁ ୧ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଥିବାବେଳେ ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପ୍ରଦାନ କରାଯାଉଛି। ତେବେ ଏହି ହିତାଧିକାରୀମାନଙ୍କୁ ୩ ମାସ ହେଲା



ଏହି ଭତ୍ତା ମିଳୁ ନ ଥିବାରୁ ହିତାଧିକାରୀମାନେ ଆର୍ଥିକ ଅନଟନରୁ ହନ୍ତସନ୍ତ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଭତ୍ତା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଉଛି। ଗତ ସପ୍ତାହରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଆକାଉଣ୍ଟଧାରୀ ହିତାଧିକାରୀଙ୍କ ମଧ୍ୟରୁ କିଛି ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା ବେଳେ ଅଧିକାଂଶ ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଭତ୍ତା ଟଙ୍କା ଆସି ନ ଥିବା ଜଣାଯାଇଛି। ୩ ମାସ ଧରି ଏହି ହିତାଧିକାରୀମାନେ ଭତ୍ତା ପାଉ ନ ଥିବାରୁ ହନ୍ତସନ୍ତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ତୁରନ୍ତ ଏହି ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ନୀତି ବିଭ୍ରାଟ

# ସ୍ନାନପୂର୍ଣ୍ଣିମାରେ ହୋଇପାରିଲାନି ମହାସ୍ନାନ ନୀତି

ଭଦ୍ରକ/ଆରଡ଼ି,୨୯।୬(ସମିସ)



ସୋମବାର ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ନୀତି ବିଭ୍ରାଟ ଦେଖାଦେଇଥିଲା। ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସମନ୍ୱୟ ଅଭାବ ଯୋଗୁଁ ଅପରାହ୍ଣରେ ହେବାକୁ ଥିବା ମହାସ୍ନାନ ହୋଇପାରି ନ ଥିଲା। ଫଳରେ ଶହଶହ ବର୍ଷର ପରମ୍ପରା ଭାଙ୍ଗିଛି। ଯାହାକୁ ନେଇ ମନ୍ଦିର ସେବାୟତ ପ୍ରଶାସନକୁ ଦାୟୀ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ଦିନ ବାବାଙ୍କର ସକାଳ ନୀତିକାନ୍ତି ସମ୍ପନ୍ନ ହେବା ପରେ ଅପରାହ୍ଣ ୧ଟା ୩୦ରେ ମଧ୍ୟାହ୍ନ ଧୂପ ନୀତି ପରେ ୧ ଘଣ୍ଟ ଅବକାଶ(ଶୟନ) ନୀତି ହୋଇଥିଲା। ପରେ ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ ମଧ୍ୟରେ ମହାସ୍ନାନ ନୀତି ହେବା ପାଇଁ କିଛି ସେବାୟତ ବୈତରଣୀ ନଦୀକୁ ଜଳ ଆଣିବା ପାଇଁ ଯାଇଥିବାବେଳେ, ଏପଟେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ଫଳରେ ମହାସ୍ନାନ ନୀତି ହୋଇ ନ ପାରିବା ସହ କିଛି ସମୟ ଧରି ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମା ଦିନ ଅପରାହ୍ଣ ୩ଟା ୩୦ରୁ

**ଭାଙ୍ଗିଲା ଶହ ଶହ ବର୍ଷର ପରମ୍ପରା**

୪ଟା ୩୦ ମଧ୍ୟରେ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ବାବାଙ୍କର ବଡ଼ସିଂହାର ବେଶ ହୋଇଥାଏ। ହେଲେ ପୂର୍ବରୁ ମନ୍ଦିର ପ୍ରଶାସନ ପାଳିଆ ସେବାୟତ କିମ୍ବା ନୀତିରେ ଯୋଗ ଦେଇଥିବା ସେବାୟତଙ୍କ ସହ ଆଲୋଚନା କରାଯାଇ ନ ଥିବାବେଳେ ସମୟନିର୍ଘଣ୍ଟ ମଧ୍ୟ କରାଯାଇ ନ ଥିବା ବରିଷ୍ଠ ସେବାୟତ କହିଛନ୍ତି। ଯାହାକି ଉଭୟଙ୍କର ସମନ୍ୱୟ ଅଭାବ ଯୋଗୁଁ ବାବାଙ୍କ ମନ୍ଦିରରେ ନୀତି ବିଭ୍ରାଟ ଦେଖାଦେବା ସହ ପରମ୍ପରା ଭଙ୍ଗ ହୋଇଛି। ଅପରାହ୍ଣରେ ମହାସ୍ନାନ ହୋଇପାରି ନ ଥିବାରୁ ସନ୍ଧ୍ୟା ଯାଏଁ କୌଣସି ନୀତି ହୋଇପାରି ନ ଥିଲା।

## ଚାନ୍ଦବାଲି ବ୍ଲକ୍ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି



ଭଦ୍ରକ,୨୯।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୨୪ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ଭଦ୍ରକ ଜିଲ୍ଲା ସଂଘର ବାର୍ଷିକ ଉତ୍ସବ

# ସାମ୍ବାଦିକ ସଂଘର ସ୍ମରଣିକା 'ଉତ୍କଳ ସ୍ୱର' ଉନ୍ମୋଚିତ



ଭଦ୍ରକ,୨୯।୬(ସମିସ)

ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଏବଂ ଭଦ୍ରକ ଜିଲ୍ଲା ସଂଘର ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ଉତ୍ସବ ରବିବାର ସନ୍ଧ୍ୟାରେ ଭଦ୍ରକ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ରୋ. ବିଭୂତିଭୂଷଣ କରଙ୍କ ଅଧ୍ୟକ୍ଷତାରେ ଉଚ୍ଚଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ସାମ୍ବାଦିକଙ୍କ ଦାବି ବାବଦରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ନିଷ୍ପତ୍ତି ଗ୍ରହଣ କରୁଛନ୍ତି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ସରକାର ଅବଗତ ଅଛନ୍ତି। ସାମ୍ବାଦିକମାନେ ସବୁଠି ପ୍ରଶଂସାର ପାତ୍ର ସରକାର ଅବଗତ ଅଛନ୍ତି ଆଶା କରିବା ଯେ ଆଗାମୀ ଦିନ ସେମାନଙ୍କର ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବ। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ବାଦିକମାନେ ସେମାନଙ୍କର କର୍ତ୍ତବ୍ୟ ସୁଚାରୁ ଭାବେ ପାଳନ କରୁଛନ୍ତି। ସାମ୍ବାଦିକମାନଙ୍କ ଯେଉଁ ସମସ୍ୟା ଅଛି ସରକାର ଖୁବ୍‌ଶୀଘ୍ର ପୂରଣ କରିବା ଉଚିତ୍ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା ସାମ୍ବାଦିକଙ୍କ ନୀତି ଓ ନୈତିକତା ଉପରେ କହିଥିଲେ। ସଂଘର ଜିଲ୍ଲା ସଭାପତି ରବିନାରାୟଣ ଖିଲାର ଉତ୍ସବରେ ସଂଯୋଜନା କରିଥିବାବେଳେ ପ୍ରଦୀପ ମହାପାତ୍ର ମାନପତ୍ର ପାଠ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସଞ୍ଜୀବ ନାୟକ, ରାମନାରାୟଣ ମହାନ୍ତି, ସୁଜୟ ପାକଳ, ଦୀପ୍ତିରଞ୍ଜନ ନାୟକ, ସନ୍ତୋଷ ସାହୁ, ସୁଶାନ୍ତ ରାଉତ, ସେକ୍ ଜାଫରଅଲ୍ଲି, ବିବେକାନନ୍ଦ ପଣ୍ଡା, ମାନସ ମହାନ୍ତି, ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା, ସିଦ୍ଧାର୍ଥ ଶଙ୍କର ମିଶ୍ର, ମାନସ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅପୂର୍ବ ଅଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମନମୋହନ ସଙ୍ଗୀତ ପରିଷଦ ପକ୍ଷରୁ 'ମୋଗଲ ତାମ୍‌ସା' ପରିବେଷଣ ହୋଇଥିଲା ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସାମ୍ବାଦିକଙ୍କ ସ୍ୱର 'ଉତ୍କଳ ସ୍ୱର' ସ୍ମରଣିକା ଉନ୍ମୋଚନ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଗଲ ତାମ୍‌ସା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସନ୍ତୋଷ ସାହୁ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଉପସଭାପତି

ସହିଦ ନଗର,୨୯।୬(ସମିସ): ଉତ୍କଳ ସାମ୍ବାଦିକ ସଂଘର ୩ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ୨ୟ ଦିନର କାର୍ଯ୍ୟକ୍ରମ ସୋମବାର ଅସୁରାଳିସ୍ଥିତ ବେଷ୍ଟ ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା



ସାମ୍ବାଦିକମାନଙ୍କ ଉପସ୍ଥିତିରେ ସଂଗଠନର ସୁଦୃଢ଼ୀକରଣ, ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଓ ଆଗାମୀ କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତିଭୂଷଣ କର ଓ ଭଦ୍ରକ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇ ସାମ୍ବାଦିକ ସନ୍ତୋଷ ସାହୁଙ୍କୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ନବନିଯୁକ୍ତ ଉପସଭାପତି ସନ୍ତୋଷ ସାହୁଙ୍କୁ ସଭାରେ ଉପସ୍ଥିତ ସାମ୍ବାଦିକମାନେ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲାରେ ସଂଗଠନ ଆହୁରି ସୁଦୃଢ଼, ସକ୍ରିୟ ଓ ଗତିଶୀଳ ହେବ ବୋଲି ଆଶା ପ୍ରକାଶ ପାଇଥିଲା।

# ଦେବସ୍ନାନ ପୂର୍ଣ୍ଣିମା, ଗଜାନନ ବେଶରେ ଦର୍ଶନଦେଲେ ଶ୍ରୀଜିଉ





ରାଇରଙ୍ଗପୁର,୨୯।୬(ସମିସ)

ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ। ସ୍ନାନବେଦୀକୁ ଆସି ୧୦୮ କଳସ ସୁବାସିତ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଭୋରରୁ ଶ୍ରୀଜିଉଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତିକାନ୍ତି ଶେଷ ହେବା ପରେ ଗୋଟି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଥିଲେ ମହାପ୍ରଭୁ। ସ୍ନାନମଣ୍ଡପରେ ଜଳାଧିବାସ ନୀତି ସମ୍ପନ୍ନ ହେବା ପରେ ସୁବର୍ଣ୍ଣ କୂପରୁ ଅଣାଯାଇଥିବା ୧୦୮ କଳସ ସୁବାସିତ ଜଳରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା। ପରେ ଗଜାନନ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅଲୌକିକ ଦୃଶ୍ୟକୁ ନୟନଭରି ଉପଭୋଗ କରିବା ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଦେବବ୍ରତ ରଥ ଶର୍ମା, ପୁରୋହିତ ପ୍ରଭବ ହୋତା, ତାହାକୁ କୃଷ୍ଣ ବିହାରୀ ମହାନ୍ତି ଓ ଅଭିଷେକ କୁମାର ମହାନ୍ତି, ରଥ କମିଟି ଅଧ୍ୟକ୍ଷ ତଥା ମୟୂରଭଞ୍ଜ ସାଂସଦ ନବଚରଣ ମାଝି, ମୟୂରଭଞ୍ଜ ପିଡି ଧର୍ମାନନ୍ଦ ବେହେରା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ମନ୍ଦିର ପରିଚାଳନା କମିଟି ସଭାପତି ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳ ଉଗ୍ରସେନ ଓରାମ, କାର୍ଯ୍ୟକାରୀ ସଦସ୍ୟ ନବୀନ ରାମ, ମନୋଜ ଦାସ, ନିରୋଜ ପଣ୍ଡା, ବିକାଶ ମହାନ୍ତ, କିଶୋର କୁମାର ରଜକ, ବିକି ଶର୍ମା, ଗୌରବ ଅଗ୍ରୱାଲ, ନିହାର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ମୋରଡ଼ା:** ମୋରଡ଼ା ବ୍ଲକ ଅଧୀନ ଚିତ୍ରାଡ଼ା ପ୍ରସିଦ୍ଧ ଧର୍ମକ୍ଷେତ୍ର ପରିସରରେ ଥିବା ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧି ପୂର୍ବକ ରତ୍ନ ମଣ୍ଡପରୁ ତିନି ଠାକୁର ଧାଡ଼ି ପହଣ୍ଡିରେ ଦେଉଳପାଟକୁ ଦ୍ୱାରା ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ମନ୍ଦିରର ମୁଖ୍ୟ ପୂଜାରୀ ମଦନମୋହନ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା ନୀତି ସରିଲା ପରେ ୧୦୮ କଳସୀ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ୩୫ ଗରା ଜଳରେ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ନାନ କରାଯାଇଥିବାବେଳେ ୩୩ ଗରା ଜଳରେ ବଡଭାଇ ବଳଭଦ୍ରଙ୍କୁ,୨୨ ଗରା ଜଳରେ ଭଉଣୀ ସୁଭଦ୍ରାଙ୍କୁ ଓ ୧୮ ଗରା ଜଳରେ ସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଠାକୁର ଗଜ ବେଶରେ ସମସ୍ତଙ୍କୁ ଦର୍ଶନ ଦେଇଛନ୍ତି। ପରେ ଠାକୁର ଅଣସର ଘରେ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଦେଖିବାକୁ ଶତାଧିକ ଲୋକଙ୍କ ଭିଡ଼ ହୋଇଥିଲା।

**ବଡ଼ସାହି:** ବଡ଼ସାହି ବ୍ଲକ ଅଧୀନ ବଡସାହି, ମାଣତ୍ରି, ପ୍ରତାପପୁର, ଦେଉଳିଆ, ଯୋଗୀନୁଆଗାଁ, କୁଳିଅଣା(ବି), ତାଳପଦା ଆଦି ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ବିଧିବିଧାନ ଅନୁସାରେ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୬ଟାରୁ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ମହାପ୍ରଭୁଙ୍କୁ ନୀତି ନିୟମ ମଧ୍ୟରେ ସ୍ନାନ ମଣ୍ଡପକୁ ଅଣାଯାଇ ୧୦୮ ଗରା ସୁଗନ୍ଧିତ ଜଳରେ ସ୍ନାନ କରାଯାଇଥିଲା। ଏହି ସମୟରେ ବ୍ରାହ୍ମଣ ମଣ୍ଡଳୀଙ୍କ ମନ୍ତ୍ର ଧ୍ୱନିରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ମହାପ୍ରଭୁଙ୍କର ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହିତ ଏହି ବେଶକୁ ଦର୍ଶନ କରିଥିଲେ। ପରେ ମହାପ୍ରଭୁଙ୍କୁ ନେଇ ନାଟ ମନ୍ଦିରରେ ରଖାଯାଇଥିଲା। ରାତି ୯ଟାରେ ତାଙ୍କୁ ଅଣସର ଘରକୁ ନିଆଯାଇଥିବା ମାଣତ୍ରି ମନ୍ଦିରର ପରିଛା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି।



**ଉଦଳା:** ଉଦଳା ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ୧୦୮ ଘଟ ପବିତ୍ର ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ କରାଯାଇଛି। ବେଦମନ୍ତ୍ର, ଘଣ୍ଟ, ଘଣ୍ଟା ଓ ହରିବୋଲ ଧ୍ୱନି ମଧ୍ୟରେ ସମ୍ପନ୍ନ ହେଉଥିବା ଏହି ନୀତି ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପରେ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇ ହାତୀବେଶରେ ସଜ୍ଜିତ କରାଯାଇଥିଲା। ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ିବା ପରେ ମହାପ୍ରଭୁ ୧୫ ଦିନ ପାଇଁ ଅଣସର ଘରେ ରହି ଗୁପ୍ତ ସେବା ପାଇବେ।

**କୁଆମରା:** ଗୋପବନ୍ଧୁନଗର ବ୍ଲକରେ ଆଜି ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଆରପଟା ପଞ୍ଚାୟତ ଖିରିପଦା ହରିବଳଦେବ ଜୀଉ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି। ମଣ୍ଡପରେ ଗଜାନନ ବେଶରେ ଠାକୁର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ ଯଥାବିଧି ପୂଜାର୍ଚ୍ଚନା ସରିବା ପରେ ଶ୍ରୀଜୀଉଙ୍କୁ ଅଣସର ମଣ୍ଡପକୁ ନିଆଯାଇଥିଲା। ମନ୍ଦିର ପୂଜକ ପ୍ରମୋଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା ପାଠ ଓ ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



ସାଇଁକୁଳାଠାରେ ମୁକ୍ତିପ୍ରିୟ ମିଶ୍ର, ଅନ୍ତର୍ଯ୍ୟାମୀ ପତି, ପ୍ରଶାନ୍ତ ମିଶ୍ର ପ୍ରମୁଖ ପୂଜା ପାଠ ସମ୍ପନ୍ନ କରିଥିଲେ। ଅକ୍ଷୟ କୁମାର ନାୟକ ଓ ଧର୍ମ ପତ୍ନୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇଥିଲେ। ପୁରୁଣା ବାରିପଦାଠାରେ କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ନାନ କାର୍ଯ୍ୟରେ ରଶ୍ମିରଞ୍ଜନ ହୋତା, ଜଗଦୀଶ ମହାପାତ୍ର, ଯଶୋବନ୍ତ ମହାପାତ୍ର, ଦିବ୍ୟସାଗର ମହାପାତ୍ର ଓ ଜଗତାନନ୍ଦ ହୋତା ପ୍ରମୁଖ ପୂଜା ପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ କୁଆମରା, ଜୟପୁର, ବରଡିହି, ଅଛଡା, କୁଶଳଦା, ସାନବେଲାକୁଟୀ ପ୍ରଭୃତି ସ୍ଥାନରେ ଠାକୁରଙ୍କ ସ୍ନାନ ଯାତ୍ରା ଅନୁରୂପ ଭାବେ ଅନୁଷ୍ଠିତ ହୋଇଛି।

**କପ୍ତିପଦା:** କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଦ୍ୱାରପାଳ ପୂଜା, ସୂର୍ଯ୍ୟ ପୂଜା ହେବା ପରେ ସୁଦର୍ଶନ, ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ରାଜା ସୌରଭ ଚନ୍ଦ୍ର ପରାକ୍ରମବାହୁ ଅଭିନବ ଭୂଜଙ୍ଗ ମାନ୍ଧାତା, ଶିବେନ୍ଦ୍ର ପ୍ରତାପ ସାଏ କର୍ତ୍ତା ଭାବେ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଶ୍ରୀଜୀଉଙ୍କ ସ୍ନାନ ନୀତି ଶେଷ ପରେ ବେଶ କରାଯାଇ ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ହୋମ କାର୍ଯ୍ୟ ସଂପନ୍ନ ହେବାପରେ ସ୍ନାନମଣ୍ଡପରେ ରାଜାସାହେବ ଛେରାପହଁରା କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଶ୍ରୀଜୀଉଙ୍କ ଗଜ ବେଶ ଅନୁଷ୍ଠିତ ହୋଇଥିଲା। ବୈଦିକ କର୍ମକାଣ୍ଡବିତ୍ ବନମାଳୀ ଦାଶ, ରାଜପୁରୋଧା ତ୍ରିଲୋଚନ ମିଶ୍ର, ମନ୍ଦିରର ମୁଖ୍ୟ ପୂଜକ ସୁଶାନ୍ତ ମିଶ୍ର, ରଜତ ମିଶ୍ର, ସୂରଜ ପଣ୍ଡା, ଦୁର୍ଲଭ ମିଶ୍ର, ଅଂଶୁମାନ ଦାଶ, ମାନସ ଦାଶଙ୍କ ମନ୍ତ୍ରଧ୍ୱନି ଏବଂ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ, ଭକ୍ତମାନଙ୍କ ହୁଳହୁଳି ଶବ୍ଦରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଦଧିବାମନଜୀଉ ଚେରିଟେବୁଲ୍ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି କପ୍ତିପଦା ବ୍ଲକ୍‌ର ପେଡ଼ାଗଡ଼ି, ବିଶୋଳ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି।

**ସାରସକଣା:** ସାରସକଣା ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଶୀର୍ଷା ଜଗନ୍ନାଥ ମନ୍ଦିର ଓ ସାରସକଣା ଜଗନ୍ନାଥ ମନ୍ଦିରରେ ଏହି ଦେବ କାର୍ଯ୍ୟ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ନୀତିକୁ ଦର୍ଶନ କରିବା ସହ



ଆଶୀର୍ବାଦ ନେବାକୁ ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଶୂନ୍ୟ ମାଧବ ମନ୍ଦିରରେ ହଜାର ହଜାର ଭକ୍ତଙ୍କର ଭିଡ ଜମିଥିଲା। ସ୍ନାନ ନୀତି ପରେ ସମସ୍ତ ଭକ୍ତ ଅନ୍ନ ଭୋଗ ଗ୍ରହଣ କରିଥିଲେ। ଏହାପରେ ତିନିଠାକୁର ଅଣସର ଗୃହରେ ଅବସ୍ଥାନ କରିବେ, ନେତ୍ର ଉତ୍ସବ ଦିନ ପୁଣି ପ୍ରଭୁ ଦର୍ଶନ ଦେବେ। ଏହି ପବିତ୍ର ନୀତିକୁ ନେଇ ଶୀର୍ଷା ଓ ସାରସକଣା ଜଗନ୍ନାଥ ମନ୍ଦିରରେ ସକାଳୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିସର ଜୟ ଜଗନ୍ନାଥ ଧ୍ୱନି, ଭଜନ, କୀର୍ତ୍ତନ ଓ ଘଣ୍ଟ, ଶଙ୍ଖନାଦରେ ପ୍ରକମ୍ପିତ ହୋଇଥିଲା। ପୁରୁଷ, ମହିଳା, ବୃଦ୍ଧ ଓ ଶିଶୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶୃଙ୍ଖଳିତ ଭାବେ ଧାଡ଼ିରେ ଛିଡ଼ା ହୋଇଥିଲେ।



**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକର ସାରୁମୂଳା, ବଇଁଚା ନୂଆଗାଁ, କମାରଡିହା, ଖୁଣ୍ଟା, ଅମରଦା, ତମ୍ବାଖୋରୀ ସମେତ ବିଭିନ୍ନ ଅଞ୍ଚଳରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଭକ୍ତି ଓ ଆଡ଼ମ୍ବରର ସହ ପାଳିତ ହୋଇଯାଇଛି। ସାରୁମୂଳା ଶ୍ରୀଜଗନ୍ନାଥ ମନ୍ଦିରରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ସାନ ନଦୀରୁ ପବିତ୍ର ଜଳ ଆଣିଥିଲେ। ପରେ ସେହି ଜଳରେ ସ୍ନାନମଣ୍ଡପରେ ବିଜେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ମହାସ୍ନାନ ନୀତି ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ପୂଜକ ବେଦମନ୍ତ୍ର ଓ ଭକ୍ତିମୟ ପରିବେଶ ମଧ୍ୟରେ ମହାପ୍ରଭୁଙ୍କୁ ପବିତ୍ର ଜଳରେ ସ୍ନାନ କରାଇ ବିଶେଷ ପୂଜାର୍ଚ୍ଚନା କରିଥିଲେ। ଦେବସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁ ଅଣସର ଘରକୁ ବିଜେ କରିଥିଲେ।

**ବୈଶିଙ୍ଗା:** ମହୁରୀସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପବିତ୍ର ସ୍ନାନଯାତ୍ରା ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କୈଳାସ ଚନ୍ଦ୍ର ମହାନ୍ତ, ନିଶିତ ରାଉତ, ଶ୍ରୀଧର ଦାସ, ନରସିଂହ ଚରଣ ଭୂୟାଁ, ବିଦ୍ୟାଧର ରାଉତ, କୃଷ୍ଣଚନ୍ଦ୍ର ରଣା, ଅଭିଲାଷ ଚନ୍ଦ୍ର ସିଂହ, ପଦ୍ମଲୋଚନ ଦାସ, ଜୟନ୍ତ କୁମାର ଦାସ ଓ ଅଜିତ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ଓ ସ୍ୱେଚ୍ଛାସେବୀ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିଥିଲେ। ଅନୁରୂପ ଭାବେ ବୈଶିଙ୍ଗା ପଦ୍ମପୁରସ୍ଥ ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ସ୍ନାନ ମଣ୍ଡପରେ ଅବସ୍ଥାପିତ କରାଯିବା ପରେ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଗଜ ଉଦ୍ଧାରଣ ବେଶ କରାଯିବା ସହ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ସମସ୍ତ ସଦସ୍ୟ ଯୋଗଦେଇ ପରିଚାଳନା କରିଥିଲେ।





## କଂଗ୍ରେସର 'ଶିକ୍ଷା ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ' କାର୍ଯ୍ୟକ୍ରମ

ଆନନ୍ଦପୁର,୨୯।୬ (ସମିସ): ସାରା ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଶିକ୍ଷାର ବ୍ୟବସାୟୀକରଣ ହୋଇଥିବା ବେଳେ ଡିଗ୍ରିଧାରୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ ବୋଲି ଆନନ୍ଦପୁର ମ୍ୟୁନିସିପାଲିଟି କଲ୍ୟାଣମଣ୍ଡପରେ କଂଗ୍ରେସ ପକ୍ଷରୁ ଆୟୋଜିତ 'ଶିକ୍ଷା ବଞ୍ଚାଅ ଭବିଷ୍ୟତ ବଞ୍ଚାଅ' କାର୍ଯ୍ୟକ୍ରମରେ ଭିଡ଼ିଓ ପ୍ରସାରଣରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ନଗର କଂଗ୍ରେସ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ ମୋଦୀ ସରକାରଙ୍କ ଶିକ୍ଷାନୀତିକୁ ବିଫଳ ଦର୍ଶାଇ ବର୍ଷିଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ଓ ଶିକ୍ଷା ଅଧିକାରକୁ ସୁଦୃଢ଼ କରିବା ଲକ୍ଷ୍ୟରେ କଂଗ୍ରେସ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିଥିବା ଶ୍ରୀ ଜେନା କହିଛନ୍ତି। କଂଗ୍ରେସ ନେତା ରମେଶ ବାରିକ୍, ସନ୍ତୋଷ ସାମଲ,ନିତ୍ୟାନନ୍ଦ ସାମଲ, ଚିତ୍ତରଂଜନ ପାତ୍ର, ଅକ୍ଷୟ ମହାନ୍ତି, ଆତୁଲ ସାହୁ, ବୀରବର ସାମଲ, ମନୋରମା ଜେନା, ପ୍ରାଣବନ୍ଧୁ ରାମ୍, ସେକ୍ ଜାକର, ସୁଶୀଲ ସାହାଣୀ, ମୁରଲୀଧର ବେହେରା, ବିଭୂତି ଘଡ଼େଇ, ନରହରି ନାୟକ, ନିମାଇଁ ଚରଣ ଦାସ, ନରହରି ବେହେରା, ନିରାକାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଛାତ୍ରୀ ନିବାସ ବେଡ୍ ତଳୁ ବିଷାକ୍ତ ସାପ ଉଦ୍ଧାର
# ବିଦ୍ୟାଳୟରେ ଆତଙ୍କ, ଟଳିଲା ବଡ଼ ବିପଦ

ବାରିପଦା, ୨୯ ।୬(ସମିସ): ବଡ଼ସାହି ଥାନା ଅନ୍ତର୍ଗତ କାଦୁଆଲବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପରିସରରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ହଷ୍ଟେଲର ଏକ ରୁମ୍ ଭିତରୁ ସାପ ଉଦ୍ଧାର ହେବା ପରେ ସେଠାରେ ଥିବା ଶତାଧିକ ଅନ୍ତେବାସୀ ଛାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଜଣେ ମହିଳା ସାପ ଧରାଳୀଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ବିପଦ ଟଳିଯାଇଛି। ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ହଷ୍ଟେଲର ଛାତ୍ରୀ ନିଜର ନିତ୍ୟକର୍ମ ସାରି ମୁଢ଼ି ଖାଇବା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ରୁମ୍ ଭିତରେ ଥିବା ଏକ ବେଡ୍ ତଳେ ଏକ ସାପ ପଶି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ପ୍ରାୟ ୩୦ରୁ ୪୦ଟି ବେଡ୍ ପଡ଼ିଥିବା ସେହି ରୁମ୍‌ରେ ସାପକୁ ଦେଖି ଶତାଧିକ ଛାତ୍ରୀ ବେଡ୍ ଓ ଖଟ ଉପରକୁ ଚଢ଼ିଯାଇ ଚିତ୍କାର କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ହଷ୍ଟେଲ କର୍ତ୍ତୃପକ୍ଷ ବିଳମ୍ବ ନକରି ସ୍ଥାନୀୟ ଅଭିଜ୍ଞ ସାପଧରାଳୀ କୃଷ୍ଣଚନ୍ଦ୍ର ଗୋଛାୟତଙ୍କ ପତ୍ନୀ ସସ୍ମିତା ଗୋଛାୟତଙ୍କୁ ସୂଚନା ଦେଇଥିଲେ। ସେହି ସମୟରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ହେଉଥିଲେ ମଧ୍ୟ ପିଲାମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସସ୍ମିତା ଓ ତାଙ୍କ ସ୍ୱାମୀ ହଷ୍ଟେଲରେ ପହଞ୍ଚିଥିଲେ। ସେମାନେ ରୁମ୍ ଭିତରକୁ ଯାଇ ଟର୍ଚ୍ଚ ଲାଇଟ୍ ସାହାଯ୍ୟରେ ବେଡ୍‌ଗୁଡ଼ିକୁ ଏକପାଖ କରିବା ପରେ ଏକ କୋଣରେ ଲୁଚି ରହିଥିବା ସାପକୁ ଚିହ୍ନଟ କରିଥିଲେ। ସତର୍କତାର ସହ ସସ୍ମିତା ସାପକୁ ସେଠାରୁ ଜୀବନ୍ତ ଉଦ୍ଧାର କରିବା ପରେ ଯାଇ ଛାତ୍ରୀ ଓ କର୍ତ୍ତୃପକ୍ଷ ଆଶ୍ୱସ୍ତ ହୋଇଥିଲେ। ଉଦ୍ଧାର ହୋଇଥିବା ସାପଟି ଏକ ବନ୍ୟ ପାର୍ବତ୍ୟ ପ୍ରଜାତିର 'କ୍ୟାଟ୍ ସ୍ନେକ୍' ବୋଲି ସସ୍ମିତା ସୂଚନା ଦେଇଛନ୍ତି। ଯାହା ସାଧାରଣତଃ ସହରାଞ୍ଚଳରେ ଦେଖାଯାଏନାହିଁ। ଏହା ଆଂଶିକ ବିଷଧର ଅଟେ। ସାପକୁ ଜଙ୍ଗଲରେ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି।

## ■ ମାସେ ହେଲା ପୋଡ଼ିଯାଇଛି ଟ୍ରାନ୍ସଫର୍ମର
# ଘଣ୍ଟିଆବେଡ଼ା ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ

**୩ ଦିନ ମଧ୍ୟରେ ମରାମତି କରା ନ ଗଲେ ଜୁଲାଇ ୪ରୁ ଗଣଧାରଣା**

ଶରତ,୨୯।୬(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ରଜତନଗର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଘଣ୍ଟିଆବେଡ଼ା ଗ୍ରାମ ବିଦ୍ୟୁତ ଟ୍ରାନ୍ସଫର୍ମର ମାସେ ହେଲାଣି ପୋଡ଼ିଯାଇଛି। ଫଳରେ ଗ୍ରାମରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। ଏହି ଗ୍ରାମରେ ୭୩ଟି ହୋ ଜନଜାତି ପରିବାର ବସବାସ କରନ୍ତି। ଗ୍ରାମବାସୀ କହିଛନ୍ତି, ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ସେମାନେ ରାତିରେ ଅନ୍ଧକାର ଭିତରେ କାଳାତିପାତ କରୁଛନ୍ତି। ଟ୍ରାନ୍ସଫର୍ମର ମରାମତି ନିମନ୍ତେ ସେମାନେ କପ୍ତିପଦା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଫୋନ ଯୋଗେ ଅବଗତ କରାଇବା ସହିତ ଲିଖିତ ଅଭିଯୋଗପତ୍ର ମଧ୍ୟ ଦାଖଲ କରିଛନ୍ତି। କିନ୍ତୁ ସେମାନଙ୍କ ସମସ୍ୟାର ସମାଧାନ କରାଯାଉ ନ ଥିବା ସେମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ କପ୍ତିପଦା ବ୍ଲକ ଦାୟିତ୍ୱରେ ଥିବା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆପଣ(ଗଣମାଧ୍ୟମ ପ୍ରତିନିଧି)ଙ୍କ ଦ୍ୱାରା ଏହି ଖବର ବିଷୟରେ ଆମେ ଅବଗତ ହେଲୁ ଓ ୨୪ ଘଣ୍ଟା ମଧ୍ୟରେ ଉକ୍ତ ଗ୍ରାମକୁ ପରିଦର୍ଶନରେ ଯିବୁ ଓ ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର ମରାମତି କରାଯିବ ବୋଲି କହିଛନ୍ତି। ଗ୍ରାମବାସୀ କହିଛନ୍ତି, ୩ ଦିନ ମଧ୍ୟରେ ଟ୍ରାନ୍ସଫର୍ମର ମରାମତି କରା ନ ଗଲେ ସେମାନେ ଜୁଲାଇ ୪ ତାରିଖ ଦିନ କପ୍ତିପଦା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ସରକାରୀ ଓକିଲଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା, ୨୯ ।୬(ସମିସ): ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଓ ସାଧାରଣ ଅଭିଯୋଗ ନିର୍ଦ୍ଦେଶାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ନୂତନ ସରକାରୀ ଓକିଲଙ୍କୁ ନେଇ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୟୂରଭଞ୍ଜ ଜିଲ୍ଲାର ଡେପୁଟି ଡାଇରେକ୍ଟର ପ୍ରୋସିକ୍ୟୁଟର ଦୀପ୍ତିରଞ୍ଜନ ଷେଣ୍ଢ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ଅତିରିକ୍ତ ଏସପି ଦୀପକ ଗୋଛାୟତ ଯୋଗଦେଇ ସମାଜରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସଦୃଢ଼ କରିବାରେ ଏହି ପ୍ରଶିକ୍ଷଣର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦେଶର ବଦଳୁଥିବା ଆଇନ ବ୍ୟବସ୍ଥା ଓ ନୂତନ ଆଇନ ସମ୍ପର୍କରେ ଓକିଲଙ୍କୁ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ସାଇବର ସେଲ୍ ଆଇଆଇସି ପ୍ରଦୀପ କୁମାର ମାଝୀ, ବାଲେଶ୍ୱର ଆରଏଫଏସଏଲର ଡେପୁଟି ଡାଇରେକ୍ଟର ରାକେଶ ମୁଖାର୍ଜୀ, କେନ୍ଦୁଝର ଡିଡି ମେଡିକାଲ କଲେଜର ଡା ସୁନିଲ ମୁର୍ମୁ ଓ ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ବିରେନ ପଣ୍ଡା ବିଶେଷଜ୍ଞ ଭାବେ ଯୋଗଦେଇ ନୂତନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଅଧିନିୟମ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର ବିଭିନ୍ନ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ଅତିରିକ୍ତ ଡେପୁଟି ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁଟର କିଶୋର କିଷାନ ଓ କ୍ୟାଡର୍ ଅତିରିକ୍ତ ପ୍ରୋସିକ୍ୟୁଟର ସ୍ମୃତି ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ଦନ୍ତାହାତୀ ଉପଦ୍ରବ
# ଘର ଭାଙ୍ଗିଲା, ସ୍କୁଲରେ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କଲା

କରଞ୍ଜିଆ, ୨୯ ।୬(ସମିସ): କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବିଶେଷକରି ଏକ ଗୋଠଛଡ଼ା ଦନ୍ତାହାତୀ ଗୌଡ଼ଗାଁ ଓ ମିଲୁଡ଼ିହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିଛି। ପାଉଦିଆ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ଏହି ଦନ୍ତାହାତୀ କାଦଡିହା ସେକ୍ସନ ଅନ୍ତର୍ଗତ ଗୌଡ଼ଗାଁରେ ପଶି ଫୁଲସାରୀ ନାୟକଙ୍କ ଘର ଭାଙ୍ଗିଥିଲା। ଘରର କାନ୍ଥ ଓ ଛପରକୁ ନଷ୍ଟ କରିବା ସହ ଘରେ ଗଚ୍ଛିତ ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଖାଇଥିଲା। ଏହାପରେ ହାତୀଟି ମିଲୁଡ଼ିହି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପଶି ବିଦ୍ୟାଳୟର ପ୍ରାଚୀର, କକ୍ଷ ଓ ରୋଷେଇ ଘରକୁ ଭାଙ୍ଗିଥିଲା। ମଧ୍ୟାହ୍ନଭୋଜନ ପାଇଁ ସଂରକ୍ଷିତ ଚାଉଳ ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ନଷ୍ଟ କରି ଖାଇଥିବା ଜଣାପଡ଼ିଛି। ବନ ବିଭାଗ ସୂଚନା ଅନୁଯାୟୀ, ବର୍ତ୍ତମାନ କରଞ୍ଜିଆ ବନାଞ୍ଚଳରେ ୧୦ଟି ଓ ଦୁଧିଆଣି ବନାଞ୍ଚଳର ତାଟୋ ଅଞ୍ଚଳରେ ୧୨ଟି ହାତୀ ରହିଛନ୍ତି। ୨୨ଟି ହାତୀ ମଧ୍ୟରେ ୮ଟି ଦନ୍ତାହାତୀ, ୯ଟି ମାଈ ହାତୀ, ୪ଟି ଛୁଆ ହାତୀ ଓ ଗୋଟିଏ ମାଖନୀ ହାତୀ ରହିଛି। ଏହି ଗୋଠଛଡ଼ା ଦନ୍ତାହାତୀକୁ ଛାଡ଼ି ଅନ୍ୟ ସମସ୍ତ ହାତୀ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ଜଣାପଡ଼ିଛି। ସନ୍ଧ୍ୟା ହେଲେ ହାତୀପଲ ଜଙ୍ଗଲରୁ ବାହାରି ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଗ୍ରାମରେ ପ୍ରବେଶ କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ବନ ବିଭାଗକୁ ହାତୀ ଉପଦ୍ରବ ନିୟନ୍ତ୍ରଣ କରିବା ସହ କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।




## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ

Together, Let us light up our lives

ବିଦ୍ୟୁତ୍ ନିୟାମକ ଭବନ
ପ୍ଲଟ୍ ନଂ.୪, ଚୁନକୋଲି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲି: ନଂ.୨୭୨୧୦୪୮, ୨୭୨୧୦୪୯
ଇ-ମେଲ୍: oerc@odisha.gov.in/ orierc@gmail.com ୱେବ୍‌ସାଇଟ୍ : www.orierc.org

**ସର୍ବସାଧାରଣ ନୋଟିସ**

**ମାମଲା ନମ୍ବର ୦୧/୨୦୨୬**

ମେସର୍ସ ଗ୍ରୀଡକୋ ଲିମିଟେଡ୍ ଏବଂ ଓଡ଼ିଶାର ଟିପି ବିତରଣ କମ୍ପାନୀଗୁଡ଼ିକ ମିଳିତ ଭାବେ ଓଇଆରସି ବିତରଣ (ଯୋଗାଣ ସର୍ତ୍ତାବଳୀ) ନିୟମାବଳୀ, ୨୦୧୯ ର ନିୟମ ୧୫୪, ୧୯୯ ଏବଂ ୨୦୪ ଅଧୀନରେ ଏକ ସାଧାରଣ ଆବେଦନ ଦାଖଲ କରିଛନ୍ତି। ଏହି ଆବେଦନ ମାଧ୍ୟମରେ ସେମାନେ ସରକାରୀ ଗ୍ରାହକମାନଙ୍କ ବ୍ୟତୀତ ଅନ୍ୟ ଉପଭୋକ୍ତାମାନଙ୍କର ଅଧିକାର ହସ୍ତାନ୍ତର ପୂର୍ବ ଅବଧି ସୁଦ୍ଧା ବାକି ଥିବା ଦୀର୍ଘକାଳୀନ ବିଦ୍ୟୁତ ବକେୟା ରାଶି ଆଦାୟ ପାଇଁ ଆମ୍‌ନେଷ୍ଟି ଏରିଅର କ୍ଲିଅରାନ୍ସ (ଏଏସି)ର ଅନୁମୋଦନ ଲୋଡିଛନ୍ତି, ଯାହାକି ଯଥାକ୍ରମେ ନିମ୍ନଲିଖିତ ପ୍ରଭାବଶାଳୀ ତାରିଖ ସୁଦ୍ଧା ବାକି ଥିବା ବକେୟାକୁ ବୁଝାଏ। ଯଥା ସେସୁ (ବର୍ତ୍ତମାନ ଟିପିସିଓଡିଏଲ୍) ପାଇଁ ୩୧.୦୫.୨୦୨୦ ସୁଦ୍ଧା ବକେୟା, ସାଉଥକୋ (ବର୍ତ୍ତମାନ ଟିପିଏସଓଡିଏଲ୍) ଏବଂ ୱେସକୋ (ବର୍ତ୍ତମାନ ଟିପିଡବ୍ଲ୍ୟୁଓଡିଏଲ୍) ପାଇଁ ୩୧.୧୨.୨୦୨୦ ସୁଦ୍ଧା ବକେୟା ଏବଂ ନେସକୋ (ବର୍ତ୍ତମାନ ଟିପିଏନ୍‌ଓଡିଏଲ୍) ପାଇଁ ୩୧.୦୩.୨୦୨୧ ସୁଦ୍ଧା ବକେୟା ଅଟେ।

ଆୟୋଗ ତାଙ୍କର ୨୩.୦୬.୨୦୨୬ ତାରିଖର ଅନ୍ତରୀଣ ଆଦେଶ ବଳରେ ଏହି ମାମଲାକୁ ଜନଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକି ୦୪.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଟାରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଏହି ସମ୍ବନ୍ଧରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସମସ୍ତ ଅନୁଲଗ୍ନକ ସହ ଆବେଦନ ପତ୍ରଟି ଓଇଆରସି ୱେବସାଇଟ୍ (www.orierc.org) ଏବଂ ଗ୍ରୀଡକୋ ଲିମିଟେଡ୍ (www.gridco.co.in), ଟିପିସିଓଡିଏଲ (www.tpcentralodisha.com), ଟିପିଡବ୍ଲ୍ୟୁଓଡିଏଲ (www.tpwesternodisha.com), ଟିପିଏନଓଡିଏଲ (www.tpnodl.com) ଓ ଟିପିଏସଓଡିଏଲ (www.tpsouthernodisha.com) ର ୱେବସାଇଟରେ ଉପଲବ୍ଧ ଅଛି। ଯେଉଁ ବ୍ୟକ୍ତି କିମ୍ବା ସଙ୍ଗଠନ ଏହି କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ସେମାନେ ଆବେଦନକାରୀଙ୍କ ଏହି ଆବେଦନ ଉପରେ ନିଜର ଆପତ୍ତି/ପ୍ରସ୍ତାବ/ମତାମତ ୧୪.୦୭.୨୦୨୬ କିମ୍ବା ତା' ପୂର୍ବରୁ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ହେବ। ଆବେଦନକାରୀମାନଙ୍କୁ ପ୍ରତିବାଦୀମାନଙ୍କର ସେହି ସମସ୍ତ ଆପତ୍ତି/ପ୍ରସ୍ତାବ/ମତାମତର ଜବାବ ଏକ ସତ୍ୟପାଠ ଆକାରରେ ୨୧.୦୭.୨୦୨୬ ସୁଦ୍ଧା ଦାଖଲ କରିବାକୁ ଏବଂ ଏହାର ଏକ ନକଲ ପ୍ରତିବାଦୀମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ଜନଶୁଣାଣିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ସେମାନେ ୦୩.୦୮.୨୦୨୬ ଅପରାହ୍ନ ୫.୦୦ ଟା ସୁଦ୍ଧା ଆୟୋଗଙ୍କ ଇ-ମେଲ୍ ଆଇଡି (oerc.vc@gmail.com) ରେ ନିଜର ଇ-ମେଲ୍ ଠିକଣା ଜଣାଇବା ଆବଶ୍ୟକ।

ଆୟୋଗଙ୍କ ଆଦେଶାନୁଯାୟୀ
ତାରିଖ: ୨୯.୦୬.୨୦୨୬ | ସ୍ୱା./- ସଚିବ

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଦାଦାଭାଇ ନାରୋଜିଙ୍କ ନିଧନ।
- ୧୯୨୧- ସ୍ୱିଡେନ୍ ମୃତ୍ୟୁଦଣ୍ଡକୁ ଉଠାଇ ଦେଲା।
- ୧୯୩୮ - କୁନି କୁନି ପିଲାଙ୍କର ପ୍ରିୟ କାର୍ଟୁନ୍ ଚରିତ୍ର 'ସୁପରମ୍ୟାନ୍' ପ୍ରଥମ ଥର ପାଇଁ କମିକ୍ ବୁକ୍‌ରେ ସ୍ଥାନ ପାଇଲା।
- ୧୯୬୦- ଆମେରିକା କ୍ୟୁବାରୁ ଚିନି ନ ଆଣିବା ପାଇଁ ନିଷ୍ପତ୍ତି ନେଲା।
- ୨୦୦୦- ଆମେରିକୀୟ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଡିଜିଟାଲ୍ ସ୍ୱାକ୍ଷରକୁ ଆଇନର ମାନ୍ୟତା ଦେଲେ।

# 'ଧମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ



ଅଜୟ ଦେବଗନ୍ ପୁଣି ଥରେ ସୁପରହିଟ୍ କମେଡି ଫ୍ରାଞ୍ଚାଇଜ୍ 'ଧମାଲ୍ ୪' ମାଧ୍ୟମରେ ବକ୍ସ ଅଫିସ୍‌ରେ ଧମାଲ୍ ମଚାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଆସନ୍ତା ୧୦ ଜୁଲାଇରେ ସିନେମା ହଲ୍‌ରେ ରିଲିଜ୍ ହେବ। ନିକଟରେ ନିର୍ଦ୍ଦେଶକ ଇନ୍ଦ୍ର କୁମାର 'ଧମାଲ୍ ୫'କୁ ନେଇ ଏକ ଖବର ସେୟାର କରିଛନ୍ତି। ଇନ୍ଦ୍ର କୁମାର ଏହି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ବିଷୟରେ ଅପଡେଟ୍ ଦେଇ କହିଛନ୍ତି ଯେ, "ଏହି ଲୋକପ୍ରିୟ କମେଡି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ଉପରେ ଆଲୋଚନା ଚାଲିଛି। ଧମାଲ୍ ୫'ର ନିର୍ମାଣ ସମ୍ପୂର୍ଣ୍ଣ ରୂପେ 'ଧମାଲ୍ ୪' କୁ ଦର୍ଶକଙ୍କଠାରୁ ମିଳିବାକୁ ଥିବା ପ୍ରତିକ୍ରିୟା ଏବଂ ବକ୍ସ ଅଫିସ୍ ସଫଳତା ଉପରେ ନିର୍ଭର କରେ।" 'ଧମାଲ୍ ୪'ରେ ଅଜୟ ଦେବଗନ୍, ଅରଶଦ ୱର୍ସି, ରିତେଶ ଦେଶମୁଖ, ଜାଭେଦ୍ ଜାଫ୍‌ରି, ସଞ୍ଜୟ ମିଶ୍ରା, ଈଶା ଗୁପ୍ତା, ସଞ୍ଜିଦା ଶେଖ, ଅଞ୍ଜଳି ଆନନ୍ଦ ପ୍ରମୁଖ ନଜର ଆସିବେ। ଏହି ଫ୍ରାଞ୍ଚାଇଜ୍‌ର ପ୍ରତ୍ୟେକ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଏକ ଭିନ୍ନ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥାଏ। ଦର୍ଶକେ 'ଧମାଲ୍ ୪'କୁ ଅପେକ୍ଷା କରିଥିବାବେଳେ ସେହି ସମୟରେ 'ଧମାଲ୍ ୫'କୁ ନେଇ ଖବର ଆସିବା ଏହାଠାରୁ ବଡ଼ ସରପ୍ରାଇଜ୍ ଆଉ କ'ଣ ହୋଇପାରେ। ନିକଟରେ ଏକ ସାକ୍ଷାତକାର ସମୟରେ ଯେତେବେଳେ ଇନ୍ଦ୍ର କୁମାରଙ୍କୁ 'ଧମାଲ୍ ୫' ବିଷୟରେ ପଚରାଗଲା, ସେତେବେଳେ ସେ କହିଥିଲେ, "ମୋ ପାଖରେ ଅନେକ ଆଇଡିଆ ଅଛି, କିନ୍ତୁ କୌଣସି ଗୋଟିଏ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହିଁ, କାରଣ ମୁଁ ଜାଣିନାହିଁ ଲୋକେ 'ଧମାଲ ୪' ଦେଖି କିଭଳି ପ୍ରତିକ୍ରିୟା ଦେବେ। ଫିଲ୍ମରେ ସେମାନଙ୍କୁ କ'ଣ ପସନ୍ଦ ଆସୁଛି, ସେହି ଆଧାରରେ ହିଁ ମୁଁ ମୋର ପରବର୍ତ୍ତୀ ଫିଲ୍ମ ପାଇଁ ଯୋଜନା ପ୍ରସ୍ତୁତ କରିବି। ଲୋକମାନଙ୍କୁ କିଛି ଜିନିଷ ପସନ୍ଦ ନ ଆସିପାରେ, ତେଣୁ ମୁଁ ସେହି ସବୁ ଜିନିଷରୁ ଦୂରେଇ ରହିବି ଏବଂ କିଛି ନୂଆ କରିବାକୁ ଚେଷ୍ଟା କରିବି। କିନ୍ତୁ ହଁ, ଏହା ନିଶ୍ଚିତ ଭାବରେ ପୂର୍ବ ଅପେକ୍ଷା ଆହୁରି ବଡ଼ ସ୍ତରରେ ନିର୍ମାଣ ହେବ।'

# ଏଠାରେ ଚୋରି ହୁଏନି ଜିନିଷ



ଏମିତି ବି ଏକ ଦେଶ ଅଛି, ଯେଉଁଠି ଲୋକେ ବାଇକ୍, ଆଇଫୋନ୍, ପର୍ସ ଆଦିକୁ ଛାଡ଼ି ଚାଲିଗଲା ପରେ ବି ଚିନ୍ତାଶୂନ୍ୟ ଥାଆନ୍ତି। କାରଣ ସେଠାରେ କୌଣସି ଜିନିଷ ଚୋରି ହୁଏ ନାହିଁ। ଦକ୍ଷିଣ କୋରିଆକୁ ବିଶ୍ୱର ସବୁଠାରୁ ସଚ୍ଚୋଟ ଏବଂ ସୁରକ୍ଷିତ ଦେଶଗୁଡ଼ିକ ମଧ୍ୟରୁ ଏକ ପ୍ରମୁଖ ଦେଶ ଭାବେ ଗଣନା କରାଯାଏ। ଏହି ଦେଶର ଲୋକମାନଙ୍କର ସାମାଜିକ ନୈତିକତା, ଶୃଙ୍ଖଳା ଏବଂ ପରସ୍ପର ପ୍ରତି ଥିବା ବିଶ୍ୱାସ ଏହାକୁ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦକ୍ଷିଣ କୋରିଆରେ ମାସେ କାଳ ଅତିବାହିତ କରିଥିବା ଜଣେ ବ୍ୟକ୍ତିଙ୍କ ଅନୁଭୂତି ଏବେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହି ବ୍ୟକ୍ତି ଜଣକ ତାଙ୍କ ପୋଷ୍ଟରେ କହିଛନ୍ତି, ଦକ୍ଷିଣ କୋରିଆରେ ଲୋକେ ଅନେକ ଜିନିଷ ନିର୍ଭୟରେ ଛାଡ଼ି ଦିଅନ୍ତି। କାରଣ ତାଙ୍କର ଭରସା ଥାଏ ଯେ, କେହି ସେସବୁ ଚୋରି କରିବେ ନାହିଁ। ଏହି ବ୍ୟକ୍ତି ଜଣକ ମାସେ ହେବ ନିଜ ସ୍ତ୍ରୀ ଓ ଝିଅ ସହିତ ଦକ୍ଷିଣ କୋରିଆରେ ରହୁଛନ୍ତି। କୌଣସି ଦୋକାନ ତଥା ରେସ୍ତୋରାଁକୁ ଗଲେ ସେ ବେବି ଷ୍ଟ୍ରୋଲର୍‌କୁ ବାହାରେ ରଖି ଦେଇ ଯାଆନ୍ତି। ଥରେ ସେ ନିଜ ସାଙ୍ଗମାନଙ୍କ ସହିତ ବାହାରକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ସାଙ୍ଗମାନେ ତାଲା ନ ପକାଇ ସାଇକଲ ଗଳିରେ ରଖିଥିଲେ। ଦୁଇ ଘଣ୍ଟା ପରେ ଫେରିବା ପରେ ବି ସାଇକଲ ସେହି ସ୍ଥାନରେ ସେମିତି ଥିଲା। ସେହିପରି ଆଉ ଏକ ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ସାଙ୍ଗ ଆଇଫୋନ୍‌କୁ ପାର୍କ ବେଞ୍ଚରେ ରଖି ଭୁଲିଯାଇଥିଲେ। ପ୍ରାୟ ଚାରି ଘଣ୍ଟା ପରେ ଆସିଲା ବେଳକୁ ଫୋନ୍ ସେହି ସ୍ଥାନରେ ହିଁ ଥିଲା। ଏପରିକି କେ-ପପ୍ କନସର୍ଟ ବାହାରେ ଅନେକ ଲୋକଙ୍କ ଜିନିଷ ବି ବାହାରେ ରଖି ଯାଇଥିବା ସେ କହିଛନ୍ତି। ଏହି ବ୍ୟକ୍ତି ଜଣକ ଆହୁରି ମଧ୍ୟ କହିଛନ୍ତି, ଲୋକେ ନିଜ ଲଗେଜକୁ ମେଟ୍ରୋ ଷ୍ଟେସନ ବାହାରେ ଛାଡ଼ି ଆରାମରେ କନସର୍ଟ ଦେଖିବାକୁ ଯାଆନ୍ତି। ବ୍ୟକ୍ତି ଜଣକ ସ୍ଥାନୀୟ ଲୋକଙ୍କୁ ଜିନିଷ ଚୋରି ହେଇଯିବା ଭୟ ମନରେ ଆସେନାହିଁ ବୋଲି ପ୍ରଶ୍ନ କରିବାରୁ ଚୋରି ଜଣେ କାହିଁକି କରିବ ବୋଲି ଅନେକ ଉତ୍ତର ଦେଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ଅନ୍ୟ ଦେଶରେ ଏଭଳି ସ୍ଥିତିକୁ କଳ୍ପନା କରିବା କଷ୍ଟକର। ଏଠାରେ ଆଇନ ଏବଂ ସାମାଜିକ ନିୟମର ଖୁବ୍ ସମ୍ମାନ କରାଯାଏ। ଏଠାରେ କୋଣ ଅନୁକୋଣରେ ସିସିଟିଭି କ୍ୟାମେରା ଲାଗିଛି। ଅପରାଧ କଲେ ଧରାପଡ଼ିବାର ଭୟ ଏବଂ କଠୋର ଆଇନ ବ୍ୟବସ୍ଥା ଯୋଗୁଁ ଚୋରି ପ୍ରାୟ ନାହିଁ କହିଲେ ଚଳେ। ଛୋଟମୋଟ ଚୋରିକୁ ବି ବେଶ୍ ଗୁରୁତର ସହକାରେ ନିଆଯାଏ। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ଜେନ୍-ଜେଡ୍‌ଙ୍କୁ ପସନ୍ଦ ଭଡ଼ାରେ ଜିନିଷ ନେବା



ଆଜିର ଜେନ୍ ଜେଡ୍ ଯୁବପିଢ଼ିଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଆରା। ପୂର୍ବରୁ ଜୀବନରେ ସଫଳ ହେବାର ଅର୍ଥ ନିଜର ଏକ ଘର, ଗାଡ଼ି କରିବାକୁ ବୁଝାଉଥିଲା। ହେଲେ ଆଜିର ଯୁବପିଢ଼ି ଏଭଳି ଆଦୌ ଭାବୁ ନାହାନ୍ତି। ବର୍ତ୍ତମାନ ଯୁବପିଢ଼ିଙ୍କୁ କୌଣସି ଜିନିଷ କିଣିବାକୁ ପସନ୍ଦ ନୁହେଁ। ସେ ଏସବୁ ଭଡ଼ାରେ ନେଇ ବ୍ୟବହାର କରିବାକୁ ଉଚିତ ମଣୁଛନ୍ତି। ସେମାନଙ୍କର ଏଭଳି ଚିନ୍ତାଧାରାକୁ 'ରେଣ୍ଟ ଇକୋନମି' କୁହାଯାଉଛି। ଏହାର ବଡ଼ ଉଦାହରଣ ହେଉଛି ରେଣ୍ଟୋମୋଜି ନାମକ କମ୍ପାନି। ଏହି କମ୍ପାନି ଘରର ଆସବାବପତ୍ର ଏବଂ ବୈଦ୍ୟୁତିକ ଜିନିଷଗୁଡ଼ିକୁ ଭଡ଼ାରେ ଦିଏ। ତେବେ ଏବର ଯୁବପିଢ଼ି ଶୀଘ୍ର ଚାକିରି ବଦଳାଉଛନ୍ତି। ତେଣୁ ଆଜି ଗୋଟିଏ ସହରରେ ରହିଥିବା ବେଳେ କିଛି ଦିନ ପରେ ଆଉ ଏକ ସହରକୁ ସ୍ଥାନାନ୍ତରିତ ହେବାକୁ ପଡ଼ୁଛି। ଏଭଳି ସ୍ଥିତିରେ ଭାରି ଜିନିଷ କିଣିବା ଏବଂ ସେଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ନେବା କଷ୍ଟକର ହୋଇଛି। ତାହା ସହ ଏହାକୁ ସେ ଅଯଥା ଅପଚୟ ବୋଲି ଭାବୁଛନ୍ତି। ତେଣୁ ଜିନିଷ କିଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଏହାକୁ କିଛି ଦିନ ପାଇଁ ଭଡ଼ାରେ ନେବା ଭଲ ବୋଲି ସେମାନେ ଭାବୁଛନ୍ତି। ଏହାଦ୍ୱାରା ଅର୍ଥ ସଞ୍ଚୟ ହେବା ସହ ଯେତେବେଳେ ଇଚ୍ଛା ଅନ୍ୟ ସ୍ଥାନକୁ ଯିବା ସେମାନଙ୍କ ପକ୍ଷେ ସହଜ ହେଉଛି। ଯୁବପିଢ଼ିଙ୍କ ଏହି ଚିନ୍ତାଧାରା ଯୋଗୁଁ ଏଭଳି କମ୍ପାନିକୁ ଏବେ ବଡ଼ ଫାଇଦା ମିଳୁଛି। ଅବଶ୍ୟ କରୋନା ସମୟରେ ଏହି ବ୍ୟବସାୟକୁ ଅଧିକ କ୍ଷତି ସହିବାକୁ ପଡ଼ିଥିଲା। ଅନ୍ୟପଟେ ଭଡ଼ାରେ ଜିନିଷ ମିଳିବା ଦ୍ୱାରା ମଧ୍ୟବିତ୍ତ ପରିବାର ଏବଂ ଯୁବପିଢ଼ିଙ୍କୁ ଏକପ୍ରକାର ଆଶ୍ୱସ୍ତି ମିଳୁଛି। ଏହା ଦ୍ୱାରା କାହାକୁ ଅଫିସ୍ କି ଘର ସେଟ୍‌ଅପ୍ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁ ନାହିଁ। ଲୋକେ ପ୍ରତି ମାସରେ ଭଡ଼ା ଦେଇ ନିଜ ପସନ୍ଦର ମହଙ୍ଗା ଫର୍ଣ୍ଣିଚର ଏବଂ ବୈଦ୍ୟୁତିକ ଉପକରଣ ବ୍ୟବହାର କରିପାରୁଛନ୍ତି। ଏହି କାରଣରୁ ଦିନକୁ ଦିନ ବଜାରରେ ଭଡ଼ାରେ ଜିନିଷ ଦେଉଥିବା କମ୍ପାନିମାନଙ୍କର ଚାହିଦା ବଢ଼ୁଛି।

# ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ

**ଲେମ୍ବୁ ଚାଷ ଏକ ଲାଭଜନକ ବ୍ୟବସାୟ। ଏହି ଚାଷରେ ସଠିକ୍ ପଦ୍ଧତି ଆପଣାଇଲେ ଏଥିରୁ ବାର୍ଷିକ ଲାଭ ମିଳିପାରେ। ଏହାକୁ ହୃଦୟଙ୍ଗମ କରି ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ନାନାଖେଡା ମାଫି ଗାଁର ଲଖନ ଯାଦବ ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି।**



ଲଖନ ୧୦ ଏକର ଜମିରେ ପାଞ୍ଚ ଏକରରେ ବାଲାଜି କିସମ ଏବଂ ପାଞ୍ଚ ଏକରରେ କାଗିଜି ଲେମ୍ବୁ ଚାଷ କରନ୍ତି। ପ୍ରତି ଏକର ପିଛା ସେ ୧୪୦ଟି ଗଛ ଲଗାଇଛନ୍ତି। ପ୍ରତ୍ୟେକ ଗଛରୁ ୨୫ରୁ ୩୦ କିଲୋଗ୍ରାମ ଲେମ୍ବୁ ଫଳୁଛି। ଲେମ୍ବୁ ଚାଷ ପାଇଁ ଉତ୍ତମ ଜଳ ନିଷ୍କାସନ ସୁବିଧା ଥିବା ଦୋରସା ମାଟି ସର୍ବୋତ୍ତମ। ଗଛ ଲଗାଇବା ପୂର୍ବରୁ ୨ରୁ ୩ ଫୁଟ ଗାତ ଖୋଳି ଖରାରେ ଶୁଖାଇବା ପରେ ପ୍ରତ୍ୟେକ ଗାତରେ ୨ରୁ ୩ ଝୁଡ଼ି ଶୁଖିଲା ଗୋବର ଖତ କିମ୍ବା ଜିଆଖତ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଗଛ ମୂଳରେ ଜିଆଖତ ଦେବା ଭଲ। ଲଖନ କୁହନ୍ତି, ଲେମ୍ବୁ ଗଛ ଥରେ ଲଗାଇଲେ ଏହା ୨୫ରୁ ୩୦ ବର୍ଷ ଫଳ ଦିଏ। ଏଥିପାଇଁ ସେ ଗଛରେ ସଠିକ୍ ଜଳ ସେଚନ ଏବଂ ପୋକ ନିୟନ୍ତ୍ରଣ ପାଇଁ ନିମ୍ବପତ୍ରରୁ ପ୍ରସ୍ତୁତ ରସ ସ୍ପ୍ରେ କରନ୍ତି। ଏହାଦ୍ୱାରା ଚାଷ ଜମିରୁ ପ୍ରତିବର୍ଷ ୩୫ ଟନ୍ ଲେମ୍ବୁ ଉତ୍ପାଦନ ହୁଏ। କେବଳ ସେତିକି ନୁହେଁ, ଲଖନ ଲେମ୍ବୁ ଗଛ ମଧ୍ୟରେ ଅଦା, ହଳଦୀ ଏବଂ ରେଡ୍ ଲେଡି କିସମର ଅମୃତଭଣ୍ଡା ଚାଷ କରନ୍ତି। ଲେମ୍ବୁରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ସେ ଭଲ ରୋଜଗାର କରୁଛନ୍ତି।



## ସୁବର୍ଣ୍ଣା

# ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଅମଳ



ଓଡ଼ିଶାର ଜଳବାୟୁ ଟମାଟୋ ଚାଷ ପାଇଁ ଅନୁକୂଳ। ଚାଷୀମାନେ ଉନ୍ନତ ପ୍ରଣାଳୀ ଓ ସଠିକ୍ ପଦ୍ଧତି ଆପଣାଇ ଏହି ଚାଷରୁ ଲାଭ ପାଇପାରନ୍ତି। ତେବେ କମ୍ ବୃଷ୍ଟିପାତ ଯୋଗୁଁ ଫସଲରେ ନାନା ରୋଗପୋକ ଲାଗୁଥିବାରୁ ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଫଳାଇ ପାରିବେ।

ଚାରା ଲଗାଇବାକୁ ୧୫ ଇଞ୍ଚିଆ କୁଣ୍ଡ ଚୟନ କରି କୁଣ୍ଡରେ ଜଳ ନିଷ୍କାସନ ପାଇଁ ଛିଦ୍ର କରାଯାଏ। କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଛୋଟ ଛୋଟ ଇଟା ବା ଗୋଡ଼ି ରଖି ଏହା ଉପରେ ବାଲି ପକାଇ ତା'ର ଉପରପରସ୍ତରେ ମାଟି, ଜିଆଖତ, ପିଡ଼ିଆ, ସଢ଼ା ଗୋବର ଖତ ରଖି ପାରିବେ। ଚାରା ରୋପଣ ସମୟରେ ଏକ ଚାମଚ ଜୈବିକ ଫସ୍‌ଫେଟ୍ ଚେର ଚାରିପଟେ ଦେଇ ଲଗାଇବା ଦରକାର। ଗଛକୁ ସାହାରା ଦେବା ପାଇଁ ବାଉଁଶ ଭାର, କାଠ ଭାର ରସିରେ ବାନ୍ଧି ପାରିବେ। କୁଣ୍ଡରେ ମାଟିର ଆର୍ଦ୍ରତାକୁ ନିରୀକ୍ଷଣ କରି ଜଳ ସେଚନ କରିବା ଭଲ। ସପ୍ତାହରେ ଥରେ ନିମ୍ବ ତେଲ ସିଞ୍ଚି ପାରିବେ। ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। କୀଟ ନିୟନ୍ତ୍ରଣ ପାଇଁ ହଳଦିଆ ଅଠାଳିଆ ଯନ୍ତା ବସାଇପାରିବେ।

# ଖରୁଡ଼ି ତଳିଘରା ପ୍ରସ୍ତୁତି

ଆମ ଦେଶରେ ବର୍ଷାଦିନେ ଖରିଫଧାନ ଓ ଖରାଦିନେ ରବି ଧାନ ଚାଷ କରାଯାଇଥାଏ। ବର୍ଷାଦିନେ ଧାନ ଚାଷରେ ଜମିର କିସମ ଦେଖି, ବିହନ ଚୟନ କରାଯାଏ। ଏହାପରେ ଖରୁଡ଼ି ବା ଶୁଖିଲା ତଳିଘରା ପ୍ରସ୍ତୁତ କରାଯାଏ। ଶୁଖିଲା ତଳିଘରାରୁ ପ୍ରସ୍ତୁତି ତଳିର ପୋକରୋଗ ସହଣୀ ଶକ୍ତି ବୃଦ୍ଧି ପାଇଥାଏ।

ଏକ ହେକ୍ଟର ପାଇଁ ୧୦୦୦ ବର୍ଗ ମିଟର ବା ୨୫ ଡେସିମିଲ ତଳିଘରା ଆବଶ୍ୟକ ହୁଏ। ଉର୍ବର ମାଟିଥିବା ଢିପ ବା ମଧ୍ୟମ ଜମିକୁ ୩ରୁ ୪ ଓଡ଼ ଚାଷ କରି ଘାସ ବାଛି ଦିଆଯାଏ। ଏଥିରେ ୨-୩ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରାଯାଏ। ଖତକୁ ଭଲ ଭାବେ ଚାଷ କରି ମାଟିରେ ମିଶାଇବା ପରେ ଏକ ମିଟର ଚଉଡ଼ା ଏବଂ ୧୫ ସେମି ଉଚ୍ଚତା ବିଶିଷ୍ଟ ତଳି ପଟାଳି କରି ଦୁଇ ପଟାଳି ମଧ୍ୟରେ ୩୦ ସେମି ଓସାର ଓ ୧୫ ସେମି ଗଭୀର ନାଳୀ ରଖାଯାଏ। ଧାନ ବୁଣିବା ପୂର୍ବରୁ ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରି ୪୦-୬୦ ଗ୍ରାମ୍ ବିହନକୁ ତଳିପଟାଳିରେ ୫ ସେମି ବ୍ୟବଧାନରେ ୩ ସେମି ଗଭୀରରେ ବୁଣି ମାଟିସ୍ତର ଘୋଡ଼ାଇ ଦିଆଯାଏ। ୧୫ ଦିନ ବେଳକୁ ଘାସ ବାଛି ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ ସାର ପ୍ରୟୋଗ କଲେ ତଳି ସୁସ୍ଥ ସବଳ ହୋଇ ବଢ଼େ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖରିଫ ମକା/ ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରିଦିଅନ୍ତୁ।
- ଏକ ଏକର ମକା ଚାଷ ପାଇଁ ୬ରୁ ୭ କିଲୋଗ୍ରାମ ବିହନ ଦରକାର ପଡ଼ିଥାଏ।
- ବର୍ଷା ଛାଡ଼ିଗଲା ପରେ କଖାରୁଜାତୀୟ ପନିପରିବାରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରୋକସାଇଡ୍ ମିଶାଇ ସିଞ୍ଚନ କରନ୍ତୁ।
- ପଶୁମାନଙ୍କର ଟିକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରନ୍ତୁ।



# ବର୍ଷାଦିନିଆ ଭେଣ୍ଡି କିସମ

ବର୍ତ୍ତମାନ ବର୍ଷାଦିନିଆ ପନିପରିବା ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାବେଳେ ଅଧିକାଂଶ ସଙ୍କର କିସମ ଭେଣ୍ଡିଚାଷ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି। ବର୍ଷାଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୧.୫ କିଲୋଗ୍ରାମ ସଙ୍କର ବିହନ ଆବଶ୍ୟକ ହୁଏ। ସଙ୍କର କିମସ ମଧ୍ୟରେ ଆଭା ୧୦୦ ଗ୍ରାମ୍‌କୁ ୫୦୦ ଟଙ୍କା, ଦିୱା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଅନୁଶ୍ରୀ ୧୦୦ ଗ୍ରାମକୁ ୭୦୦ ଟଙ୍କା, ରାଧିକା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଜୀବନ ୧୦୦ ଗ୍ରାମ୍‌କୁ ୬୦୦ ଟଙ୍କା, ଭିଏନ୍‌ଆର ୯୯୯- ୧୦୦ ଗ୍ରାମକୁ ୩୫୦ ଟଙ୍କା ମୂଲ୍ୟ ରହିଛି। ଏହି କିସମ ଭେଣ୍ଡି ଚାଷ କରିବା ଦ୍ୱାରା ୬୦ରୁ ୬୫ ଦିନରେ ପ୍ରଥମ ଫଳ ଅମଳ ମିଳିଥାଏ।

# ପରିବର୍ତ୍ତିତ ଋତୁରେ ପ୍ରାଣୀଙ୍କ ଯତ୍ନ

ହଠାତ୍ ପ୍ରବଳ ଖରା, ରୌଦ୍ରତାପ ଓ ଗୁଳୁଗୁଳି ସହିତ ବର୍ଷାଋତୁ ପରିବର୍ତ୍ତନ। ଏହାଦ୍ୱାରା ହଠାତ୍ ଗୃହପାଳିତ ପ୍ରାଣୀ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ନପାରି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ଚାଷୀଭାଇ ଧ୍ୟାନ ଦେବା ଉଚିତ।

ବର୍ତ୍ତମାନ ପ୍ରାଣୀମାନଙ୍କୁ ବାହାର ପାଣି ପିଇବାକୁ ଦେବା ତଥା ବାହାରକୁ ଚରିବାକୁ ଛାଡ଼ିବା ଅନୁଚିତ। ଗୁହାଳେ ରଖି ଖାଇବାକୁ ଦେଇ ପାରିବେ। ଏହି ଦିନେ ମଶା ଓ ମାଛି ବଂଶ ବୃଦ୍ଧି ନ ହେବା ପାଇଁ ଗୁହାଳକୁ ଶୁଖିଲା ଓ ସଫା ରଖିବା ଜରୁରି। ପ୍ରାଣୀଙ୍କୁ ଅନ୍ୟ ରୋଗାକ୍ରାନ୍ତ ପ୍ରାଣୀଙ୍କ ସହ ମିଶିବାକୁ ଦେବା ଅନୁଚିତ। ସମସ୍ତ ପ୍ରାଣୀଙ୍କର ଟିକାକରଣ ପ୍ରକ୍ରିୟା ସାରିଦେବା ଉଚିତ।

ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍ ଓ ମିନେରାଲ ସହିତ ସତେଜ ଚାରା ଖାଇବାକୁ ଦେଇ ପାରିବେ। ସେମାନଙ୍କୁ କୃମିନାଶକ ଔଷଧ ଦିଆଯିବା ଆବଶ୍ୟକ। ଏହି ସମୟରେ ପ୍ରାଣୀଙ୍କର ହଠାତ୍ ଖାଇବା କିମ୍ବା ପିଇବାରେ ପରିବର୍ତ୍ତନ କରିବା ଅନୁଚିତ। ଖରାରୁ ଚରି ଆସିବା ପରେ ପାଣି ପିଇବାକୁ ଦିଅନ୍ତୁନି। ଏହି ସମୟରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ନିୟମିତ ପାଣିରେ ଲୁଣ କିମ୍ବା ଇଲେକ୍ଟ୍ରୋଲାଇଟ୍ ମିଶାଇ ପିଇବାକୁ ଦେଇ ପାରିବେ। ପ୍ରାଣୀଙ୍କ ଗତିବିଧିକୁ ନିୟମିତ ଲକ୍ଷ୍ୟ ରଖି କିଛି ପରିବର୍ତ୍ତନ ଘଟିଲେ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବା ଆବଶ୍ୟକ।






# ପ୍ରି-କ୍ୱାର୍ଟର ଫାଇନାଲରେ କାନାଡା



ଷ୍ଟିଫେନ ୟୁଷ୍ଟାକିଓ


ଲସ୍ ଆଞ୍ଜେଲେସ୍, ୨୯ ।୬ (ଏଜେନ୍ସି)

ଯୁଗ୍ମ ଆୟୋଜକ କାନାଡା ପ୍ରଥମ ଦଳ ଭବେ ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ ବା ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଛି । ରବିବାର ଆରମ୍ଭ ହୋଇଥିବା ରାଉଣ୍ଡ ଅଫ୍ ୩୨ର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ପରାସ୍ତ କରି କାନାଡାକୁ ପ୍ରଥମଥର ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ସ୍ଥାନ ମିଳିଛି । ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଖେଳର ଶେଷ ସମୟ ବା ଇଞ୍ଜୁରୀ ଟାଇମ୍‌ରେ ଷ୍ଟିଫେନ ୟୁଷ୍ଟାକିଓ ସ୍କୋର କରିଥିଲେ । କାନାଡା ତୃତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛି । ଏହି ପରାଜୟ ସହ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ରୁ ବିଦାୟ ନେଇଛି । ହଷ୍ଟନରେ ଜୁଲାଇ ୪ ତାରିଖରେ ଖେଳାଯିବାକୁ ଥିବା ନେଦରଲ୍ୟାଣ୍ଡସ ବନାମ ମରୋକ୍କୋ ମ୍ୟାଚ୍‌ର ବିଜେତା ସହ ପ୍ରି-କ୍ୱାର୍ଟରରେ କାନାଡା ମୁକାବିଲା କରିବ ।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କାନାଡା ପ୍ରାଧାନ୍ୟ ବିସ୍ତାର କରିଥିଲା । କାନାଡ଼ାକୁ ଏକାଧିକ ସୁଯୋଗ ମିଳିଥିଲା । କାନାଡା ଷ୍ଟ୍ରାଇକରଙ୍କ ତ୍ରୁଟି ଏବଂ ଦକ୍ଷିଣ ଆଫ୍ରିକା ଦଳର ଗୋଲ୍ ରୋକିବାର ଜିଦ୍ ଯୋଗୁଁ ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା । ୬ ମିନିଟରେ ଦକ୍ଷିଣ ଆଫ୍ରିକାର ଟେବୋହୋ ମୋକୋଏନା ୨୦ ଗଜ ଦୂରରୁ ସଟ୍ ମାରିଥିଲେ ହେଁ ଏହାକୁ କାନାଡା ଗୋଲ୍‌ରକ୍ଷକ ମ୍ୟାକ୍ସିମ୍ କ୍ରିପ୍ୟୁ ଧରି ନେଇଥିଲେ । ୨୧ ମିନିଟରେ



କାନାଡା ଏକ ସହଜ ଗୋଲ୍‌ଦେବା ସୁଯୋଗ ଛାଡ଼ିଥିଲା । କର୍ଣ୍ଣର କିକ୍‌ରୁ ଡେରିକ୍ କର୍ନେଲିଅସ୍ ଗୋଲ୍‌ପୋଷ୍ଟ ସମ୍ମୁଖରେ ବଲ୍ ପାଇଥିଲେ ହେଁ ତାଙ୍କ ଦୁର୍ବଳ ସଟ୍ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ପାରିନଥିଲା । କାନାଡା ଅଧିକାଂଶ ସମୟ ବଲ୍ ତା' ପାଖରେ ରଖିଥିଲା । ୪୧ ମିନିଟରେ ଦକ୍ଷିଣ ଆଫ୍ରିକା ଗୋଲ୍ ବରଣ କରିବାରୁ ବର୍ତ୍ତି ଯାଇଥିଲା । ଷ୍ଟିଫେନ୍ ଇଷ୍ଟାକିଓଙ୍କ ଫ୍ରିକିକ୍‌କୁ ଦକ୍ଷିଣ ଆଫ୍ରିକା କ୍ରିପ୍ୟୁ ବାହାର କରି ଦେଇଥିଲେ । ୪୪ ମିନିଟ୍‌ରେ କାନାଡାର ମୋଇଜେ ବୋମ୍ବିଟୋଙ୍କ ସଟ୍‌କୁ ଗୋଲ୍ ଲାଇନ୍‌ରେ ରୋକି ଦେଇଥିଲେ ଔବ୍ରି ମୋଡିବା । ପରେ ଟାଜନ ବ୍ୟୁକାନାନ୍‌ଙ୍କ ସଟ୍ ଗୋଲ୍‌ରକ୍ଷକଙ୍କ ଛାତିରେ ବାଜିଥିଲା । ଇଞ୍ଜ୍ୟୁରୀ ସମୟରେ କାନାଡାର ରିଚି ଲାରିୟାଙ୍କୁ ବକ୍ସ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଖେଳାଳି ଫାଉଲ୍ ମାରିଥିଲେ ହେଁ ରେଫରୀ ପେନାଲ୍‌ଟି ଦେଇନଥିଲେ । ଦ୍ୱିତୀୟାର୍ଦ୍ଧରେ ମଧ୍ୟ କାନାଡାର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । କେବଳ ଗୋଲ୍‌ରକ୍ଷକ ୱିଲିୟମ୍‌ସଙ୍କୁ ପରାସ୍ତ କରିବାର ଥିଲେ ହେଁ କାନାଡାର ଜୋନାଥନ୍ ଡେଭିଡ୍ ମାରିଥିବା ଦୁର୍ବଳ ସଟ୍‌କୁ ୱିଲିୟମ୍‌ସ ରୋକି ଦେଇଥିଲେ । ମ୍ୟାଚ୍ ଅତିରିକ୍ତ ସମୟ ଆଡ଼କୁ ଯାଉଥିବା ବେଳେ ୯୨ ମିନିଟରେ କାନାଡା ଗୋଲ୍ ଦେଇଥିଲା । ସାଫେଲ୍‌ବର୍ଗଙ୍କ ପାସ୍‌କୁ ଛାତିରେ ନିୟନ୍ତ୍ରଣରେ ରଖି ଷ୍ଟିଫେନ୍ ୟୁଷ୍ଟାକିଓ ଗୋଲ୍ ସ୍କୋର୍ କରିଥିଲେ । ଆସନ୍ତା ୪ରେ ନେଦରଲାଣ୍ଡସ-ମରକ୍କୋ ମ୍ୟାଚ୍‌ର ବିଜେତା ବିପକ୍ଷରେ କାନାଡା ପ୍ରିକ୍ୱାର୍ଟରଫାଇନାଲ ଖେଳିବ ।



**ଫିଫା ବିଶ୍ୱକପ୍**
**ରାଉଣ୍ଡ ଅଫ୍ ୩୨ ମୁକାବିଲା**

**ମଙ୍ଗଳବାର ରାତି**
ନରୱେ-ଆଇଭରୀ କୋଷ୍ଟ
ଡଲାସ, ରାତି ୧୦.୩୦
ଫ୍ରାନ୍ସ-ସ୍ୱିଡେନ୍
ନ୍ୟୁ ଜର୍ସୀ, ରାତି ୨.୩୦

**ବୁଧବାର ସକାଳ**
ମେକ୍ସିକୋ- ଇକ୍ୱେଡର
ମେକ୍ସିକୋ ସିଟି, ୬.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ଦକ୍ଷିଣ କୋରିଆ କୋଚ୍‌ଙ୍କ ଇସ୍ତଫା



ସିଓଲ,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଦକ୍ଷିଣ କୋରିଆର ହେଡ୍ କୋଚ୍ ହଙ୍ଗ ମ୍ୟୁଙ୍ଗ୍‌ବୋ ଇସ୍ତଫା ଦେଇଛନ୍ତି । ଗ୍ରୁପ୍ ପର୍ଯ୍ୟାୟରେ ଚେକିଆକୁ ୨-୧ ଗୋଲରେ ପରାସ୍ତ କରି ଦକ୍ଷିଣ କୋରିଆ ଅଭିଯାନ ଆରମ୍ଭ କରିଥିଲା । କିନ୍ତୁ ପରେ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହେବା ପରେ ୩ ପଏଣ୍ଟ ପାଇଥିବାରୁ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାୟୀ ଥିଲା । କିନ୍ତୁ ଏହା ସମ୍ଭବ ନ ହେବାରୁ ଏସିଆ ମହାଦେଶର ଏହି ଦମ୍‌ଦାର ଦଳ ଗ୍ରୁପ୍ ପର୍ଯାୟରୁ ବିଦାୟ ନେଇଛି । ଏହା ଫଳରେ ହେଡ୍ କୋଚ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।

## ପଦ ଛାଡ଼ିଲେ ସାଉଦି ସଭାପତି

ରିୟାଦ୍,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ସାଉଦି ଆରବ ଫୁଟବଲ ମହାସଂଘର ସଭାପତି ୟାସୀର ଅଲ-ମିସେହାଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସୂଚନାଯୋଗ୍ୟ ଗ୍ରୁପ୍-ଏଚ୍‌ରେ ଦଳ ସ୍ପେନ୍‌ଠାରୁ ପରାଜିତ ହେବା ପରେ ଉରୁଗୁଏ ଓ କେପ୍ ଭର୍ଡ ସହ ମ୍ୟାଚ୍ ଡ୍ର ରଖି ୨ ପଏଣ୍ଟ ପାଇଥିଲା । ଫଳରେ ୪ଟି ଦଳୀୟ ଗ୍ରୁପ୍‌ରେ ସାଉଦି ଆରବ ଶେଷସ୍ଥାନରେ ରହିଥିଲା । ସାଉଦି ଆରବ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ନ ପାରିବା ଫଳରେ ଆମେ ଆମ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛୁ । ଦଳର ଏଭଳି ପ୍ରଦର୍ଶନ ଲାଗି ମୁଁ ନିଜକୁ ଦାୟୀ କରି ମୋ ପଦରୁ ଇସ୍ତଫା ଦେଉଛି ବୋଲି ଅଲ-ମିସେହାଲ କହିଛନ୍ତି ।

## କେପ୍ ଭର୍ଡ ଅଧିନାୟକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ଡଲାସ୍,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ କେପ୍ ଭର୍ଡର ଐତିହାସିକ ସଫଳତା ମଳିନ ପଡ଼ିଯାଇଛି । ଏହାର କାରଣ ହେଲା, ଦଳର ଅଧିନାୟକ ରିୟାନ ମେଣ୍ଡିସ୍‌ଙ୍କ ବିରୋଧରେ ନ୍ୟୁଜିଲାଣ୍ଡ ପୁଲିସ୍ ଚଳାଇଥିବା ଦୁଷ୍କର୍ମ ଅଭିଯୋଗର ତଦନ୍ତ । ମେଣ୍ଡିସଙ୍କ ବିରୋଧରେ ଜଣେ ବ୍ରାଜିଲୀୟ ମହିଳା ଅଭିଯୋଗ କରିବା ପରେ ଏହି ତଦନ୍ତ କରାଯାଉଛି । ନ୍ୟୁଜିଲାଣ୍ଡ ପୁଲିସ୍ ସର୍ବସାଧାରଣରେ କୌଣସି ଖେଳାଳିଙ୍କ ନାମ ନେଇ ନାହାନ୍ତି କିମ୍ବା ମିଡିଆକୁ କିଛି ସୂଚନା ଦେଇ ନାହାନ୍ତି । ତଥାପି ମହିଳାଙ୍କ ଉକ୍ତିକୁ ଉଦ୍ଧାର କରି ଖେଳାଳି ଜଣଙ୍କ କେପ୍ ଭର୍ଡର ଅଧିନାୟକ ବୋଲି ସ୍ପଷ୍ଟ ହୋଇଛି । ଅଭିଯୋଗ ଅନୁଯାୟୀ ନ୍ୟୁଜିଲାଣ୍ଡକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ସିରିଜ୍ ଖେଳିବାକୁ ଯାଇଥିଲାବେଳେ ଜଣେ ବ୍ରାଜିଲୀୟ ଇଣ୍ଟରପ୍ରିଟରଙ୍କ ରଖାଯାଇଥିଲା । ଦିନେ ଦଳର ଗେଟ୍ ଟୁ ଗେଦର ବେଳେ ସମ୍ପୃକ୍ତ ମହିଳା ଜଣଙ୍କ ହୋଟେଲରେ ରହିଥିଲେ । ତାଙ୍କୁ ଏକୁଟିଆ ଦେଖି କେପ୍ ଭର୍ଡ ଅଧିନାୟକ ରୁମ୍‌କୁ ଆସି ମାରଧର କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ସମ୍ପୃକ୍ତ ମହିଳା ଜଣଙ୍କ କରିଛନ୍ତି । ଦୁଷ୍କର୍ମକୁ ସମର୍ଥନ କରି ପ୍ରମାଣପତ୍ର ମଧ୍ୟ ସେ ପୁଲିସ୍‌କୁ ଯୋଗାଇଦେଇଛନ୍ତି ।

ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ପୁଲିସ୍ କେପ୍ ଭର୍ଡର ଗ୍ରୁପ୍ ମ୍ୟାଚ୍ ବେଳେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନାହାନ୍ତି । ଦଳ ଐତିହାସିକ ସଫଳତା ପାଇ ପ୍ରଥମ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହୋଇଛି । ଦଳ ଆର୍ଜେଣ୍ଟିନା ସହ ଖେଳିବ । ପୁଲିସ୍ ତଦନ୍ତ କରୁଥିବାରୁ ଫିଫା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ । କିନ୍ତୁ ଏଭଳି ଘଟଣାରେ ଆମେ ସର୍ବଦା ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସମର୍ଥନ ଦେଇଆସୁଛୁ । ବର୍ତ୍ତମାନ ଏହା ଯେଉଁ ସ୍ଥିତିରେ ରହିଛି ସେଥିରେ କିଛି ପ୍ରତିକ୍ରିୟା ଦେବାରୁ ଫିଫା ବିରତ ରହିଛି ।

## ଭାରତର ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଅଲିମ୍ପିକ୍‌ସ ଯୋଗ୍ୟତା

ନୂଆଦିଲ୍ଲୀ,୨୯ ।୬(ଏଜେନ୍ସି: ଭାରତର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଆମେରିକାରେ ହେବାକୁ ଥିବା ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଭୟ ବିଭାଗରେ ୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ । ଏଥିଲାଗି ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘର କାର୍ଯ୍ୟନିର୍ବାହୀ କମିଟି ଅଂଶଗ୍ରହଣକାରୀ ଟିମ୍ ଲାଗି ଯୋଗ୍ୟତାର ମାପଦଣ୍ଡ ସ୍ଥିର କରିବା ପରେ ଭାରତର ଉଭୟ ଦଳ ଯୋଗ୍ୟତା ହାସଲ କରିବା ସ୍ପଷ୍ଟ ହୋଇଛି । ୨୦୨୬ ଡିସେମ୍ବର ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ମହାଦେଶର ଶ୍ରେଷ୍ଠ ଆଇସିସି ମାନ୍ୟତାପ୍ରାପ୍ତ ଗୋଟିଏ ଲେଖାଏଁ ଦଳ ଗୁଡିକ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ମାପଦଣ୍ଡ ସ୍ଥିର କରାଯାଇଛି । ଏହି ମାପଦଣ୍ଡକୁ ଦେଖିଲେ, ପୁରୁଷ ବିଭାଗରେ ଏସିଆ ମହାଦେଶର ଭାରତ ସହ ୟୁରୋପ ମହାଦେଶର ବ୍ରିଟେନ୍, ଆଫ୍ରିକା ମହାଦେଶର ଦକ୍ଷିଣ ଆଫ୍ରିକା ଓ ଉତ୍ତର ଆମେରିକା ତଥା ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି । ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମାନ୍ୟତା ମଧ୍ୟରେ କମ୍ ବ୍ୟବଧାନ ରହିଥିବାରୁ ଓସେନିଆକୁ ଗୋଟିଏ ଦଳ ପରେ ସ୍ଥିର ହେବ । ଷଷ୍ଠ ଦଳ ଭାବେ ଯୋଗ୍ୟତା ଅର୍ଜନ କରିସାରିଥିବା ଦଳ ଗୁଡିକୁ ବାଦ୍ ଦେଇ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ଏକ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ହେବ । ଏଥିରେ ଚାମ୍ପିଅନ ହୋଇଥିବା ଦଳ ଷଷ୍ଠ ଟିମ୍ ଭାବେ ୨୦୨୮ ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । ୱେଷ୍ଟଇଣ୍ଡିଜ୍ ଗୋଟିଏ ଦେଶ ହୋଇ ନ ଥିବାରୁ ଏହି ଜୋନ୍‌ର ୬ଟି ଦେଶ ମଧ୍ୟରେ ପ୍ରତିଯୋଗିତା ହେବ ଓ ବିଜେତା ଦଳ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ । ଇଂଲଣ୍ଡର ମାନ୍ୟତା ଅନୁଯାୟୀ ଗ୍ରେଟବିଟେନ କ୍ୱାଲିଫାଇ କରିଛି ।

ମହିଳା ଦଳରେ ମଧ୍ୟ ୬ଟି ଟିମ୍ ଅଂଶଗ୍ରହଣ କରିବେ । ଏହା ମଧ୍ୟରୁ ଆଇଓସି ନିୟମ ଅନୁଯାୟୀ ଭାରତ, ଅଷ୍ଟ୍ରେଲିଆ, ବ୍ରିଟେନ ଓ ଦକ୍ଷିଣ ଆଫ୍ରିକା ନିଜ ନିଜ ମହାଦେଶର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି । ଆଇସିସି ମାନ୍ୟତାର ଶ୍ରେଷ୍ଠ ୧୫ଟି ଦଳ ମଧ୍ୟରେ ଆମେରିକା ମହାଦେଶର କୌଣସି ଟିମ୍ ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି । ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ପରେ ଏହି ମହାଦେଶରୁ ଯେଉଁ ଟିମ୍‌ର ମାନ୍ୟତା ଅଧିକ ହେବ, ସେହି ଦଳ ୫ମ ଟିମ୍ ଭାବେ ଯୋଗ୍ୟତା ଅର୍ଜନ କରିବ । ଆଇସିସି ନିୟମ ଅନୁଯାୟୀ ଶ୍ରେଷ୍ଠ ୮ଟି ଦଳକୁ ନେଇ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ଷଷ୍ଠ ଦଳ ଚୟନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜ୍‌ର ବିଜେତା ଦଳ ମଧ୍ୟ ପୁରୁଷଙ୍କ ଭଳି ଅଂଶଗ୍ରହଣ କରିବ ।

### ୱିମ୍ବଲଡନର ପ୍ରଥମ ଦିବସରେ ବିପର୍ଯ୍ୟୟ

## ବିଦାୟ ନେଲେ ରୁଡ୍, ରୁବ୍‌ଲେଭ୍




ଲଣ୍ଡନ, ୨୯ ।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ସୋମବାରଠାରୁ ଆରମ୍ଭ ହୋଇଛି । ଅଲ୍ ଇଂଲଣ୍ଡ ଟେନିସ କ୍ଲବରେ ଅନୁଷ୍ଠିତ ପ୍ରଥମ ଦିବସ ଖେଳରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୧ ଓ ୧୨ ନମ୍ବର ମାନ୍ୟତା ଯଥାକ୍ରମେ କାସ୍ପର ରୁଡ୍ ଓ ଆନ୍ଦ୍ରେ ରବ୍ଲେଭ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି । ନରୱେର କାସ୍ପର ରୁଡ୍ ୪-୬, ୨-୬, ୬-୭ (୭/୯) ସିଧାସଳଖ ଗେମରେ ଅଣସିଡେଡ୍ ପୋଲାଣ୍ଡ ଖେଳାଳି ହର୍ବତ ହୁରକାଜଙ୍କ ନିକଟରୁ ପରାସ୍ତ ହୋଇଛନ୍ତି । ସେହିଭଳି ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୁଷୀୟ ତାରକା ରୁବଲେଭ ୪-୬, ୭-୬ (୮/୬), ୬-୩, ୩-୬, ୬-୭ (୧୨/୧୪) ସେଟରେ ନିଜ ଦେଶର ରୋମାନ ସିଫୁଲିନଙ୍କ ନିକଟରୁ ହାରିଯାଇଛନ୍ତି । ଫଳରେ ପ୍ରଥମ ଦିବସରେ ଦୁଇ ଟପ୍ ସିଡ୍ ଖେଳାଳି ହାରିବା ୱିମ୍ବଲଡନର ପ୍ରଥମ ଦିବସରେ ରୋମାଞ୍ଚ ଭରି ଦେଇଛି । ପୁରୁଷ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଆମେରିକାର ଟମି ପଲ୍, ବ୍ରିଟେନର କାମେରନ ନୋରିସ, ଆମେରିକାର ଲର୍ନର ତିଏନ ପ୍ରମୁଖ ସିଡେଡ୍ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଆଗେଇଛନ୍ତି । ଅପରପକ୍ଷରେ ମହିଳା ବିଭାଗରେ ୪ର୍ଥ ସିଡ୍ ଜେସିକା ପେଗୁଲା, ୧୧ତମ ସିଡ୍ ବେଲିଣ୍ଡା ବେନସିକ, ୧୬ମ ସିଡ୍ ଇଭା ଜୋଭିକ, ଲାତ୍ଭିଆର ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ଏଥର ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୯୮ କୋଟି ୮୧ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି । ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୪୪.୭୯ କୋଟି ଟଙ୍କା ପୁରସ୍କାର ମିଳିବ ।

## ଷ୍ଟୋକ୍‌ସଙ୍କ ବିଦାୟୀ ଟେଷ୍ଟରେ ଇଂଲଣ୍ଡ ପରାସ୍ତ

ନଟିଂହାମ୍, ୨୯ ।୬ (ଏଜେନ୍ସି): ଏଠାରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭ୍ରମଣକାରୀ ଇଂଲଣ୍ଡ ୨-୧ ବ୍ୟବଧାନରେ ଜିତିନେଇଛି । ଏହା ଫଳରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିଦାୟୀ ମ୍ୟାଚ୍‌ରେ ଇଂଲଣ୍ଡ ପରାଜିତ ହୋଇଛି । ଏହି ମ୍ୟାଚରେ ବିଜୟୀ ନ୍ୟୁଜିଲାଣ୍ଡର ଡ୍ୟାରିଲ ମିଚେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ , ନାଥାନ୍ ସ୍ମିଥ୍ ଓ ପରାଜିତ ଇଂଲଣ୍ଡର ଜୋଫ୍ରା ଆର୍ଚର ଯୁଗ୍ମ ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି । ଏହି ବିଜୟ ଫଳରେ ନ୍ୟୁଜିଲାଣ୍ଡ ୧୮ ମାସରେ ୨ୟ ଥର ବିଦେଶରେ ଶକ୍ତିଶାଳୀ ଦଳ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିପାରିଛି । ଏହି ଟେଷ୍ଟର ସୋମବାର ୫ମ ତଥା ଶେଷ ଦିନରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ୧୬୦ ରନ୍‌ରେ ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ପରାସ୍ତ କରିଥିଲା । ୨ୟ ଇନିଂସରେ ୩୭୩ ରନ୍‌ର ପିଛା କରିଥିବା ଇଂଲଣ୍ଡ ମାତ୍ର ୨୧୨ ରନ୍‌କରି ଅଲ୍‌ଆଉଟ୍ ହୋଇଥିଲା । ପ୍ରଥମ ଇନିଂସରେ ୮୪ ରନ୍ ଆଗରେ ଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୯୪ ଏବଂ ଡ୍ୟାରିଲ ମିଚେଲ ୧୦୦ ରନ୍‌କରି ଅପରାଜିତ ଥିଲେ । ଜୋଫ୍ରା ଆର୍ଚର ୪ଟି ୱିକେଟ୍ ନେଇଥିଲେ । ପରେ ଘରୋଇ ଇଂଲଣ୍ଡକୁ ୨ୟ ଇନିଂସରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା ।

## ୟୁଏସ୍ ଓପନ୍‌ରେ ଶ୍ରୀକାନ୍ତ ରନର୍ସଅପ୍



କାଲିଫର୍ଣ୍ଣିଆ, ୨୯ ।୬ (ଏଜେନ୍ସି): ଦୀର୍ଘ ୯ ବର୍ଷ ପରେ ପ୍ରଥମ ବିଡବ୍ଲ୍ୟୁଏଫ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ଅଭିଜ୍ଞ ଭାରତୀୟ ବ୍ୟାଡ଼ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁପଡ଼ିଛି । ଏଠାରେ ସୋମବାର ଅନୁଷ୍ଠିତ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଶ୍ରୀକାନ୍ତ ୧୫-୨୧, ୨୧-୧୬, ୯-୨୧ ଗେମରେ ଚାଇନିଜ ତାଇପେଇ'ର ସୁ ଲି-ୟାଙ୍ଗ'ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଛନ୍ତି । ୩୩ ବର୍ଷୀୟ ଶ୍ରୀକାନ୍ତ ଶେଷଥର ଲାଗି ୨୦୧୭ରେ ଫ୍ରେଞ୍ଚ ଓପନ୍ ବ୍ୟାଡ଼ମିଣ୍ଟନ ଜିତିଥିଲେ । ଯାହାକି ତାଙ୍କର ଶେଷ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ଥିଲା ।

## ଯଶପାଲ୍‌ଙ୍କ ପରେ ଆଖି ବୁଜିଲେ ମାଆ

ଡେରାଡୁନ, ୨୯ ।୬ (ଏଜେନ୍ସି): ମହାନ ସୁଟର ଯଶପାଲ ରାଣାଙ୍କ ମୃତ୍ୟୁର ୧୪ ଦିନ ପରେ ତାଙ୍କ ମାଆ ଶ୍ୟାମା ଦେବୀ ଆଖି ବୁଜିଛନ୍ତି । ଦୀର୍ଘଦିନ ଧରି ସ୍ୱାସ୍ଥ୍ୟଗତ ଜଟିଳତା ଲାଗି ଶ୍ୟାମା ଦେବୀ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ । ଗତକାଲି ରାତିରେ କିନ୍ତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପ୍ରକାଶଯୋଗ୍ୟ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଯଶପାଲ ଜୁନ ୧୨ରେ ହୃଦଘାତରେ ପ୍ରାଣ ହରାଇଥିଲେ । ୪୯ ବର୍ଷୀୟ ଯଶପାଲ୍ ଭାରତୀୟ ସୁଟିଂ ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଉଥିଲେ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଐତିହାସିକ ବିଜୟ ପରେ ଆୟର୍ଲାଣ୍ଡ କୋଚ୍ ପଦ ଛାଡ଼ିଲେ ମଲାନ

ବେଲ୍‌ଫାଷ୍ଟ, ୨୯ ।୬ (ଏଜେନ୍ସି): ଦୁଇଥରର ଡିଫେଣ୍ଡିଂ ବିଶ୍ୱ ବିଜେତା ଭାରତ ବିପକ୍ଷରେ ଐତିହାସିକ ଟି-୨୦ ସିରିଜ ଜିତିବା ପରେ ହେନରିଚ ମଲାନ ଆୟର୍ଲାଣ୍ଡ କୋଚ୍ ପଦ ଛାଡ଼ିଛନ୍ତି । ଗତକାଲି ୨-୦ରେ ସିରିଜ କ୍ଲିନସୁଇପ କରିବା ପରେ ୪୫ ବର୍ଷୀୟ ମଲାନ ଏହି ଖବର ଆୟର୍ଲାଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଓ ଖେଳାଳିଙ୍କୁ ଜଣାଇଥିଲେ । ଦକ୍ଷିଣ ଆଫ୍ରିକାର ମଲାନ ଦୀର୍ଘ ୪ ବର୍ଷ ଧରି ଆୟର୍ଲାଣ୍ଡ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଥିଲେ । ୨୦୨୭ ଶେଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଅବଧି ରହିଥିଲା । କିନ୍ତୁ ଏହାର ଢେର ପୂର୍ବରୁ ସେ ପଦ ଛାଡ଼ିଛନ୍ତି । ମଲାନଙ୍କ ସ୍ଥାନରେ ଏବେ ଗ୍ୟାରୀ ୱିଲସନଙ୍କୁ ଆୟର୍ଲାଣ୍ଡ ଦଳର ନୂତନ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି । ୪୦ ବର୍ଷୀୟ ୱିଲସନ ଆୟର୍ଲାଣ୍ଡ ପାଇଁ ୨୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଅବସର ନେବା ପରେ ୱିଲସନ ୨୦୨୨ରୁ ଆୟର୍ଲାଣ୍ଡ ଦଳର ସହକାରୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଉଲ୍ଲେଖଯୋଗ୍ୟ, ମଲାନଙ୍କ ପ୍ରଶିକ୍ଷଣ ସମୟରେ ଆୟର୍ଲାଣ୍ଡ ୩ଥର ଟି-୨୦ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଥିଲା । ସେହିଭଳି ଟି-୨୦ ବିଶ୍ୱକପରେ ଇଂଲଣ୍ଡକୁ ହରାଇବା, ଟେଷ୍ଟ ଇତିହାସର ସର୍ବପ୍ରଥମ ବିଜୟ (ବନାମ ଆଫଗାନିସ୍ତାନ), ଭାରତ ବିପକ୍ଷରେ ସିରିଜ ବିଜୟ ଏବଂ ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି-୨୦ ବିଜୟ ଆଦି ସ୍ମରଣୀୟ ସଫଳତା ରହିଥିଲା ।

## ଓଡ଼ିଆ ଟିଟି ଖେଳାଳି ସାର୍ଥକ ଏକମାତ୍ର ଭାରତୀୟ

ଭୁବନେଶ୍ୱର, ୨୯ ।୬ (ସମିସ)

ସେନେଗାଲ୍‌ର ଡାକାରରେ ଚଳିତବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଯୁବ ଅଲିମ୍ପିକ୍‌ସ କ୍ରୀଡ଼ା ଆୟୋଜନ ହେବ । ଟେବୁଲ ଟେନିସ୍‌ରେ ଭାରତର ଜଣେ ଲେଖାଏଁ ବାଳକ ଓ ବାଳିକା ଖେଳାଳି ଭାଗନେବେ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍

**ଯୁବ ଅଲିମ୍ପିକ୍ସ**

(ଆଇଓଏ) ଘୋଷଣା କରିଛି । ଭାରତର ପ୍ରତିନିଧିତ୍ୱ କରିବାକୁ ଥିବା ଏକମାତ୍ର ବାଳକ ଖେଳାଳି ହେଲେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଓ ବାଳିକା ହେଲେ ପଶ୍ଚିମବଙ୍ଗର ସିଣ୍ଡ୍ରେଲା ଦାସ । ୨୦୧୮ ପରେ ଯୁବ ଅଲିମ୍ପିକ୍ସରେ ଭାଗନେବାରେ ସାର୍ଥକ ପ୍ରଥମ ଭାରତୀୟ ।



ସୂଚନାଯୋଗ୍ୟ. ୨୦୨୫ରେ ବାହାରେନ୍‌ରେ ଆୟୋଜିତ ଯୁବ ଏସୀୟ କ୍ରୀଡ଼ାରେ ସାର୍ଥକ-ସିଣ୍ଡ୍ରେଲା ମିକ୍ସଡ୍ ଡବଲ୍‌ସ କାଂସ୍ୟପଦକ ଜିତିଥିଲେ । ଯୁବ ଏସୀୟ କ୍ରୀଡ଼ାରେ ଏହା ଭାରତର ପ୍ରଥମ ପଦକ ଥିଲା । ପରେ ସାର୍ଥକ ବିଭିନ୍ନ ଆନ୍ତର୍ଜାତିକ ଇଭେଣ୍ଟରେ ଖେଳି ଦେଶ ପାଇଁ ପଦକ ଜିତିଛନ୍ତି । ବର୍ତ୍ତମାନ ହିମାଚଳ ପ୍ରଦେଶରେ ତାଲିମ ନେଉଥିବା ଓଡ଼ିଶାର ସାର୍ଥକ ଆର୍ଯ୍ୟ ଦେଶରେ ୧୭ ବର୍ଷରୁ କମ୍ ବର୍ଗରେ ୧ନଂ ମାନ୍ୟତା ପାଇଛନ୍ତି ଏବଂ ତାଙ୍କ ବିଶ୍ୱ ମାନ୍ୟତା ହେଉଛି ୨୮ । ଡାକାର୍ ଯୁବ ଅଲିମ୍ପିକ୍ସରେ ଖେଳିବା ପୂର୍ବରୁ ସାର୍ଥକ ଓ ସିଣ୍ଡ୍ରେଲା ଚୀନର ସାଂଘାଇରେ ଅଗଷ୍ଟ ୧ରୁ ୧୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରସ୍ତୁତି ଶିବିରରେ ଯୋଗଦେବେ । ଏହାର ସମସ୍ତ ଖର୍ଚ୍ଚ ଆନ୍ତର୍ଜାତିକ ଟେବୁଲ ଟେନିସ୍ ମହାସଂଘ (ଆଇଟିଟିଏଫ୍) ବହନ କରିବ । ଏପରି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ଆସୋସିଏସନ୍‌ର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ସାର୍ଥକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ■ କିଟ୍ ଆଥଲେଟ୍‌ଙ୍କ ଚମତ୍କାର ପ୍ରଦର୍ଶନ

## ଜାତୀୟ ପ୍ରତିଯୋଗିତାରେ ଜିତିଲେ ୨୭ଟି ପଦକ

ଭୁବନେଶ୍ୱର,୨୯ ।୬(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜୁନ୍ ୨୪ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ସମୁଦାୟ ୨୭ଟି ପଦକ ହାସଲ କରିଛନ୍ତି । ଏଥିମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସାମିଲ ଅଛି । ଲମ୍ବ ଡେଇଁରେ ଚମତ୍କାର ପ୍ରଦର୍ଶନ ପାଇଁ ଶ୍ରୀ ଶଙ୍କର ମୁରୁଲିଙ୍କୁ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ଏବଂ ଆନ୍ସି ସୋଜନଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ୍ ଭାବେ ସମ୍ମାନିତ କରାଯାଇଛି । ଆନ୍ସି ସୋଜନ ଏହି ପ୍ରତିଯୋଗିତାରେ ଏକ ନୂତନ ଜାତୀୟ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି । ଅନିମେଶ କୁଜୁର ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ଜିତିଥିବା ବେଳେ ସୀମା ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ଜ୍ୟୋତି ୟାରାଜି, ପାରୁଲ ଚୌଧୁରୀ, ତେଜସ ଶିର୍ଷେ, ୟଶାସ ପି, ପ୍ରବୀଣ ଚିତ୍ରାଭେଲ, ପ୍ରାଚୀ, ଅନୁ ରାନୀ ଏବଂ ଓଡ଼ିଶାର ଅମିୟ ମଲ୍ଲିକ, ଲାଲୁ ପ୍ରସାଦ ଭୋଇ ଓ ଦୋନ୍ଦାପାଟି ଜୟରାମ (୪ ଗୁଣା ୧୦୦ ମିଟର ରିଲେ) ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । କ୍ରୀଡ଼ାବିତ୍‌ମାନଙ୍କର ଏହି ଗୌରବମୟ ସଫଳତା ପାଇଁ କିଟ୍, କିସ୍ ଏବଂ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପଦକ ବିଜେତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS